

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-171 ♦WEDNESDAY ♦17 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୭୧ ♦ବୁଧବାର ♦୧୭ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ‘ମନରେଗା’ର ନାମ ପରିବର୍ତ୍ତନ

# ସଂସଦରେ ହଙ୍ଗାମା



■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦୂରୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମନରେଗା ସ୍କିମର ନାମ ପରିବର୍ତ୍ତନକୁ ନେଇ ବିରୋଧୀ ଦଳ ଆଜି ସଂସଦ ଭିତରେ ଓ ବାହାରେ ପ୍ରବଳ ହଙ୍ଗାମା

### ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନକୁ ସହିବୁ ନାହିଁ: ବିରୋଧୀ

### ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରୁଛନ୍ତି ମୋଦୀ ସରକାର: ମନ୍ତ୍ରୀ

### ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ

କରିଛନ୍ତି। ଏହା ବଦଳରେ ଆସିବାକୁ ଥିବା ନୂଆ ସ୍କିମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯାଇ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ଆଜୀବିକା ମିଶନ୍ (ଗ୍ରାମୀଣ) ‘ଭିବି ଜି ରାମ୍ ଜି’ କରାଯାଇଥିବାରୁ ସେମାନେ ସରକାରଙ୍କର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ଜାତିର ପିତାଙ୍କ ପ୍ରତି ଅପମାନ ବୋଲି କହିଛନ୍ତି। ଆଜି ଲୋକସଭାରେ ସରକାର ଏସଂକ୍ରାନ୍ତ ବିଲ୍ ଆଗତ କରିବା ମାତ୍ରେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ବିଲ୍ ଆଗତ କରିବା ସହିତ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ। ସେ କହିଥିଲେ ଯେ ମୋଦୀ ସରକାର ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ବିଶ୍ୱାସ କରିବା ସହିତ ଏହାର ଅନୁକରଣ ମଧ୍ୟ କରୁଛନ୍ତି। ଗ୍ରାମାଞ୍ଚଳ ବିକାଶ ପାଇଁ ପୂର୍ବ ସରକାର ଯାହା କରିଥିଲେ ତାଠାରୁ ଅଧିକ ବିକାଶ କରିଛନ୍ତି ମୋଦୀ ସରକାର। କିନ୍ତୁ ବିରୋଧୀ ଦଳର ସଭ୍ୟମାନେ କିଛି ଶୁଣିନଥିଲେ। ସେମାନେ ଏହାର ଦୃଢ଼ ବିରୋଧ କରିବା ସହିତ ଅଧିକ ତର୍ଜମା ପାଇଁ ସଂସଦୀୟ କମିଟିକୁ ପଠାଇବା ଲାଗି ଦାବି କରିଥିଲେ। ସେମାନେ ହାତରେ ଗାନ୍ଧୀଙ୍କ ଫଟୋ ଧରି ସରକାରଙ୍କ ନୂଆ ଉଦ୍ୟମର ପ୍ରତିବାଦ କରିଥିଲେ।

ଏହାପରେ ବିରୋଧୀ ଦଳର ସଭ୍ୟମାନେ ସଂସଦ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସି ଧାରଣା ଦେଇଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ଡିଏମକେର ଟିଆର ବାଲୁ, ▶ପୃଷ୍ଠା-୭

# ଅଲୋଡ଼ା ରେକର୍ଡ: ‘ଟଙ୍କା’ର ଅବମୂଲ୍ୟାୟନ ସର୍ବାଧିକ

## ୧ ଡଲାର୍ = ୯୧.୦୭ ଟଙ୍କା



### ବର୍ଷକରେ ଟଙ୍କା ମୂଲ୍ୟ ୬%ରୁ ଅଧିକ ଖସିଛି

■ ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଦୁର୍ବଳ ହେଉଛି ଭାରତୀୟ ମୁଦ୍ରା ‘ଟଙ୍କା’। ‘ଟଙ୍କା’ ଅବମୂଲ୍ୟାୟନ ଧାରା ଆଜି ବି ଜାରି ରହିଛି। ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ପ୍ରଥମ ଥର ପାଇଁ ୯୧ ଟଙ୍କା ସ୍ତରରେ ପହଞ୍ଚିଛି। ଏମିତିକି ଭାରତୀୟ ଟଙ୍କା ଚଳିତ ବର୍ଷ ଏସିଆରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଜାନୁଆରୀରୁ ଡିସେମ୍ବର ୧୫ ମଧ୍ୟରେ ଟଙ୍କା ମୂଲ୍ୟରେ ସର୍ବାଧିକ ୬ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ତେବେ ଏଥିରେ କୌତୂହଳର ବିଷୟ ହେଉଛି ଯେ, ପଡୋଶୀ ପାକିସ୍ତାନ, ବାଙ୍ଗଲାଦେଶ ଏବଂ ଶ୍ରୀଲଙ୍କା ମୁଦ୍ରା ତୁଳନାରେ ମଧ୍ୟ ଟଙ୍କା ୨୦୨୫ରେ ସବୁଠାରୁ ଖରାପ ପ୍ରଦର୍ଶନ କରିଛି। ଅର୍ଥାତ୍ ୨୦୨୫ରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ଘଟିଛି।

ଭାରତର ରପ୍ତାନି ସହ ପ୍ରତିଯୋଗିତା କରୁଥିବା ପ୍ରମୁଖ ଏସୀୟ ଦେଶଗୁଡ଼ିକର ମୁଦ୍ରା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ଭାରତୀୟ ଟଙ୍କା, ଭିଏତନାମ୍‌ର ଡଙ୍ଗ ଏବଂ ଇଣ୍ଡୋନେସିଆନ୍ ରୂପିୟା ଚଳିତ ବର୍ଷ ଡଲାର ତୁଳନାରେ ଅଧିକ ହ୍ରାସ ଘଟିଛି। ଅପରପକ୍ଷେ ଦକ୍ଷିଣ କୋରିଆର ମୁଦ୍ରା ୱାନ୍ ମୂଲ୍ୟ ତୁଳନାତ୍ମକ ଭାବରେ ସ୍ଥିର ରହିଥିବା ବେଳେ, ଚୀନ୍‌ର ୟୁଆନ୍, ସିଙ୍ଗାପୁର ଡଲାର, ଥାଇ ବାଟ ଏବଂ ମାଲେସିଆର ରିଙ୍ଗିଟ୍ର ସ୍ଥିତି ସୁଦୃଢ଼ ହୋଇଛି। ତେବେ ଯଦି ଆମେ ▶ପୃଷ୍ଠା-୭

**ଧଉଳି ଲଜ୍ଜା**

# ଜୋକର ହାପିର ପତ୍ତା ପାଉନି ପୁଲିସ

## ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ମହିଳା କମିଶନ ସଦସ୍ୟା

■ ଭୁବନେଶ୍ୱର, ୧୬।୧୨ (ସମିସ): ଦିନ ଯେତିକି ଗଡ଼ୁଛି ଧଉଳି ଗଣଦୁଷ୍କର୍ମ ଗୁମରର କଳା କାହାଣୀ ଧୀରେଧୀରେ ଖୋଲିବାରେ ଲାଗିଛି। ନାବାଳିକା ଯୁକ୍ତ ଦୁଇ ଛାତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଲୁଟପାଟ କରାଯିବା ସହ ଗଣଦୁଷ୍କର୍ମ କରାଗଲା। ଏପରିକି ଗଣଦୁଷ୍କର୍ମର ଭିଡ଼ିଓ ରେକର୍ଡିଂ କରାଗଲା, ପୁଲିସରେ ଅଭିଯୋଗ କଲେ ଭିଡ଼ିଓ ଭାଇରାଲ କରାଯିବାକୁ ଧମକ ଦିଆଗଲା। ଏହି ବୀଭତ୍ସ ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଅନୁରୂପ ▶ପୃଷ୍ଠା-୭

**ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ୍**

**ଅଭିଯୁକ୍ତଙ୍କ ନାମ ପ୍ରକାଶ କରିବାକୁ ପୁଲିସ ନାରାଜ**

## ସୀମା ଟପୁଛି ଅରାଜକତା: ନବୀନ



■ ଭୁବନେଶ୍ୱର, ୧୬।୧୨ (ସମିସ): ଧଉଳିରେ ଜନୈକ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଓ ବିଚଳିତ କରିଦେବା ପରି ବିଷୟ। ରାଜ୍ୟରେ ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ନବୀନ କହିଛନ୍ତି ଯେ ରାଜ୍ୟରେ ଅପରାଧୀ ଭୟଶୂନ୍ୟ ହେଉଛନ୍ତି, ▶ପୃଷ୍ଠା-୭

**ବିଶ୍ୱସନୀୟତା ହରାଉଛନ୍ତି ରାଜ୍ୟର ବିଜେପି ସରକାର**

**ସମ୍ବେଦନହୀନ ଆଚରଣ ସରକାରଙ୍କ ଅପାରଗତା ଦର୍ଶାଉଛି**

**କାଳ ହେଲା ଘନ କୁହୁଡ଼ି; ୮ ବସ-୩ କାର୍ ଧକ୍କା**

# ୧୩ ଜୀବନ୍ତ ଦଗ୍ଧ; ୭୦ ଆହତ



■ ମଥୁରା, ୧୬।୧୨ (ଏଜେନ୍ସି): ଘନ କୁହୁଡ଼ି ଯୋଗୁଁ ଉତ୍ତର ପ୍ରଦେଶ ମଥୁରାର ଯମୁନା ଏକ୍ସପ୍ରେସୱେରେ ମଙ୍ଗଳବାର ବଡ଼ି ଭୋରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବଳଦେବ ଥାନା କ୍ଷେତ୍ରର ୧୨୭ ମାଇଲଷ୍ଟୋନ ନିକଟରେ ୮ ବସ୍ ଏବଂ ୩ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିଯୋଗୁଁ ଗାଡ଼ି ଗୁଡ଼ିକରେ ନିଆଁ ଲାଗି ବିଜେପି ନେତାଙ୍କ ସମେତ ୧୩ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୭୦ ଜଣ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ, ▶ପୃଷ୍ଠା-୭


KHIMJI TRUST SINCE 1936

KHIMJI® JEWELLERS SINCE 1936

90 YEARS OF KHIMJI LEGACY

ARRIVING @ JAJPUR ROAD

GRAND OPENING

20TH DECEMBER, 12 PM ONWARDS

BESIDE PANKAJ HOTEL, BANK STREET ROAD




11th SHOWROOM IN ODISHA | SPREAD ACROSS 6000 SQFT | JAJPUR ROAD'S ONLY ONE STOP JEWELLERY DESTINATION

90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road
BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JHARSUGUDA: Sarbahal Road, Marwari Para
PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

Follow us on: | 1800 3131 777 | Khimjijewellers.com

# ବଡ଼ଦିନ ଓ ନୂଆବର୍ଷରେ କେବଳ ସିଂହଦ୍ୱାରରେ ପ୍ରବେଶ

ପୁରୀ, ୧୬।୧୨(ସମିସ): ବଡ଼ଦିନ ଓ ନୂଆବର୍ଷରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ପଞ୍ଜିକ ସମୟରେ ଏହି ବ୍ୟବସ୍ଥା ଅନୁସାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଶୃଙ୍ଖଳିତ ହୋଇଥିଲା। ତେଣୁ ଭକ୍ତଙ୍କ ସୁବିଧା ପାଇଁ ଏହା କରାଯିବ ବୋଲି



ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆଜି ସୂଚନା ଦେଇଛନ୍ତି। ମଙ୍ଗଳବାର ସର୍କିଟ୍ ହାଉସ୍‌ଠାରେ ବଡ଼ଦିନ ଓ ନୂଆବର୍ଷ ସମୟରେ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାପାଳ ଶ୍ରୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ ବର୍ଷ ଶେଷ ସହ ଛୁଟି ଦିନ ରହୁଥିବାରୁ ବଡ଼ଦିନ ଓ ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଜନସମାଗମ ହେବ। ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିବାରୁ ମନ୍ଦିର ଭିତରେ ଓ ବାହାରେ ପାନୀୟ ଜଳ ପ୍ରଦାନ ବ୍ୟବସ୍ଥା କରାଯିବ। ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା, ସମୁଦ୍ର ନିକଟରେ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା, ଲାଇଫ୍‌ଗାର୍ଡ ମୁତୟନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୀତିକାନ୍ତି ନିର୍ଘଣ୍ଟ ସମୟରେ ପରିଚାଳନା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦିଆଯାଇଥିଲା।

ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହିଥିଲେ, ଅନ୍ୟ ଦିନମାନଙ୍କ ଅପେକ୍ଷା ଛୁଟିଦିନ ପଡୁଥିବାରୁ ବଡ଼ଦିନ ଓ ନୂଆବର୍ଷରେ ଅଧିକ ଗହଳି ସମ୍ଭାବନା ରହିଛି। ଆଇନଶୃଙ୍ଖଳା ରକ୍ଷା,

**ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ କରିବେ ଭକ୍ତ**

ପାର୍କିଂ, ଟ୍ରାଫିକ, ଧାଡ଼ିରେ ଥିବା ଶ୍ରଦ୍ଧାଳୁଙ୍କୁ ନିୟନ୍ତ୍ରଣ, ସମୁଦ୍ରକୂଳରେ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ପୁଲିସ ବିବିଧ ପଦକ୍ଷେପ ନେଇଛନ୍ତି। ଶ୍ରଦ୍ଧାଳୁଙ୍କୁ ସୂଚନା ପ୍ରଦାନ ଓ ସଚେତନତା ପାଇଁ ସାଇନଏଜ ବିଭିନ୍ନ ସ୍ଥାନରେ ଲଗାଯିବ। ତେବେ ନୀତି ଠିକ୍ ସମୟରେ ସମ୍ପାଦନ ପାଇଁ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ସଚିନ ପାଟିଲ, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗ ଦେଇଥିଲେ।

# ୨ ଦିନ ଘନ କୁହୁଡ଼ି

ଭୁବନେଶ୍ୱର,୧୬ ।୧୨(ସମିସ): ରାଜ୍ୟରେ ଶୀତର ପ୍ରଭାବ ଜାରି ରହିଛି। ଉପକୂଳ ଅପେକ୍ଷା ଆଭ୍ୟନ୍ତରରେ ଅପେକ୍ଷାକୃତ ଶୀତର ପ୍ରଭାବ ଅଧିକ ରହିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ରାଜ୍ୟରେ ଗତ ଦୁଇଦିନ ହେବ ଶୀତ ସାମାନ୍ୟ କମ୍ ରହିଥିବା ବେଳେ ଆଭ୍ୟନ୍ତରୀଣ

- ସତର୍କ କରାଇଲା ପାଣିପାଗ କେନ୍ଦ୍ର
- ୭ ଦିନ ଯାଏ ଶୀତରୁ ନିସ୍ତାର ନାହିଁ

ଓଡ଼ିଶାର ଅନେକ ସ୍ଥାନରେ ଏବେ ବି ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ କମ୍ ରହିଛି। ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଛି। ଏଠାରେ ତାପମାତ୍ରା ୫.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଫୁଲବାଣୀରେ ୭ ଡିଗ୍ରୀ ସହ ବୌଦ୍ଧରେ ୯.୫, ଝାରସୁଗୁଡ଼ାରେ ୯.୮ ଓ ନବରଙ୍ଗପୁରରେ ତାପମାତ୍ରା ୮.୮ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ନେଇ ଆଶଙ୍କା କରାଯାଇଛି। କିଛି ସ୍ଥାନରେ ଦୃଶ୍ୟମାନ ଦୂରତା କମିଯିବାର ଆଶଙ୍କା ଥିବା ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ, ଗତ ୨୪ ଘଣ୍ଟାରେ ୫ଟି ସ୍ଥାନରେ ଘନକୁହୁଡ଼ି ପରିଲିକ୍ଷିତ ହୋଇଥିବା ବେଳେ ରାଉରକେଲାରେ ମାତ୍ରାଧିକ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି ବୋଲି ପାଣିପାଗ କେନ୍ଦ୍ର କହିଛି।

# ନିଷ୍କ୍ରିୟ ସମବାୟ ସମିତିକୁ ପୁନରୁଦ୍ଧାର ପ୍ରସଙ୍ଗରେ ରୁଜୁ ମାମଲା ହାଇକୋର୍ଟରେ ଖାରଜ

କଟକ, ୧୬ ।୧୨(ସମିସ): ନିଷ୍କ୍ରିୟ ତଥା ରୁଗ୍ଣ ସମବାୟ ସମିତିକୁ ସକ୍ରିୟ ତଥା ପୁନରୁଦ୍ଧାର କରିବାକୁ ପ୍ରାର୍ଥନା କରି ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ନିଷ୍କ୍ରିୟ ସମିତିକୁ ପୁନରୁଦ୍ଧାର ସରକାରଙ୍କ ନୀତି ଅନ୍ତର୍ଗତ ବୋଲି ହାଇକୋର୍ଟ କହିବା ସହ ମାମଲା ଶୁଣାଣିକୁ ଅଗ୍ରାହ୍ୟ କରିଦେଇଛନ୍ତି। ପରମେଶ୍ୱର ଦାଶଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲା ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ସମବାୟ ଆଇନର ଧାରା ୪୦ ଅନୁସାରେ ନିଷ୍କ୍ରିୟ ସମିତିକୁ ସକ୍ରିୟ କରିବା ପାଇଁ ସରକାର ବାଧ୍ୟ ନୁହନ୍ତି। ଯେଉଁ ସମିତିଗୁଡ଼ିକ ଲିକ୍ୱିଡେଟ୍ ହେଇଯାଇଛନ୍ତି, ସେମାନେ ଧାରା-୭୩ ଅନୁସାରେ ଅପିଲ କରିପାରିବେ। ଏଣୁ ଏଭଳି ପିଟିସନ୍ ଭିତ୍ତିହୀନ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

ମାମଲାରୁ ପ୍ରକାଶ ଯେ, ଓସିଏସ୍ ଆଇନର ଧାରା-୪୦ ଅନୁଯାୟୀ ସୁପ୍ତ ସମବାୟ ସମିତିଗୁଡ଼ିକର ପୁନରୁଦ୍ଧାର ଏବଂ ଜନସାଧାରଣଙ୍କ ବୃହତ୍ତର ହିତ ପାଇଁ ସମସ୍ତ ଆରଏମସିର ଆଇନଗତ କାର୍ଯ୍ୟ। ଗତ ପ୍ରାୟ ୨୫ବର୍ଷ ମଧ୍ୟରେ କୃଷି ସମବାୟ ସମିତି ବ୍ୟତୀତ ଅନ୍ୟ ସମସ୍ତ ସମବାୟ ସମିତିଗୁଡ଼ିକ ନିୟମିତ ମାସିକ ତଦାରଖ ଅଭାବ ଓ ଭୁଲ୍ ପରିଚାଳନା ଯୋଗୁଁ ନିଷ୍କ୍ରିୟ ହୋଇପଡ଼ିଛି। ପ୍ରାଥମିକ କାର୍ଡ ବ୍ୟାଙ୍କସ୍ତରରେ ୧୬୪ କୋଟି ଟଙ୍କା ଏବଂ ପ୍ରାଥମିକ ଗୃହ ନିର୍ମାଣ ସମବାୟ ସମିତିସ୍ତରରେ ୪୦ କୋଟି ଟଙ୍କା ଋଣ ବକେୟା ଅସନ୍ତୁଳିତ ହୋଇ ରହିଛି। ଏଣୁ ରୁଗ୍ଣ ସମବାୟ ସମିତିଗୁଡ଼ିକ ପୁନରୁଦ୍ଧାର କରିବାକୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଥିଲା।

**ଅଗଷ୍ଟ ୧୫ ଜାତୀୟ ପତାକା ଅସମ୍ମାନ ଘଟଣା**

# ଦୁଇଜଣଙ୍କୁ ୨ବର୍ଷ ଲେଖାଏଁ ଜେଲ୍

ରାଜନଗର, ୧୬।୧୨ (ସମିସ): ୨୦୦୪ ସ୍ୱାଧୀନତା ଦିବସରେ ଜାତୀୟ ପତାକାକୁ ଅସମ୍ମାନ ଘଟଣାର ରାୟ ଦୀର୍ଘ ୨୧ ବର୍ଷ ପରେ ଆଜି ପ୍ରକାଶ ପାଇଛି। ଏହି ଘଟଣାରେ ରାୟ ଆସିବା ବେଳକୁ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଦୁଇବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଦ୍ୱୟ ହେଲ, ଏସ୍.କେ ଆଇବୁଉଦିନ ଓ ଏସ୍.କେ ନାସିରୁଦ୍ଦିନ। ଅନ୍ୟତମ ଅଭିଯୁକ୍ତ ଏସ୍.କେ ମଇଉଦ୍ଦିନଙ୍କ ମୃତ୍ୟୁ ହୋଇସାରିଛି। ସେହିପରି ୩ଜଣ ମହିଳାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ରାଜନଗର ଜେଏମ୍‌ଏଫ୍‌ସିର ନ୍ୟାୟଧୀଶ ଶିବାନୀ ମିଶ୍ର ମାମଲାର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ରାଜନଗର ବ୍ଲକ୍ କୃଷ୍ଣନଗର ପଞ୍ଚାୟତ କନକନଗର ବୀଣାପାଣି ପ୍ରାଥମିକ ବିଦ୍ୟାଳୟରେ ୨୦୦୪ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସକାଳ ସାଢ଼େ ୭ଟାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ସରିବା ପରେ ହଠାତ୍ ବିଦ୍ୟାଳୟ କ୍ୟାମ୍ପସକୁ ୬ଜଣ ପ୍ରବେଶ କରିଥିଲେ। ପ୍ରଧାନଶିକ୍ଷକଙ୍କୁ ପତାକା ଉତ୍ତୋଳନ ହୋଇଥିବା ବାଉଁଶ ଉପାଡ଼ିବାକୁ କହିଥିଲେ। ପ୍ରଧାନ ଶିକ୍ଷକ ଏହା ନ କରିବାରୁ ଅଭିଯୁକ୍ତମାନେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ପତାକା ଲାଗିଥିବା ବାଉଁଶ ଉପାଡ଼ି ଫିଙ୍ଗିବା ସହ ଜାତୀୟ ପତାକାକୁ ଗୋଡ଼ରେ ଦଳି ଦେଇଥିଲେ। ଏହି ଘଟଣା ଜାତୀୟସ୍ତରରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା। ବିଦ୍ୟାଳୟର ଇନ୍‌ଚାର୍ଜ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ଆଇନଜୀବୀ ନଳିନୀକାନ୍ତ ମଙ୍ଗରାଜ ଏହି ମାମଲା ପରିଚାଳନା କରୁଥିଲେ।

# ୨୦ କୋଟି ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର,୧୬।୧୨(ସମିସ): ନିବେଶ ଆଳରେ ୨୦ କୋଟି ଟଙ୍କା ଠକିବା ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) କେନ୍ଦୁଝରଜିଲା ଆନନ୍ଦପୁର ଥାନା ଅଞ୍ଚଳରର ଚନ୍ଦ୍ରଶେଖର ସାହୁ ଓ ତାଙ୍କ ପତ୍ନୀ ଝରଣା ସାହୁଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରିଛି। ଶୁକ୍ରବାର ଗ୍ରେଟର ନୋଇଡା ଅଞ୍ଚଳର ଗୌତମବୁଦ୍ଧ ନଗରରୁ ଏହି ଠକ ଦମ୍ପତିଙ୍କୁ ଇଓଡବ୍ଲ୍ୟୁ ଗିରଫ କରାଯାଇଥିବ।। ସୂଚନା ଦେଇଛି ପୁଲିସ । ଉଭୟଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଉଭୟଙ୍କୁ ଚାଲାଣ କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କ ଠାରୁ ମାମଲା ସମ୍ପର୍କିତ ବହୁ କାଗଜପତ୍ର ଜବତ କରାଯାଇଛି। ଘଟଣାରେ ଇଓଡବ୍ଲୁ ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ତାଳଚେରସ୍ଥିତ ଏମ୍‌ସିଏଲ୍ , କର୍ମଚାରୀ ଜୟନ୍ତ ମିଶ୍ର ଅଭିଯୁକ୍ତ ଚନ୍ଦ୍ରଶେଖରଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ। ଚନ୍ଦ୍ରଶେଖରଙ୍କ କମ୍ପାନୀରେ ୨୦୨୪ ଫେବୃଆରୀ ଯାଏ ସେ ୧ କୋଟି ୫ ଲକ୍ଷ ଟଙ୍କା ନିବେଶ କରି ଆଉ ପାଇ ନ ଥିଲା। ଜୟନ୍ତଙ୍କ ଏତଲାକ୍ରମେ ଇଓଡବ୍ଲୁ ଡିସେମ୍ବର ୮ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡିଥିଲା ଚନ୍ଦ୍ରଶେଖର ପୂର୍ବରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ପରେ ଚାକିରି ଛାଡି ୨୦୨୧ରେ ନିଜ କମ୍ପାନୀ ଏମ୍/ଏସ ଇଭୋରିଚ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିଃ ଖୋଲିଥିଲେ। ସ୍ତ୍ରୀ ଝରଣା କମ୍ପାନୀର ଡିରେକ୍ଟର ରଖିବା ସହ ନିଜେ ପରିଚାଳନା ନିର୍ଦ୍ଦେଶକ



ହୋଇଥିଲେ। ପରେ ଭୁବନେଶ୍ୱର ପଟିଆରେ ଅନ୍ୟ ଏକ ଅଫିସ୍ ଖୋଲିଥିଲେ। କମ୍ପାନୀର ବିଭିନ୍ନ ଯୋଜନାରେ ଟଙ୍କା ନିବେଶ କରିବାକୁ ଏହି ଦମ୍ପତି ଲୋକମାନଙ୍କୁ ପ୍ରଲୋଭିତ କରିଥିଲେ । ୩୦ ମାସରେ ଟଙ୍କା ଦୁଇଗୁଣା ହୋଇଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ରିଏଲ୍ ଇଷ୍ଟେଟ୍, ରିଟେଲ୍ ମାର୍ଟ, ଓ ହୋଟେଲ ବ୍ୟବସାୟ ଆଦିରେ ଟଙ୍କା ନିବେଶ ହେବ ବୋଲି କହିଥିଲେ। ଅଭିଯୁକ୍ତଦ୍ୱୟଙ୍କ କଥାରେ ପଡି କେବଳ ଓଡ଼ିଶା ସମେତ ବେଙ୍ଗାଲୁରୁ, ମାଡ୍ରାସ୍, ଦିଲ୍ଲୀ ଆଦିର ଲୋକମାନେ ନିବେଶ କରିଥିଲେ ପ୍ରଥମ କିଛି ମାସ ନିବେଶକାରୀଙ୍କୁ ଲାଭ ଟଙ୍କ ଦେଇ କମ୍ପାନୀ ଅଫିସକୁ ବନ୍ଦ କରି ଠକ ଦମ୍ପତି ଫେରାର ହୋଇଯାଇଥିଲେ। ଚନ୍ଦ୍ରଶେଖର କମ୍ପାନୀରେ ନିବେଶ ବ୍ୟତୀତ ଅନ୍ୟାନ୍ୟ କମ୍ପାନୀରେ ସେୟାର ଟ୍ରେଡ଼ିଂ ନାଁରେ ମଧ୍ୟ ଟଙ୍କା ନେଇଥିଲେ ଅଭିଯୁକ୍ତମାନେ ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ନେଇଯାଇଥିଲେ। ଏହିଭଳି ଭାବେ ପ୍ରାୟ ୧୦୦ ଜଣ ନିବେଶକକାରୀ ମୋଟ ୨୦ କୋଟି ଟଙ୍କା ହରାଇଥିବା ଅଭିଯୋଗ ହୋଇଥିଲା ।

# ଜେଲ୍‌ଫେରନ୍ତାକୁ ଏନ୍‌କାଉଣ୍ଟର୍

## ଦୁର୍ଦ୍ଦାନ୍ତ ବୁଦ୍ଧିଆ ଘାଇଲା; ଗୋଡ଼ରେ ବାଜିଛି ଗୁଳି

ଭଦ୍ରକ, ୧୬।୧୨ (ସମିସ): ଭଦ୍ରକ ଟାଉନ୍ ଥାନା ଅଧୀନ ଚରମ୍ପା ମାଲଗୋଦାମ ନିକଟରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଦୁର୍ଦ୍ଦାନ୍ତ ଅପରାଧୀ କମଳାକାନ୍ତ ଦାସ ଓରଫ୍ ବୁଦ୍ଧିଆ ଘାଇଲା ହୋଇଛି। ଆଜି ସକାଳେ ଭଦ୍ରକ ଟାଉନ୍ ପୁଲିସ

- ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି କରିଥିଲା
- ରାଜ୍ୟ ଓ ରାଜ୍ୟ ବାହାରେ ଅଛି ଏକାଧିକ ଅପରାଧିକ ମାମଲା

ତାକୁ ଏନ୍‌କାଉଣ୍ଟର୍ କରିଛି। ତା' ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ପୁଲିସ ତାକୁ ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଦ୍ଧିଆ ଜଣେ ପେସାଦାର ଅପରାଧୀ। ବହୁ ସଂଗିନ୍ ଅପରାଧରେ ସେ ଜଡ଼ିତ। ୨ଦିନ ତଳେ ସେ ମୂଳିସିଂହ ଜେଲରୁ ବାହାରିଥିଲା। ତା' ନିକଟରୁ ବ୍ୟବହୃତ ବନ୍ଧୁକକୁ ପୁଲିସ ଜବତ କରିଛି ବୋଲି ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି।

ପୁଲିସ ସୂଚନାନୁଯାୟୀ, ବୁଦ୍ଧିଆର ଘର ବାଲେଶ୍ୱର ଜିଲ୍ଲା ସୋର ତୁଡ଼ିଗଡ଼ିଆ ଅଞ୍ଚଳରେ। ୨ଦିନ ତଳେ ସେ ଜେଲ୍‌ରୁ ବାହାରିବା ପରେ ଭଦ୍ରକ ବଜାରରେ ଥିବା ଏକ ସୁନା ଦୋକାନ ଲୁଟ୍ କରିବାକୁ ବୁଦ୍ଧିଆ ଯୋଜନା କରୁଥିବା ନେଇ ପୁଲିସ ଆଗୁଆ ଖବର ପାଇଥିଲା। ଲୁଟ୍ ପାଇଁ ଚରମ୍ପା ଅଞ୍ଚଳରେ ଏକ ନମ୍ବର ବିହୀନ କଳା ପଲ୍‌ସରରେ ସେ ଯାଉଥିବା ବେଳେ ପୁଲିସ ପିଛା କରିଥିଲା। ଏହି ସମୟରେ ସେ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲା।



ଜବାବରେ ପୁଲିସ୍ ତାକୁ ଏନ୍‌କାଉଣ୍ଟର୍ କରିଥିଲା। ବୁଦ୍ଧିଆ ନାମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କଟକ ଜିଲ୍ଲାର ବିଭିନ୍ନ ଥାନାରେ ୨୦ରୁ ଅଧିକ ଲୁଟ୍, ଡକାୟତି, ଗୁଳିକାଣ୍ଡ ଭଳି ଜଘନ୍ୟ ଅପରାଧିକ ମାମଲା ରହିଛି। ଏପରିକି, ମୁମ୍ବଇ, ବେଙ୍ଗାଲୁରୁ ଓ ବିହାରରେ ସେ ଡକାୟତି ଗ୍ୟାଙ୍ଗ୍‌ରେ ସକ୍ରିୟ ଥିଲା ବୋଲି କୁହାଯାଉଛି। ବୁଦ୍ଧିଆର ଜଣେ ଭିଣୋଇ ତା'ର ଏହି ଅପରାଧିକ ମାମଲାରେ ସହଯୋଗ କରୁଛି ବୋଲି ସୂଚନା ମିଳିଛି। ପୁଲିସ ତାକୁ ତଦନ୍ତ ପରିସରକୁ ଆଣିବ ବୋଲି ଏସ୍‌ପି ମନୋଜ ରାଉତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ବାଘଛାଲ ଜବତ; ୩ ଗିରଫ



ହରଭଙ୍ଗା, ୧୬ ।୧୨(ସମିସ): ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ଫରେଷ୍ଟ ରେଞ୍ଜର କୋଲୋନୀ ସାହି ଛକ ନିକଟରୁ ବନ ବିଭାଗ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପୁରୁଣାକଟକ ଥାନା ବଦଲାଗ୍ରାମର ଜୟ ନାୟକ(୫୧), ବାରିଙ୍ଗ ଗ୍ରାମର ପ୍ରେମ କୁମାର ଦୀପ(୩୫) ଏବଂ ମାଧପୁର କୋଲୋନୀସାହର ବିଶିକେଶନ କହଁର(୫୦)। ସୋମବାର ବିଳମ୍ବିତ ରାତିରେ ମାଧପୁରସ୍ଥିତ କୋଲୋନୀ ସାହି ଛକ ନିକଟରେ ଜୟ ଏକ ଜରି ବସ୍ତାରେ ଗୋଟିଏ ବାଘଛାଲ ଧରି ଅନ୍ୟ ଦୁଇ ସହଯୋଗୀ ସହ ମିଶି ବିକ୍ରି ପାଇଁ ମସୁଧା ଚଳାଇଥିଲେ। ସୂଚନା ପାଇ ବନ ବିଭାଗ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଏବଂ ମାଧପୁର ବନ ବିଭାଗ ମିଳିତ ଭାବେ ସେଠାରେ ଚଢ଼ଉ କରିଥିଲା। ଏହି ଘଟଣାରେ ମାଧପୁର ଫରେଷ୍ଟ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇଛି ବୋଲି ରେଞ୍ଜ ଅଫିସର୍ ଆଶିକ ଦିଗାଲ ସୂଚନା ଦେଇଛନ୍ତି। ଫରେଷ୍ଟର୍ ଭକ୍ତବତ୍ସଳ ମଲ୍ଲିକ, ବନରକ୍ଷୀ ମଞ୍ଜୁଲତା ସାହୁ, ଗୀତା ଏକ୍କା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

# ମଦ ପିଇ କୋର୍ଟ ପରିସରରେ କଏଦୀ ଗୁରୁତର

କୋଦଳା, ୧୬ ।୧୨(ସମିସ): ମାମଲାର ଶୁଣାଣି ପାଇଁ ପୁଲିସ ସୁରକ୍ଷାରେ ଜେଲ୍‌ରୁ କୋର୍ଟକୁ ଆସିଥିବା ଜଣେ ହତ୍ୟା ଅଭିଯୁକ୍ତ ମଦ ପିଇ ଗୁରୁତର ହେବା ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ କୋର୍ଟ ପରିସରରେ ଆଜି ଏହି ଅଭାବନୀୟ ଘଟଣା ଘଟିଛି। ଅଭିଯୁକ୍ତଜଣଙ୍କ ହେଲା, ଗଞ୍ଜାମ ପୁରୁଷୋତ୍ତମପୁର ଥାନା ସିକୁଳା ଗ୍ରାମର ଅଭିଯୁକ୍ତ ନିରଞ୍ଜନ ମହାରଣା। ପ୍ରଚୁର ମଦ୍ୟପାନ ଯୋଗୁଁ ନିରଞ୍ଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ବାନ୍ତି କରିବା ପାଇଁ ଔଷଧ ଦିଆଯିବା ସହ ଚିକିତ୍ସା କରାଯାଇଥିଲା। ପୁଲିସ ଉପସ୍ଥିତିରେ ନିରଞ୍ଜନ କେଉଁଠୁ ମଦ ଆଣି ପିଇଲେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



ସୂଚନାନୁଯାୟୀ, ନିରଞ୍ଜନ ଏକ ହତ୍ୟା ଅଭିଯୋଗରେ କୋଦଳା ଉପ-କାରାଗାରରେ ବିଚାରାଧୀନ ବନ୍ଦୀ ଅଛନ୍ତି। ଆଜି ଖଲ୍ଲିକୋଟ କୋର୍ଟରେ ତାଙ୍କର ମାମଲାର ଶୁଣାଣି ଥିଲା। ପୁଲିସ ସୁରକ୍ଷା ବଳୟରେ ତାଙ୍କୁ କୋର୍ଟକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ପ୍ରଚୁର ମଦ୍ୟପାନ ଯୋଗୁଁ ତାଙ୍କର ଏପରି ଅବସ୍ଥା ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ବାନ୍ତି କରିବା ପାଇଁ ଔଷଧ ଦିଆଯିବା ସହ ଚିକିତ୍ସା କରାଯାଇଥିଲା। ତେବେ କୋଦଳା ଉପ-କାରାଗାର ଅଧକ୍ଷଙ୍କୁ ପଚାରିବାରୁ ମଦ ପିଇବା ଘଟଣାକୁ ସେ ଏଡ଼ାଇ ଦେଇଛନ୍ତି। ଏହାର ତଦନ୍ତ କରି ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଇଛି। ସେପଟେ ଅଭିଯୁକ୍ତଙ୍କୁ ନେଇଥିବା ପୁଲିସ ଏସ୍କର୍ଟ କର୍ମଚାରୀମାନଙ୍କୁ ପଚରାଉଚରା କରାଯିବାକୁ ଦାବି ହୋଇଛି।

# ମୋକିମଙ୍କ ଚିଠି ଲେଖିଛନ୍ତି ବିଜେପି ନେତା: ଭକ୍ତ

ଭୁବନେଶ୍ୱର,୧୬ ।୧୨(ସମିସ): ଦିଲ୍ଲୀରୁ ଫେରି କଂଗ୍ରେସରୁ ବହିଷ୍କୃତ ନେତା ମହମ୍ମଦ ମୋକିମଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ବିମାନବନ୍ଦରରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭକ୍ତ କହିଛନ୍ତି ଯେ ମୋକିମଙ୍କ ଚିଠି ପଛରେ ବିଜେପିର ଡ୍ରାଫ୍ଟ ରହିଛି। ମୋକିମ ବାବୁ ଥରେ ଦଳରୁ ବହିଷ୍କୃତ ହୋଇଥିଲେ,ଏହାର



- ସୋଫିଆ ତାଙ୍କ ଭବିଷ୍ୟତ ସିଏ ସ୍ଥିର କରିବେ
- ନେତୃତ୍ୱ ନେଲେ ସବୁ ସହିବାକୁ ପଡ଼ିବ: ଜୟଦେବ ଜେନା

କାରଣ ମୁଁ କହିବି ନାହିଁ। ମୁଁ ପ୍ରଚାର କମିଟି ଅଧ୍ୟକ୍ଷ ହେଲା ପରେ ସେ ଦଳ ପାଇଁ ଆସେଟ ହେବେ ଭାବି ତାଙ୍କୁ ଫେରାଇ ଆଣିଥିଲି। ହେଲେ ସେ ସୋନିଆ ଗାନ୍ଧୀଙ୍କୁ ଯେଉଁ ଚିଠି ଲେଖିଛନ୍ତି, ତାହା ସେ ନିଜେ ଲେଖିଲା ପରି ଲାଗୁନି। ଏହି ଚିଠିରେ ୩-୪ଟି ବିନ୍ଦୁରେ ରାଷ୍ଟ୍ରୀୟ ଦଳର ମାର୍ଗଦର୍ଶକ ଓ ନେତୃତ୍ୱକୁ ପ୍ରଶ୍ନ କରାଯାଇଛି। ଲାଗୁଛି ଯେମିତି ଏହି ଚିଠିଟି ବିଜେପିର ବଡ଼ ନେତୃତ୍ୱ ଡ୍ରାଫ୍ଟ କରିଛନ୍ତି। ପରିସ୍ଥିତିରେ ପଡ଼ି ସେ ଚିଠିରେ ଦସ୍ତଖତ କରି ପଠାଇଥିବେ। ତାଙ୍କୁ ପରିପ୍ରକାଶ କରିବା ପାଇଁ ବାଧ କରାଯାଇ ପାରିଥାଏ ବୋଲି ଭକ୍ତ କହିଛନ୍ତି। ଅନ୍ୟପଟେ ମୋକିମଙ୍କ ନୂଆ ଦଳ ଗଢ଼ିବା ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ, ସେ ଯେଉଁ ରାଜନୈତିକ ପଦକ୍ଷେପ ନେବେ ମୁଁ ଶୁଭକାମନା ଜଣାଉଛି। ଏହାସହିତ କଂଗ୍ରେସ ବିଧାୟିକା ତଥା ମୋକିମଙ୍କ ଝିଅ ସୋଫିଆ ଫିରଦୋସଙ୍କ ପ୍ରସଙ୍ଗରେ ଭକ୍ତ କହିଛନ୍ତି ଯେ, ସୋଫିଆ ଜଣେ ଉଦୀୟମାନ ଝିଅ। ତାଙ୍କ ଭବିଷ୍ୟତ ସିଏ ସ୍ଥିର କରିବେ। ଆମର ଆଶୀର୍ବାଦ ତାଙ୍କ ଉପରେ ଅଛି।

ଅନ୍ୟପଟେ ମୋକିମଙ୍କ ବହିଷ୍କାରକୁ ନେଇ ଏବେ ବି କଂଗ୍ରେସରେ ନେତାଙ୍କ ମଧ୍ୟରେ ଚର୍ଚ୍ଚା ଜାରି ରହିଛି। ଆଜି ଏହି ପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରତିକ୍ରିୟା ଦେଇ ନେତୃତ୍ୱ ନେଲେ ସବୁ ସହିବାକୁ ପଡ଼ିବ ବୋଲି କହିଛନ୍ତି। ସେ କହିଛନ୍ତି, ପିସିସି ସଭାପତି ହେଲେ ବହୁତ କିଛି ସହିବାକୁ ହେବ। ସମସ୍ତଙ୍କ କଥା ଶୁଣିବାକୁ ହେବ। ଅତି ବିଶୃଙ୍ଖଳା ନହେଲେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ ନୁହେଁ। ମୋକିମ ଯଦି ମଲ୍ଲିକାର୍ଜୁନ ଖଡ୍‌ଗେ କି ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇ ନଥାନ୍ତେ ତେବେ ଆଜି ଏପରି ପରିସ୍ଥିତି ହୋଇ ନଥାନ୍ତା। ମୁଁ ପିସିସି ସଭାପତି ଥିବା ବେଳେ ବହୁତ ନିର୍ଯାତନା ସହିଛି। ଅନେକ ବିଷକୁ ପିଇ ଦେଇଛି। ମୋକିମଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଅଛି। ଦଳ ପୁନର୍ବିଚାର କଲେ ସେ ପୁଣି ଫେରି ଆସିବେ। ସେ କଂଗ୍ରେସରେ ଅଛନ୍ତି ବୋଲି ଆଜି ବି ଦାବି କରିଛନ୍ତି। ସବୁ ମଣିଷର ସ୍ୱତନ୍ତ୍ର ପରିଚୟ ରହିଛି। ହାଇକମାଣ୍ଡ ଓ ତାଙ୍କ ଭିତରେ ଦୂରତା ହୋଇଯାଇଥିବାରୁ ସେ ତାଙ୍କ କଥା ଠିକ୍ ସେ ରଖି ପାରିଲେ ନାହିଁ। ଭକ୍ତ ଦାସ ତାଙ୍କ ତରିକାରେ ନେତୃତ୍ୱ ନେଉଛନ୍ତି। ଯାହା ଘଟିଛି ତାହା କଂଗ୍ରେସ ପାଇଁ ଦୁର୍ଘଟଣା ବୋଲି ଶ୍ରୀ ଜେନା କହିଛନ୍ତି।

**ମନ୍ତ୍ରୀ, ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ତେଜୁଛି ଅସନ୍ତୋଷ**

# ସୁଭଦ୍ରାରେ ଦିନକୁ ୨୭ ଟଙ୍କା, ବିଧାୟକଙ୍କୁ ଦିନକୁ ୧୨ ହଜାର

ଭୁବନେଶ୍ୱର,୧୬ ।୧୨(ସମିସ): ରାଜ୍ୟରେ ବିଧାୟକ ଓ ମନ୍ତ୍ରୀଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ଜନ ଆନ୍ଦୋଳନ ତେଜିବାରେ ଲାଗିଛି। ସୋମବାର ସିପିଆଇ(ଏମ୍) ରାଜ୍ୟପାଳଙ୍କୁ ଭେଟି ଏହି ବିଲ୍ ଫେରାଇ ଦେବାକୁ ଦାବି କରିଥିବା ବେଳେ ଆଜି ଆଉ କେତେକ ସଂଗଠନ ଏହି ବିଲ୍ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ପୂର୍ବାହ୍ନ ୧୦.୩୦ ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଉପଲକ୍ଷେ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକଠାରେ ପହଞ୍ଚିବା ପରେ ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବକ୍ତବ୍ୟ ରଖି ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଓଡ଼ିଶା ବିଧାନସଭାରେ ତରବରିଆ ଭାବେ ଏବଂ ସର୍ବସମ୍ମତିକ୍ରମେ ବିଧାୟକ ମନ୍ତ୍ରୀମାନଙ୍କର ଦରମା, ଭତ୍ତା ଓ ପେନସନକୁ ଯେଭଳି ଭାବେ ୩ ଗୁଣ ବୃଦ୍ଧି କଲେ ତାକୁ ତୀବ୍ର ନିନ୍ଦା କରିବା ସହିତ ଏହି ଜନ ବିରୋଧୀ ବିଲ୍‌କୁ ରାଜ୍ୟପାଳ ତୁରନ୍ତ ମଞ୍ଜୁରୀ ପ୍ରଦାନ ନ

- ସିପିଆଇ, ବିକେଏମ୍‌ୟୁ ଓ ନବନିର୍ମାଣ ସଂଗଠନର ପ୍ରତିବାଦ
- ବିଲ୍‌କୁ ଫେରେଇ ଦେବାକୁ ରାଜ୍ୟପାଳଙ୍କ ନିକଟରେ ଦାବି

କରି ଫେରାଇ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଧାନସଭାରେ ଧାନ ସଂଗ୍ରହ, ନିଯୁକ୍ତି, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି ନିଷ୍ପତ୍ତି ନେବା ପରିବର୍ତ୍ତେ ନିଜ ଦରମା ଓ ଭତ୍ତାକୁ ୩ଗୁଣ ବଢ଼ାଇଦେବା ସାଧାରଣ ଲୋକଙ୍କୁ ବିସ୍ମିତ କରିଥିବା କହିଛନ୍ତି । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଦିନକୁ ସରକାର ୨୭ଟଙ୍କା ଦେଉଛନ୍ତି, ମାତ୍ର ବିଧାୟକମାନଙ୍କୁ ଦିନକୁ ୧୨ ହଜାର ଟଙ୍କା ମିଳୁଛି। ଏହା କି ପ୍ରକାର ଲୋକ ସରକାର ବୋଲି ସେ ପ୍ରଶ୍ନ କରିଛନ୍ତି ।

ଅନ୍ୟପକ୍ଷରେ ଏହି ନିଷ୍ପତ୍ତିର ପ୍ରତିବାଦରେ ନବନିର୍ମାଣ ଯୁବଛାତ୍ର ସଂଗଠନ ରାଜ୍ୟ ଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛି। ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ନେତୃତ୍ୱରେ ନବନିର୍ମାଣର କର୍ମକର୍ତ୍ତାମାନେ ଭୁବନେଶ୍ୱର ଲୋୟର ପିଏମଜିରେ ଯୋଗଦେଇ ବିକ୍ଷୋଭ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେଇଛନ୍ତି। ସଂଗଠନ ପକ୍ଷରୁ କୁହାଯାଇଛି, ପୂରା ଦେଶ ଉପରେ ୧୮୧ ଲକ୍ଷ କୋଟି ଏବଂ ଓଡିଶା ଉପରେ ୧ଲକ୍ଷ ୨୬ ହଜାର ୭୯୯ କୋଟି ଋଣ ରହିଛି। ମା' ଗର୍ଭରୁ ଜନ୍ମ ହେଉଥିବା ନବଜାତ ଶିଶୁ ପ୍ରତି ମୁଣ୍ଡ ପିଛା ୨୬,୯୭୮ ଟଙ୍କା ଋଣ ଥିବା ବେଳେ ଲୋକପ୍ରତିନିଧିମାନେ ଦିନକୁ ସାଢେ ୧୧ ହଜାର ଟଙ୍କା ନେଇଯିବା ଆଇନଗତ ଭାବେ ରାଷ୍ଟ୍ରଦ୍ରୋହ ଅନ୍ତର୍ଭୁକ୍ତ। ରାଜ୍ୟରେ ଆଜି ବି ଜଣେ ସାଧାରଣ ମଣିଷ ଟି ଦିନକୁ ୫୦୬ ଟଙ୍କା ରୋଜଗାର କରୁଥିବା ବେଳେ ଜନପ୍ରତିନିଧି ଜଣଙ୍କ ରାଜ୍ୟ ତହବିଲରୁ ଦିନକୁ ସାଢେ ୧୧ ହଜାର ଟଙ୍କା ନେଇଯିବା ଆଇନଗତ ଭାବରେ ଦେଶଦ୍ରୋହୀର ତାଲିକାର ଅନ୍ତର୍ଭୁକ୍ତ ନୁହେଁ କି ବୋଲି ସଂଗଠନ ପ୍ରଶ୍ନ କରିଛି। ତେଣୁ ରାଜ୍ୟପାଳ ଏହି ବିଲ୍‌କୁ ରଦ୍ଦ କରିବା ପାଇଁ ବିକ୍ଷୋଭ କରିବା ସହ ସଂଗଠନ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ଓଡ଼ିଶା ଫାର୍ମା ସମ୍ମିଳନୀ

## ଫାର୍ମା କ୍ଷେତ୍ରରେ ଓଡ଼ିଶା ନୂତନ ଶିଖର ଛୁଇଁବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ସମିସ): ଓଡ଼ିଶା ବର୍ତ୍ତମାନ ପୁଞ୍ଜିନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଆମର ଶିଳ୍ପ ଇକୋ-ସିଷ୍ଟମ୍ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ। ଅନ୍ୟାନ୍ୟ ଶିଳ୍ପ ସହ ଔଷଧ ଉତ୍ପାଦନରେ ମଧ୍ୟ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ। ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତମାନର ଉପକରଣ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ-ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ଉଭା ହେବା ପାଇଁ ପ୍ରସ୍ତୁତ। ମଙ୍ଗଳବାର ସ୍ଥାନୀୟ ହୋଟେଲ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଆଜିଠାରୁ ଫାର୍ମା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ବୋଲି ସେ କହିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି କରିବ। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି, ମେଡିକାଲ ଉପକରଣ ପାଇଁ ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି ୨୦୨୫ର ଶୁଭାରମ୍ଭ କରିବା ସହ ଖୋର୍ଦ୍ଧାଠାରେ ଗୋଟିଏ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡିକାଲ ଡିଭାଇସେସ୍ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଫାର୍ମା କ୍ଷେତ୍ର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟର ଶିଳ୍ପନୀତି ଏବଂ ଫାର୍ମା ନୀତିରେ ଆବଶ୍ୟକ ପରିବର୍ତ୍ତନ ଅଣାଯାଇଛି। ଆମର ଫାର୍ମା ନୀତି ଦେଶର ସର୍ବୋତ୍ତମ ନୀତି ମଧ୍ୟରୁ ଗୋଟିଏ। ନୂଆ ଫାର୍ମା ନୀତିରେ ଗବେଷଣା, ପୁଞ୍ଜିନିବେଶ, ଭିତ୍ତିଭୂମି ନିର୍ମାଣ, ନିଯୁକ୍ତି ଇତ୍ୟାଦି ଫାର୍ମା କ୍ଷେତ୍ରର ପ୍ରତ୍ୟେକ ଅଂଶକୁ ପ୍ରୋତ୍ସାହନ ଦିଆଯାଇଛି ବୋଲି ସେ କହିଥିଲେ। ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ସୀମା ଟପିଛି ଧାନକିଣା ଅବ୍ୟବସ୍ଥା

- ଧାନ ବିକ୍ରି ପାଇଁ ଚାଷୀଙ୍କୁ ମିଳୁନି ଟୋକନ
- ପଶ୍ଚିମରୁ ଉପକୂଳ, ସବୁଠାରେ ଅସନ୍ତୋଷ
- ୧୯ରେ ସମ୍ବଲପୁରରେ ବଡ଼ ଆନ୍ଦୋଳନ
- ଅବ୍ୟବସ୍ଥା ପାଇଁ ବିରୋଧୀ ଦାୟୀ: ମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ସମିସ): ଧାନ ଉଠାଣ ନେଇ ସାରା ରାଜ୍ୟରେ ଦେଖା ଦେଇଛି ଅବ୍ୟବସ୍ଥା। ସରକାର ମଣ୍ଡି ଖୋଲିଥିବା ଘୋଷଣା କରିଥିବା ବେଳେ ବିଭିନ୍ନ ଜିଲ୍ଲାରେ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। କେଉଁଠି ଚାଷୀଙ୍କଠାରୁ ଧାନ କିଣା ଯାଉ ନାହିଁ ତ କେଉଁଠି ଟୋକନ୍ ଆସୁ ନ ଥିବାରୁ ଚାଷୀ ଅମଳ ଧାନର ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ିଛି। ପଶ୍ଚିମ ଓଡ଼ିଶାରୁ ଆରମ୍ଭ କରି ଉପକୂଳ ପର୍ଯ୍ୟନ୍ତ ଚାଷୀଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସମ୍ବଲପୁରରେ ଚାଷୀମାନେ ରାସ୍ତାରେ ଧାନ ବିକ୍ରି କରି ସେମାନଙ୍କ ପ୍ରତି ଅବିଚାରର ପ୍ରତିବାଦ କରିଛନ୍ତି, ଜଗତସିଂହପୁରରେ ଚାଷୀ ଓ ପ୍ରଶାସନ ମୁହାଁମୁହିଁ ହୋଇଛନ୍ତି । ଏ ସବୁ ଭିତରେ ଭିନ୍ନ ଭିନ୍ନ ବିଭାଗର ମନ୍ତ୍ରୀମାନେ ମନ ଇଚ୍ଛା ବୟାନ ଦେବା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି ।

ସମ୍ବଲପୁରରେ ଟୋକନ୍ ମିଳୁ ନ ଥିବାରୁ ଚାଷୀମାନଙ୍କ ପ୍ରତିବାଦ ଜାରି ରହିଛି। ଏହି ସମସ୍ୟାକୁ ବିରୋଧ କରି ଆସନ୍ତା ୧୯ରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜି ଚାଷୀମାନେ ଖୋଲାରେ ଧାନ ବିକ୍ରି କରି ନିଆରା ପ୍ରତିବାଦ କରିଛନ୍ତି। ଅନ୍ୟପଟେ ଚାଷୀଙ୍କ ଦ୍ୱାରା ଚାଲି ଆସୁଥିବା ଆନ୍ଦୋଳନକୁ ପ୍ରଶମିତ କରିବା ବଦଳରେ ସରକାର ଏବେ ଏହି ଘଟଣା ପାଇଁ ବିରୋଧୀଙ୍କୁ ଦାୟୀ କରିଛନ୍ତି। ମଙ୍ଗଳବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ନିଜ ଦୋଷ ଖସାଇଦେବାକୁ ଉଦ୍ୟମ କରିବା ସହ ବିରୋଧୀ ତିଳକୁ ତାଳ କରୁଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ସେମିତି ବଡ଼ ଆନ୍ଦୋଳନ କେଉଁଠି ନାହିଁ। ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇ ମନିଟରିଂ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୭ ଟି ଜିଲ୍ଲାରେ ମଣ୍ଡି ଖୋଲିଛି। ବରଗଡ଼ରେ ୬୪ ହଜାର ୬୫୨ ଟନ ଧାନ ଉଠା ଯାଇଛି। ବଲାଙ୍ଗୀରରେ ୧୫୭ ଟନ , କଳାହାଣ୍ଡିରେ ୧୧ ହଜାର ୪୮୬, ନୂଆପଡାରେ ୭ ହଜାର ୭୨୭ ଟନ,ସମ୍ବଲପୁରରେ ୬୯ ହଜାର ୯୭୦ ଟନ ଧାନ ଉଠିଛି। ସୋନପୁର ଓ ସୁନ୍ଦରଗଡ଼ରେ ସବୁ ଧାନ ଉଠି ସାରିଛି । କିଛି ସ୍ଥାନରେ ଟୋକନ ପହଁଚିନଥିବାରୁ ଆନ୍ଦୋଳନ ହେଉଛି ବୋଲି ସେ କହିଛନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ପରେ ସରକାର ସତ କହୁଛନ୍ତି କି ଚାଷୀ ସତ କହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସମ୍ବଲପୁର ଜିଲ୍ଲାରେ ଧାନ ମଣ୍ଡି ଓ ଟୋକନ ସମସ୍ୟାକୁ ନେଇ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଚାଷୀଙ୍କ କହିବା କଥା ହେଲା, ମଣ୍ଡିରେ ଅବ୍ୟବସ୍ଥା ଓ ଟୋକନ ନମିଳିବା କାରଣରୁ ସେମାନେ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ଦୁଇ ଦୁଇ ଥର ରାଜରାସ୍ତା ଅବରୋଧ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ପ୍ରଶାସନର ଟାଳଟୁଳ ନୀତିରେ ଅସନ୍ତୁଷ୍ଟ ହୋଇ ଚାଷୀ ସଂଗଠନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଦାବି ପୂରଣ ନହେଲେ ଆସନ୍ତା ୧୯ ତାରିଖ ଦିନ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଛି। ଯଦି ଯଥାଶୀଘ୍ର ସମସ୍ୟାର ସମାଧାନ ନହୁଏ, ତେବେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ମନ୍ତବ୍ୟକୁ ଚାଷୀମାନେ କଡ଼ା ନିନ୍ଦା କରିଛନ୍ତି। ମନ୍ତ୍ରୀ କହିଥିଲେ ସରକାର ଚାଷୀଙ୍କଠୁ ନିର୍ଦ୍ଧାରିତ ଧାନ ଉଠାଇବେ। ଟୋକନ ପାଇନଥିବା ଚାଷୀଙ୍କୁ ଟୋକନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଟୋକନ ବାଦ ଧାନ ବଳିଲେ, ଚାଷୀ ଖୋଲା ବଜାରରେ ବିକି ଦେବାକୁ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏହି ବୟାନକୁ ଆଧାର କରି ଆଜି ସମ୍ବଲପୁରରେ ଚାଷୀ ପ୍ରତିବାଦ କରିବା ସହ ସହରର ବିଭିନ୍ନ ସ୍ଥାନରେ ପ୍ରତୀକାତ୍ମକ ଭାବେ ଖୋଲା ମାର୍କେଟରେ ଧାନ ବିକିଛନ୍ତି।

ଓମସାର ଚେତାବନୀ

## ଜାନୁଆରୀରୁ ଓପିଡି ସେବା ବନ୍ଦ

ଭୁବନେଶ୍ୱର, ୧୬।୧୨ (ସମିସ): ୧୮ ଦଫା ଦାବି ପୂରଣ ନହେଲେ ଆସନ୍ତା ଜାନୁଆରୀ ମାସରୁ ସମ୍ପୂର୍ଣ୍ଣ ଭାବେ ଓପିଡି (ବର୍ହି ବିଭାଗ) ସେବା ବନ୍ଦ କରିବାକୁ ଚେତାବନୀ ଦେଇଛି ଓମସା। ଏନେଇ ଓମସା ପକ୍ଷରୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି। ଓମସା ସୂଚନା ଅନୁଯାୟୀ ୨୦୨୪ ସେପ୍ଟେମ୍ବର ୧୮ ତାରିଖରେ ଓମସାର ୭୦ତମ ବାର୍ଷିକ ସମ୍ମିଳନୀ ବାଲେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଓମସାର ନ୍ୟାଯ୍ୟ ଦାବିକୁ ସହୃଦୟତାର ସହ ବିଚାର କରି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ କୌଣସି ଦାବି ପୂରଣ ହୋଇପାରିଲା ନାହିଁ। ଏକବର୍ଷ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ସହ ସଂଘ ବହୁଥର ଆଲୋଚନା କରିଥିଲେ ହେଁ ଏଥିରୁ ସୁଫଳ ମିଳିପାରି ନାହିଁ। ତେଣୁ ବାଧ୍ୟ ହୋଇ ଓମସା କ୍ୟାଡର୍ ଆସନ୍ତା ୨୬ ତାରିଖରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଯଦି ସରକାର ଦାବି ନଶୁଣନ୍ତି, ଜାନୁଆରୀରୁ ସମ୍ପୂର୍ଣ୍ଣ ଭାବେ ଓପିଡି କାର୍ଯ୍ୟ ବନ୍ଦ କରାଯିବ। କାର୍ଯ୍ୟ ବନ୍ଦ ତାରିଖ ଓମସାର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ପରିଷଦ ସ୍ଥିର କରିବ ବୋଲି ଓମସାର ରାଜ୍ୟ ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

## ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ଗାଦି ଛାଡ଼ନ୍ତୁ: ବିଜେଡି

- ଗତ ୧୮ ମାସର ବିଜେପି ଶାସନରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ
- ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥାଇ ବି ସ୍ଥିତି ସୁଧୁରିବା ପରିବର୍ତ୍ତେ ବିଗୁଡୁଛି

ଭୁବନେଶ୍ୱର, ୧୬।୧୨(ସମିସ): ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧଉଳି ଗଣଦୁଷ୍କର୍ମ ଘଟଣାରୁ ଏହା ପୁଣିଥରେ ସାବ୍ୟସ୍ତ ହୋଇଛି। ତେଣୁ ମହିଳାଙ୍କୁ ସୁରକ୍ଷା ଦେବାରେ ଅସମର୍ଥ ରାଜ୍ୟ ସରକାର ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ଦାବି କରିଛି ବିଜେଡି। ଅପରପକ୍ଷେ ଏହି ପ୍ରସଙ୍ଗରେ ରାଜ୍ୟ ମହିଳା କମିସନ ସଦସ୍ୟଙ୍କ ମନ୍ତବ୍ୟକୁ ମଧ୍ୟ ଦଳ କଡ଼ା ନିନ୍ଦା କରିଛି। ଉଲ୍ଲେଖଯୋଗ୍ୟ, ମହିଳା କମିସନ୍ କହିଛନ୍ତି ଯେ ମା'ମାନେ ଝିଅମାନଙ୍କୁ ଏପରି ଜାଗାକୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା କଥା।



ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି। ଗତ ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ସମୟରେ ୪୦ହଜାରରୁ ଅଧିକ ନାରୀ ନିର୍ଯାତନା/ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ ଅପରାଧୀମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଗତ ୧୭ ମାସରେ ୨୮ ଜଣ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍ଥିତି ସଙ୍ଗୀନ ହୋଇଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉନାହାନ୍ତି। ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ିଯିବା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଉଛି।

ରାଜ୍ୟର ମହିଳା କମିସନ୍ ସଦସ୍ୟା ଉର୍ମିଳା ମହାପାତ୍ର ଆଜି ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ମା' ମାନେ ଏଭଳି ଜାଗାକୁ ଝିଅ ମାନଙ୍କୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା ଦରକାର ବୋଲି ସେ କହିଥିଲେ। ଏହାର ଅର୍ଥ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଅସମର୍ଥ ବୋଲି ସେ ସ୍ୱୀକାର କରିଛନ୍ତି। ଯଦି ରାଜ୍ୟର ବିଜେପି ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ନ୍ତୁ ବୋଲି ଶ୍ରୀମତି ଛୁରିଆ ଦାବି କରିଛନ୍ତି।

## ଦୁର୍ଘଟଣାରେ ଦମ୍ପତି ମୃତ

ଯଖପୁରା/ଦାନଗଦି, ୧୬।୧୧(ସମିସ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କଳିଙ୍ଗନଗର ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ମାସର ଏକ ଶିଶୁପୁତ୍ର ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମର ଜନ୍ମେଜୟ ଦଳାଇ (୨୯) ଓ ପତ୍ନୀ ବୈଶାଳୀ ଦଳାଇ (୨୩)। ଦୁହେଁ ନିଜ ଶିଶୁପୁତ୍ର ସହ କବାଟବନ୍ଧ ଡାକ୍ତରଖାନାରୁ ଫେରୁଥିବା ବେଳେ ବ୍ରାହ୍ମଣୀ ବ୍ରିଜ୍ ଓ ପଙ୍କପାଳ ମଧ୍ୟରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜନ୍ମେଜୟଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତର ବୈଶାଳୀ ଏବଂ ତାଙ୍କ ପୁଅକୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ। ସେଠାରେ ବୈଶାଳୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ କଳିଙ୍ଗନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ରାସ୍ତା ଅବରୋଧ କରିଥିଲେ। ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା।

## ଆଜି ବିଜେପି କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର,୧୬।୧୨(ସମିସ): ବୁଧବାର ରାଜଧାନୀ ଭୁବନେଶ୍ୱରଠାରେ ପିସିସି ପକ୍ଷରୁ ଏକ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଦଳ ନିଷ୍ପତ୍ତି ନେଇଛି।। ନେସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ଦଳର ନୈତିକ ବିଜୟ ହୋଇଛି ବୋଲି ଦଳ କହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନ ୧୦ ଟାରେ କଂଗ୍ରେସ ଭବନ ଠାରୁ ସହସ୍ରାଧିକ ସଂଖ୍ୟାରେ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଯାଇ ବିଜେପି ରାଜ୍ୟ ମୁଖ୍ୟାଳୟ ଘେରାଉ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ଶୋଭାଯାତ୍ରାରେ ପିସିସି ସଭାପତିଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାମାନେ ସାମିଲ ହେବେ ବୋଲି ଜଣାପଡ଼ଇଛି। ଅନ୍ୟପଟେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମକରଣ, ରୂପରେଖ, ମୂଳଭିତ୍ତି ଆଦିର ମନମୁଖୀ ପରିବର୍ତ୍ତନ ବିରୋଧରେ ଆସନ୍ତା ୧୭ ଡିସେମ୍ବର ଜିଲ୍ଲା ସ୍ତରରେ ହେବାକୁଥିବା କାର୍ଯ୍ୟସୂଚୀରେ କଂଗ୍ରେସ ପରିବର୍ତ୍ତନ କରିଛି। ୧୭ ତାରିଖ ପରିବର୍ତ୍ତେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆସନ୍ତା ୨୧ ତାରିଖରେ କରିବାକୁ ଦଳ ନିଷ୍ପତ୍ତି ନେଇଛି।

ହାଇକୋର୍ଟରେ ରାଜ୍ୟ ସରକାରଙ୍କ ସତ୍ୟପାଠ

## ରାଜ୍ୟରେ ୭୫ ବାଂଲାଦେଶୀ, ୪୯ ଜଣଙ୍କୁ ଦେଶାନ୍ତର

କଟକ,୧୬।୧୨(ସମିସ): ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ, ଅଟକ ଓ ଦେଶାନ୍ତରୀକରଣ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ଗୁଇନ୍ଦା ନିର୍ଦ୍ଦେଶକ ଆର.ପି କୋଚେଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଯାଞ୍ଚ ପ୍ରକ୍ରିୟାରେ ମୋଟ ୭୫ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୪୯ ଜଣଙ୍କୁ ଦେଶାନ୍ତରୀକରଣ କରାଯାଇଛି। ସେହିପରି, ସନ୍ଦେହରେ ଜାଲ୍ ଭାରତୀୟ ପାସପୋର୍ଟ ହାସଲ କରିଥିବା ଗଞ୍ଜାମ ଓ କନ୍ଧମାଳରୁ ଚିହ୍ନଟ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ବିଭିନ୍ନ ଜିଲ୍ଲାରେ ୨୨୫୯ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା ବେଳେ ଏଥିରୁ ୨୧୭୬ ଭାରତୀୟ ବୋଲି ଜଣାପଡ଼ିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା। ଜଗତସିଂହପୁରରେ ୨୧, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି) ରେ ୨୪, କଟକ ୟୁପିଡିରେ ୧୫, ବ୍ରହ୍ମପୁରରେ ୬, କେନ୍ଦ୍ରାପଡ଼ାରେ ୩, ଗଞ୍ଜାମରେ ଜଣେ, କନ୍ଧମାଳରେ ୪, କୋରାପୁଟରେ ଜଣେ; ଏଭଳି ଭାବେ ମୋଟ ୭୫ ବାଂଲାଦେଶୀ ନାଗରିକ ବୋଲି ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ଭୁବନେଶ୍ୱର ୟୁପିଡିର ୨୪, କଟକ ୟୁପିଡିର ୧୫, ବ୍ରହ୍ମପୁରର ୬, କନ୍ଧମାଳର ୩, କୋରାପୁଟର ଜଣେ ଏଭଳି ଭାବେ ମୋଟ ୪୯ ଜଣ ବାଙ୍ଗଲାଦେଶୀ ନାଗରିକଙ୍କୁ ଦେଶାନ୍ତରୀକରଣ କରାଯାଇଛି। ବାକି ଅପେକ୍ଷାରେ ରହିଛନ୍ତି। ସବୁ ଜିଲ୍ଲାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ସ୍ପେଶାଲ ଟାସ୍କଫୋର୍ସ ଗଠନ କରାଯାଇ ଗାଇଡଲାଇନ ଅନୁସାରେ ୨ଟି ରାଜ୍ୟସ୍ତରୀୟ କ୍ୟାମ୍ପ ଓ ୧୯ଟି ଜିଲ୍ଲାସ୍ତରୀୟ କ୍ୟାମ୍ପ କରାଯାଇଛି।

ଏସ୍ଆଇଆର ସଂପର୍କିତ ମାମଲାରେ ରହିଥିବା ପ୍ରସଙ୍ଗ ସହ ଏହି ମାମଲା ସମାନ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ସୁପ୍ରିମକୋର୍ଟରେ ସମାନ ପ୍ରସଙ୍ଗରେ ଶୁଣାଣି ଚାଲିଥିବା ବେଳେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଶୁଣାଣି ଚାଲିବା ନେଇ ପ୍ରଶ୍ନ ଉଠିଥିଲା। ତେବେ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠର କପି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୨୬ ଜାନୁଆରି ୧୩କୁ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ଅନ୍ଧବିଶ୍ୱାସ ନେଲା ଜୀବନ

## ମାଟି ତଳେ ପୋତି ହୋଇ ଘର ମାଲିକ ମୃତ

କେନ୍ଦ୍ରାପଡ଼ା, ୧୬।୧୨(ସମିସ): ଅନ୍ଧବିଶ୍ୱାସ ଆଜି ପୁଣି ଜଣଙ୍କ ଜୀବନ ନେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗାଁରେ ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଜଗବନ୍ଧୁ ମହାରଣା। ସୂଚନାନୁଯାୟୀ, ଜଗବନ୍ଧୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ୩ଜଣ ଗୁଣିଆଙ୍କୁ ପୂଜାପାଠ ପାଇଁ ଡକାଇଥିଲେ। ପୂଜା ପାଇଁ ଘର ପାଖରେ ପ୍ରାୟ ୧୦ଫୁଟ୍ ଗଭୀର ଗାତ ଖୋଳିବାକୁ ଗୁଣିଆ ତାଙ୍କୁ କହିଥିଲେ। ସେମାନଙ୍କ କଥାନୁସାରେ ଜଗବନ୍ଧୁ ଆଜି ଗାତ ଭିତରେ ପଶି ମାଟି ଖୋଳୁଥିବା ବେଳେ



ହଠାତ୍ ମାଟି ଧସି ଯାଇଥିଲା ଏବଂ ସେ ମାଟି ତଳେ ପୋତି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀମାନେ ଦୁଇଜଣ ଗୁଣିଆଙ୍କୁ ଅଟକ ରଖି ପୁଲିସ ଜିମା ଦେଇଥିଲେ। ନିକିରାଇ ପୁଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ତେବେ ଅନ୍ୟ ଜଣେ ଗୁଣିଆ ଫେରାର ହୋଇଥିବା ଜଣାପଡ଼ିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ତକତପୁର ରାଜ୍ୟର ପ୍ରଥମ ଜେନ୍-ଜେଡ୍ ଡାକଘର



ବାରିପଦା, ୧୬।୧୨(ସମିସ): ମୟୂରଭଞ୍ଜ ଡାକମଣ୍ଡଳ ଅଧୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ତକତପୁର ଉପ-ଡାକଘରକୁ ରାଜ୍ୟର ପ୍ରଥମ 'ଜେନ୍ ଜେଡ୍' ଡାକଘର ରୂପେ ଘୋଷଣା କରାଯାଇଛି। ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ନିର୍ମଳଜିତ ସିଂ ଆଜି ଏହାକୁ ଉଦ୍‌ଘାଟନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଉପଡାକଘର କାନ୍ଥରେ ମୟୂରଭଞ୍ଜ ଜିଲ୍ଲାର ସଂସ୍କୃତି, ଐତିହ୍ୟ, ଛଉ, ଝୁମର, ଟେରାକୋଟା, ସବାଇ ଘାସ ସହ ଆଧୁନିକତା ଓ ଶୈକ୍ଷିକ ଆଧାରିତ ବିଭିନ୍ନ ବିଷୟକୁ ସୁନ୍ଦର ଭାବେ ଉପସ୍ଥାପନା କରିଛନ୍ତି।

ବିଜୁଳି ପାଇଁ ଅତିରିକ୍ତ ସିକ୍ୟୁରିଟି ଜମା ନୋଟିସ

## ଉପଭୋକ୍ତାଙ୍କ ଉପରେ ବିତରଣ କମ୍ପାନୀର ଜିଜିଆ କର: ସଂଘ

**ତୁରନ୍ତ ନୋଟିସ ପ୍ରତ୍ୟାହାର ପାଇଁ ଓଇଆରସିର ଦ୍ୱାରସ୍ଥ ହେଲା ସଂଘ**

ଭୁବନେଶ୍ୱର,୧୬।୧୨(ସମିସ): ଟିପିସିଓଡିଏଲ୍ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଉପଭୋକ୍ତାମାନଙ୍କଠାରୁ ଅତିରିକ୍ତ ସୁରକ୍ଷା ଜମା ଆଦାୟ ପାଇଁ ଡିମାଣ୍ଡ ନୋଟିସ୍‌କୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟିପିସିଓଡିଏଲ୍ ଏପରି ନୋଟିସକୁ ଉପଭୋକ୍ତାମାନେ ତୀବ୍ର ବିରୋଧ କରିଛନ୍ତି । ଅତିରିକ୍ତ ସୁରକ୍ଷା ଜମାରାଶି ସାଧାରଣ ଗ୍ରାହକଙ୍କ ପାଇଁ ଟାଟା ପାୱାରର ଜିଜିଆ କର ସଦୃଶ। ଅତଏବ ଓଇଆରସି କର୍ତ୍ତୃପକ୍ଷ ଏହା ଉପରେ ବି.ର କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଅତିରିକ୍ତ ଜମା ସୁରକ୍ଷା ରାଶି ସଂକ୍ରାନ୍ତ ନୋଟିସ୍ ପ୍ରତ୍ୟାହାର ପାଇଁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦେବାକୁ ଉପଭୋକ୍ତା ମହାସଂଘ ଦାବି କରିଛି।



ମଙ୍ଗଳବାର ଉପଭୋକ୍ତ ମହାସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଆୟୋଗର ସଚିବ ପ୍ରିୟବ୍ରତ ପଟ୍ଟନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ମହାସଂଘ ପକ୍ଷରୁ କୁହାଯାଇଛି ଯେ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଓ ଆଇନର ଧମକ ଦେଇ ଟାଟା ପାୱାର ସାଧାରଣ ଗ୍ରାହକଙ୍କୁ ଲୁଟ କରୁଛି ଏବଂ ତାଙ୍କର ବିଜୁଳି ଲାଇନ କାଟି ଦେଉଛି।୬ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ବାକିଆ ପଡ଼ିଥିବା ସତ୍ତ୍ୱେ କମ୍ପାନୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜାତୀୟ ହାର ଠାରୁ ଅଧିକ ଦାମ ଦେଇ ଓଡ଼ିଶାର ବିଜୁଳି ଗ୍ରାହକମାନେ ବିଜୁଳି କିଣୁଥିଲା ବେଳେ ଓଇଆରସି ଓ ଓଡ଼ିଶା ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ମାର୍ଟ ମିଟର ନାଁରେ ଗ୍ରାହକଙ୍କୁ ଅଧିକ ବିଜୁଳି ବିଲ୍ ଦେବାକୁ ହେଉଛି। ସରବରାହ ଜନିତ କ୍ଷତି ଜାତୀୟସ୍ତରରେ ୧୬ ପ୍ରତିଶତ ଥିଲାବେଳେ ଓଡ଼ିଶାରେ ଏଟିସି ଲସ୍ ୧୯.୫୩ ପ୍ରତିଶତ। କମ୍ପାନୀମାନଙ୍କର ଦୁର୍ନୀତି ଓ ଅପାରଗତା ଯୋଗୁଁ ଏ ବାବଦରେ ବର୍ଷକୁ ହାରାହାରି ୭୫୦ କୋଟି ଟଙ୍କାର ଅଧିକ ବୋଝ ଉପଭୋକ୍ତା ବୋହୁଛନ୍ତି। ଓଡ଼ିଶାରେ ଓଡ଼ିଆ ସରକାରୀ ଭାଷା ହୋଇଥିବା ସତ୍ତ୍ୱେ ବିଜୁଳି ବିଲ୍ କିନ୍ତୁ ଇଂରାଜୀରେ ଦିଆଯାଉଛି, ଯାହା ସାଧାରଣ ଖାଉଟି ବୁଝିବା ପାଇଁ ଅସମର୍ଥ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ, ସମ୍ପାଦକ ରବି ବେହେରା, ବରିଷ୍ଠ ସାମ୍ବାଦିକ ରବି ଦାସ, ବରିଷ୍ଠ ଟ୍ରେଡ ୟୁନିୟନ ନେତା କିଶୋର ଜେନା, ପ୍ରକାଶ ମହାପାତ୍ର, ସିପିଆଇଏମ୍ଏଲ ନେତା ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବାରମ୍ବାର ଟ୍ରାଫିକ ନିୟମ ଭାଙ୍ଗିଲେ ରଦ୍ଦ ହେବ ଡିଏଲ୍, ଆରସି

**ଆରଟିଓମାନଙ୍କୁ ଏସଟିଏ ଜାରି କଲା ନିର୍ଦ୍ଦେଶାବଳୀ**

କଟକ,୧୬।୧୨(ସମିସ): ବାରମ୍ବାର ସଡ଼କ ନିୟମ ଉଲ୍ଲଙ୍ଘନକାରୀ ତଥା ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଠୋର୍ ଆଭିମୁଖ୍ୟ ଗ୍ରହଣ କରିଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ)। ଏହି କ୍ରମରେ ମୋଟର ଯାନ ଆଇନ ୧୯୮୮, କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ ୧୯୮୯, ଓଡ଼ିଶା ମୋଟର ଯାନ ନିୟମାବଳୀ ୧୯୯୩ ଏବଂ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶାବଳୀକୁ ଆଧାର କରି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି। ଯେଉଁ ଗାଡ଼ି ଚାଳକ ବାରମ୍ବାର ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରିବେ, ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଇବେ, ମୋଟରଯାନ ଆଇନ ଅନୁଯାୟୀ ଅନ୍ୟାନ୍ୟ ପଦକ୍ଷେପ ସହ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ଓ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ନିଲମ୍ବନ ଓ ରଦ୍ଦ କରିବାକୁ ଆରଟିଓମାନେ ପଦକ୍ଷେପ ନେବେ ବୋଲି କୁହାଯାଇଛି। ଏହି ସର୍କୁଲାର ଜରିଆରେ ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓଙ୍କୁ ଅଭ୍ୟାସଗତ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର୍ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସଡ଼କ ପାଇଁ ଅନୁପଯୁକ୍ତ ଗାଡ଼ିମାନଙ୍କ ଫିଟନେସ୍ ବାତିଲ କରିବା ଦିଗରେ ଏମଭିଆଇମାନେ ପଦକ୍ଷେପ ଗ୍ରହଣ କରିବେ। ଏହାର ସଠିକ କାର୍ଯ୍ୟକାରିତା ପାଇଁ ଏହି ସର୍କୁଲାର ଜାରି କରାଯାଇଛି ବୋଲି ଏସଟିଏ ପକ୍ଷରୁ କୁହାଯାଇଛି।

## ଗିରଫ ଯୁବକଙ୍କୁ ତୁରନ୍ତ ଖଲାସ ଦାବି

# ଏସ୍‌ପି ଅଫିସ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା



**ଅନୁଗୋଳ,୧୬।୧୨(ସମିସ):** ଗିରଫ ହୋଇ ଜେଲରେ ଥିବା ଜଣେ ଯୁବକଙ୍କୁ ତୁରନ୍ତ ଖଲାସ ଦାବିରେ ମଙ୍ଗଳବାର କୁମଣ୍ଡ ଗ୍ରାମର ଶତାଧିକ ଗ୍ରାମବାସୀ ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଯୁବକଙ୍କୁ ମିଥ୍ୟା କେଶରେ ଫସାଇ ଗିରଫ କରାଯାଇଥିବା ଗ୍ରାମବାସୀ କହିଛନ୍ତି।

ସୂଚନାଯୋଗ୍ୟ, ଆଜକୁ ପ୍ରାୟ ଏକ ମାସ ତଳେ ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମରେ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ସଂପୃକ୍ତ ଥିବା ଦର୍ଶାଇ କୁମଣ୍ଡ ଗ୍ରାମର ରାଜା ଓରଫ ଶୁଭମଜିତ୍ ପ୍ରଧାନ ଓ କାଠି ଓରଫ ପ୍ରଦୀପ କୁମାର ସାହୁଙ୍କୁ ଅନୁଗୋଳ ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ସମ୍ପୃକ୍ତ ୨ ଯୁବକ ଉକ୍ତ ଘଟଣାରେ ଜଡ଼ିତ ନଥିବା କୁମଣ୍ଡ ଗ୍ରାମବାସୀ ପୁଲିସ ଆଗରେ ପ୍ରକାଶ କରିଥିଲେ। ତେବେ ସଦର ଥାନା ପୁଲିସ ଗ୍ରାମବାସୀଙ୍କ କଥାକୁ ନଶୁଣି ସମ୍ପୃକ୍ତ ୨ ଯୁବକଙ୍କ ନାମରେ ମିଥ୍ୟା କେଶ କରି ସେମାନଙ୍କୁ ଜେଲକୁ ପଠାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଏ ବିଷୟରେ ଗ୍ରାମବାସୀ ସଦର ଥାନା ପୁଲିସରେ ଆପତ୍ତି କରିଥିଲେ ମଧ୍ୟ ପୁଲିସ ସେମାନଙ୍କ କଥାକୁ ଗୁରୁତ୍ୱ ଦେଉନାହିଁ। ତତସହିତ ସଦର ଥାନା ପୁଲିସ କୁମଣ୍ଡ ଗ୍ରାମବାସୀଙ୍କ ନାମରେ ମିଥ୍ୟା ଘରପୋଡ଼ି କେଶକୁ ତୁରନ୍ତ ପ୍ରତ୍ୟାହାର, ସଦର ଥାନା ପୁଲିସ ପକ୍ଷରୁ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର ବନ୍ଦ କରିବା, କୁମଣ୍ଡ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଓ ସମ୍ପାଦକଙ୍କୁ ପୁଲିସର ଦୁର୍ବ୍ୟବହାର, ମିଥ୍ୟା କେଶର ନିରପେକ୍ଷ ତଦନ୍ତ ଆଦି ଅଭିଯୋଗ ନେଇ ମଙ୍ଗଳବାର ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ସଭାପତି ପ୍ରଭାକର ସାହୁ ଏବଂ ସମ୍ପାଦକ ସର୍ତ୍ତୁକ ନାୟକଙ୍କ ନେତୃତ୍ୱରେ କୁମଣ୍ଡ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଆସି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରିଥିଲେ।

## ଟ୍ରକ୍‌ରୁ ଚାନ୍ଦା ମାଗି ଭଙ୍ଗାରୁଜା, ୨ ଗିରଫ

**କଣିହାଁ,୧୬।୧୨(ସମିସ):** କଣିହାଁ ବ୍ଲକ୍ ସମଲ ଥାନା ପୁଲିସ ଚାନ୍ଦା ଆଦାୟ ଓ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସମଲ ଥାନା ଖଇରିନାଳି ଗ୍ରାମର ଅମରେଶ ଭୁତିଆ(୨୩) ଓ ଅଚ୍ୟୁତ ପରିଡ଼ା(୨୩)। ଦଣ୍ଡସିଙ୍ଗା ଗ୍ରାମର ଅଭୟ କୁମାର ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଶନିବାର ନୂଆଁ ବଲାଙ୍ଗିଠାରେ ତାଙ୍କ ଟ୍ରକ୍‌କୁ ଅଟକାଇ ଏହି ଦୁଇ ଅଭିଯୁକ୍ତ ଚାଳକକୁ ଚାନ୍ଦା ମାଗିଥିଲେ। ସେ ମନା କରିବାରୁ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏ ନେଇ ସମଲ ଥାନାରେ ୩୯୪/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ଅରୁଣ କୁମାର ଖିଲାର ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ପାଳିତ



**ବଇଣ୍ଡା,୧୬।୧୨(ସମିସ):** କିଶୋରନଗର ବ୍ଲକ୍ ବଇଣ୍ଡା ହାଇସ୍କୁଲ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୬୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ତର୍କ, କଣ୍ଠଶିଳ୍ପୀ, ଚିତ୍ରାଙ୍କନ, କବିତା, ଗଳ୍ପ ଲିଖନ ଭଳି ଅନେକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଓଷ୍ଟା ଉପସଭାପତି ସସ୍ମିତା ପ୍ରଧାନ, ଜିଲ୍ଲା ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ବ୍ଲକ୍ ଓଷ୍ଟା ସମ୍ପାଦକ ମଧୁସୂଦନ ଦେହୁରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ● ପାଲଲହଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ସେମିରେ ୟୁନିକ୍ କେନ୍ଦୁଝର ଓ ପ୍ରୋଗ୍ରେସିଭ୍ ଝାରସୁଗୁଡ଼ା



**ପାଲଲହଡ଼ା,୧୬।୧୨(ସମିସ):** ପାଲଲହଡ଼ା ଷ୍ଟାଡିୟମ୍‌ଠାରେ ଚାଲିଥିବା ପାଲଲହଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ ପୁଲ୍ 'ଇ'ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ପ୍ରୋଗ୍ରେସିଭ୍ ଝାରସୁଗୁଡ଼ା ଏବଂ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଟସ୍ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଝାରସୁଗୁଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର୍‌ରେ ୬ ୱିକେଟ୍ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ସମ୍ବଲପୁର ୨୧ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୧୧୬ ରନ୍‌ରେ ସୀମିତ ରହିଥିଲା। ଝାରସୁଗୁଡ଼ା ୮୦ ରନ୍‌ରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରୋଗ୍ରେସିଭ୍ କ୍ଲବ୍ ଝାରସୁଗୁଡ଼ାର ଅର୍ଣ୍ଣବ ଭାମ୍ବରେ ୫୫ଟି ବଲରେ ୬୭ ରନ୍ କରି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ଅଭିଷେକ ସାହୁ ଓ ରଞ୍ଜିତ କୁମାର ସାମଲ ଖେଳ ପରିଚାଳନା କରିଥିବାବେଳେ ଭୂପେନ କୁମାର ନାଏକ ଓ ଶୋଭାଶିଷ ଜିତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ଲବ୍ ସଭାପତି ସନ୍ତୋଷ କୁମାର ଗଡ଼ନାୟକଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମି ଫାଇନାଲ ୟୁନିକ୍ କ୍ଲବ୍ କେନ୍ଦୁଝର ଓ ପ୍ରୋଗ୍ରେସିଭ୍ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହେବ।

## ଜାତୀୟ ମାଷ୍ଟରସ୍ ଓପନ ଆଥେଲେଟିକ୍ସ ମିଟ୍

# ପ୍ରକାଶ ଗଡ଼ନାୟକଙ୍କୁ ୨ ରୌପ୍ୟ ପଦକ



**ଅନୁଗୋଳ,୧୬।୧୨(ସମିସ):** ୭ମ ଜାତୀୟ ସିନିୟର ସିଟିଜେନ୍ ଓପନ୍ ଆଥଲେଟିକ୍ସ ସଂଘ ତରଫରୁ ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦ୍ ନଗରର ଓସ୍‌ମାନିଆଁ ୟୁନିଭରସିଟି ଷ୍ଟାଡିୟମ୍‌ଠାରେ ଜାତୀୟ ମାଷ୍ଟରସ୍ ଓପନ ଆଥେଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୮ ଜଣ ମାଷ୍ଟର ଆଥଲେଟ୍ ଭାଗ ନେଇଥିଲେ। ଅନୁଗୋଳ ଜିଲ୍ଲାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ ଅଂଶ ଗ୍ରହଣ କରି ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ଏହି ଖେଳରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୮୦୦ରୁ ଅଧିକ ଖେଳାଳି ଭାଗ ନେଇଥିଲେ। ଅନୁଗୋଳ ମାଟିର ପ୍ରକାଶ ୧୦୦ମି., ୨୦୦ ମି. ଓ ଲମ୍ବଡିଆଁରେ ଅଂଶ ଗ୍ରହଣ କରି ୨ଟି ରୌପ୍ୟପଦକ ହାତେଇଛନ୍ତି। ସେଥିପାଇଁ ତାଙ୍କୁ ରାଜ୍ୟ ତଥା ଜିଲ୍ଲାର ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ସୂଚନା ଥାଉକି, ଚଳିତ ବର୍ଷ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ୩ଟି ମାଷ୍ଟର ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ରେ ଭାଗନେଇ ୭ଟି ସ୍ୱର୍ଣ୍ଣପଦକ ହାତେଇଛନ୍ତି। କେବଳ ଜାତୀୟସ୍ତରରେ ଏଯାବତ୍ ଶ୍ରୀ ପ୍ରକାଶ ମାଷ୍ଟର୍ ଆଥ୍ଲେଟ୍ ଭାବେ ୨୦୧୧ ପରଠାରୁ ୩୦ଟି ପଦକ ହାସଲ କରି ସାରିଛନ୍ତି

ଶ୍ରୀ ପ୍ରକାଶ ବାୟୁସେନାରୁ ସ୍ୱେଚ୍ଛାକୃତ ଭାବେ ଅବସର ନେବା ପରଠାରୁ(୨୦୧୦) ମାଷ୍ଟର୍ସ ଆଥଲେଟ୍ ଭାବରେ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଅନେକ ସଫଳତା ସାଉଁଟିଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ବାଂଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ, ଭୁଟାନ ଓ ଥାଇଲାଣ୍ଡ ପ୍ରଭୃତି ଦେଶରେ ସଫଳତା ପାଇଛନ୍ତି। ୧୨ ଟି ସ୍ୱର୍ଣ୍ଣପଦକ ସହ ସମୁଦାୟ ୧୯ଟି ଅନ୍ତର୍ଜାତୀୟ ପଦକ ଜିଣି ଭାରତକୁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ଦେଇଛନ୍ତି। ସେଥିପାଇଁ ଶ୍ରୀ ପ୍ରକାଶଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୨୨ରେ ଜିଲ୍ଲା ମହୋତ୍ସବରେ "ଅନୁଗୋଳ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ୧୪ ନଭେମ୍ବରରେ ଢେଙ୍କାନାଳ ଜିଲ୍ଲାର ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ୨୩ତମ କପିଳାସ ମହୋତ୍ସବରେ ଶ୍ରୀ ପ୍ରକାଶଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା 'ସାମନ୍ତ ସୂର୍ଯ୍ୟନାରାୟଣ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରୀ ପ୍ରକାଶ ଏକାଧାରାରେ ଜଣେ ବାୟୁଯୋଦ୍ଧା, ସମାଜସେବୀ, ବାଦ୍ୟକାର, କଣ୍ଠଶିଳ୍ପୀ, ଚିତ୍ରକର ଓ ଦ୍ରୁତ ସାଇକଲ ଚାଳକ ଭାବେ ଅନୁଗୋଳ ଜିଲ୍ଲାରେ ବେଶ୍ ଖ୍ୟାତିଲାଭ କରିପାରିଛନ୍ତି।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା



**କୁଇଓ,୧୬।୧୨(ସମିସ):** ବଅଁରପାଳ ବ୍ଲକ୍ କୁଇଓ କାଳୀମନ୍ଦିର ପଡ଼ିଆଠାରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମଙ୍ଗଳବାର ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭାଗର ଅଧିକାରୀ ଡାକ୍ତର ଅମ୍ବରୀଶ ପାତ୍ର ୫୨ ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଆଗାମୀ ସପ୍ତାହରେ ଗ୍ରାମର ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତାବ ହୋଇଛି।

## ଆର୍‌ଏସ୍‌ଏସ୍ ପକ୍ଷରୁ କମ୍ବଳ ବଣ୍ଟନ



**କିଶୋରନଗର,୧୬।୧୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ଠାକୁରଗଡ଼ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଯୋଗୀବନ୍ଧ, ଖଇରାସାହି, ଅରଖକୁଦର ବୃଦ୍ଧ ବୃଦ୍ଧାଙ୍କୁ ଏହି କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ସ୍ୱୟଂ ସେବକ ରଘୁନାଥ ରଣା, ନୀଳକଣ୍ଠ ବାଘ, ବୀରବର ନାୟକ, ଗୋବର୍ଦ୍ଧନ ସାହୁ, ବିଭୂତି ଭୂଷଣ ସାହୁ, ମନୋଜ କୁମାର ସାହୁ, ଅଜୟ କୁମାର ସାହୁ, ଅନାମ ବେହେରା, ବୁଲୁ ଭୋଇ, କାଳନ୍ଦୀ ଭୋଇ, ଚକ୍ରଧର ବେହେରା, ପ୍ରସନ୍ନ ଭୋଇ, ଚନ୍ଦନ ବେହେରା, ତୋଫାନ ଭୋଇ, ମଣ୍ଟୁ ନାୟକ, ମିଲୁ ନାହାକ ପ୍ରମୁଖ ଉପସ୍ଥିତ ରହି କମ୍ବଳ ବାଣ୍ଟିଥିଲେ।

## କିଡ୍‌ନୀ ରୋଗରେ ଶଯ୍ୟାଶାୟୀ ପୂର୍ବତନ କାଉନସିଲର

# ସହାୟତା ପାଇଁ ନିବେଦନ କଲେ ପରିବାର ଲୋକେ



**କାମାକ୍ଷାନଗର,୧୬।୧୨(ସମିସ):** କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଆଲତୁମା ବଡ଼ବନ୍ଧ ସାହିର ପୂର୍ବତନ କାଉନସିଲର ହାଡ଼ିବନ୍ଧୁ ପ୍ରଧାନ ଏବେ ଶଯ୍ୟାଶାୟୀ ହୋଇଛନ୍ତି। ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଛଅ ମାସ ହେବ ଶଯ୍ୟାଶାୟୀ ହୋଇ ରହିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଥିବା ଯୋଗୁଁ ନିଜର ଚିକିତ୍ସା କରାଇ ପାରୁନାହାନ୍ତି। ତେଣୁ ଚିକିତ୍ସା ପାଇଁ ସରକାରୀ ସହାୟତା କିମ୍ବା ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି ହାଡ଼ିବନ୍ଧୁ। ସୂଚନା ଅନୁସାରେ ହାଡ଼ିବନ୍ଧୁ ୧୯୯୨- ୯୭ ପର୍ଯ୍ୟନ୍ତ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନ୍‌ସିଲର୍ ଭାବେ ନିର୍ବାଚିତ ହୋଇଥିଲେ। ଜଣେ ପରୋପକାରୀ ଓ ଧର୍ମପ୍ରାଣ ବ୍ୟକ୍ତି ଭାବେ ହାଡ଼ିବନ୍ଧୁ ବେଶ ଜଣାଶୁଣା। କିଡ଼ନୀ ରୋଗ ଭଳି ଏକ ମାରାତ୍ମକ ରୋଗର ଚିକିତ୍ସା ପାଇଁ ଅନେକ ଅର୍ଥର ଆବଶ୍ୟକ ଥିବାରୁ, ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବା ପାଇଁ କାମାକ୍ଷାନଗର ଅଞ୍ଚଳ ର ଯୁବ ସମାଜସେବୀ ଇ. ହିମାଦ୍ରୀ ଦାସ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ପଳାଶବାହାଳି ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**କଣିହାଁ,୧୬।୧୨(ସମିସ):** କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ବାଲିପଶି ପଞ୍ଚାୟତ ପଳାଶ ବାହାଳି ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରିଣୀ ରଶ୍ମୀରାଣୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ କରି କ୍ରୀଡ଼ା ଦ୍ୱାରା ଛାତ୍ରଛାତ୍ରୀଙ୍କ ଉଭୟ ଶାରିରୀକ ଓ ମାନସିକ ବିକାଶ ହୋଇଥାଏ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଅଜାତି ଚରଣ ଭୂତିଆଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ମଦନମୋହନ ସାହୁ ଯୋଗଦେଇ ପୁସ୍ତକ ଶିକ୍ଷା ସହ ଜଣେ ଛାତ୍ରର ସାମଗ୍ରିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷା ପରିଚାଳନା କମିଟିର ସଭାପତି ତପନ କୁମାର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ଜଲିରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଣ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

**କଣିହାଁ,୧୬।୧୨(ସମିସ):** କଣିହାଁ ବ୍ଲକ୍ ବଡ଼ତ୍ରିବିଡ଼ା ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ମାଧବ ନାଏକ (୪୬)। ସେ ମଙ୍ଗଳବାର ଆସନ୍ତା କାଲି ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## ନିଖୋଜ ନାବାଳିକା ଉଦ୍ଧାର

**କଣିହାଁ,୧୬।୧୨(ସମିସ):** ରେଙ୍ଗାଳି ଥାନା ଅଞ୍ଚଳରୁ ଗତ ୧୩ ତାରିଖ ରାତିରେ ପାରିବାରିକ କଳହ ଯୋଗୁଁ ନାବାଳିକା ଜଣକ ଘରୁ କେଉଁଆଡ଼େ ପଳାଇ ଥିଲେ। ଏ ନେଇ ଗତ ରବିବାର ରେଙ୍ଗାଳି ଥାନାରେ ଏକ ନିଖୋଜ ମାମଲା ରୁଜୁ କରିବା ପରେ ଝିଅ ନେଇଥିବା ମୋବାଇଲ ନମ୍ବରକୁ ଟ୍ରାକ୍ କରି ପୁଲିସ ତାକୁ ଉଦ୍ଧାର କରିଛି। ଝିଅଟି ଯୋଡ଼ା ଅଞ୍ଚଳରେ ଥିବା ଜାଣିବା ପରେ ତୁରନ୍ତ ରେଙ୍ଗାଳି ପୁଲିସ ସେଠାରେ ପହଞ୍ଚି ଉଦ୍ଧାର କରିଥିବା ଜଣାପଡ଼ିଛି। ଉଦ୍ଧାର ପରେ ଝିଅକୁ ବୁଝାସୁଝା କରି ଗତକାଲି ପରିବାରକୁ ହସ୍ତାନ୍ତର କରିଥିବା ନେଇ ରେଙ୍ଗାଳି ଥାନା ଆଇଆଇସି ବିଶ୍ୱମ୍ବର ପ୍ରଧାନ ସୂଚନା ଦେଇଛନ୍ତି।

## ଆଞ୍ଚଳିକ ବୈଦିକ ବ୍ରାହ୍ମଣ ପରିଷଦର ଦ୍ୱିତୀୟ ସାଂଗଠନିକ ସଭା



**ଛେଣ୍ଡିପଦା,୧୬।୧୨(ସମିସ):** ଆଞ୍ଚଳିକ ବୈଦିକ ବ୍ରାହ୍ମଣ ପରିଷଦର ଦ୍ୱିତୀୟ ସାଂଗଠନିକ ସଭା ପାତ୍ରପଡ଼ା ମା' ବାୟାଣୀ ପୀଠ ନିକଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଣ୍ଡିତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଷଦର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ଆଗାମୀ ଦିନରେ ଆଞ୍ଚଳିକ ବୈଦିକ ବ୍ରାହ୍ମଣ ପରିଷଦ ପକ୍ଷରୁ ବିଭିନ୍ନ ମଠ, ମନ୍ଦିର, ଧର୍ମାନୁଷ୍ଠାନ ଗୁଡ଼ିକର ଉନ୍ନତି ଦିଗରେ ଆଲୋଚନା ହେବା ସହ ପରିଷଦ ସନାତନ ଧର୍ମର ପ୍ରସାର ଏବଂ ଗୋ ସମ୍ପଦର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ପାଇଁ ଆଲୋଚନା ହୋଇଥିଲା। ପରିଷଦର ସମ୍ପାଦକ ହେମନ୍ତ କୁମାର ଆଚାର୍ଯ୍ୟ ସଭା ସଂଯୋଜନା କରିଥିବା ବେଳେ ଉପସଭାପତି ସୁରେଶ ଚନ୍ଦ୍ର ତ୍ରିପତି ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ପରିଷଦର ଉପଦେଷ୍ଟା କୁମୁଦ ଚନ୍ଦ୍ର ପଣ୍ଡା, ମାଧବ ମିଶ୍ର, ପ୍ରଦୀପ ମିଶ୍ର, ବିପିନ ବିହାରୀ ମହାପାତ୍ରଙ୍କ ସମେତ ଆଠମଲ୍ଲିକ, ଛେଣ୍ଡିପଦା, ଓ ଦେବଗଡ଼ ଜିଲ୍ଲାର ଗମ୍ଭାରିପାଳ ଅଞ୍ଚଳର ଶତାଧିକ ବୈଦିକ ବ୍ରାହ୍ମଣ ଉପସ୍ଥିତ ଥିଲେ।

# ରାଜ୍ୟ 'ସମୀକ୍ଷା ମିଶନ' ଟିମ୍‌ର କାମାକ୍ଷାନଗର ଉପଖଣ୍ଡ ମେଡିକାଲ ପରିଦର୍ଶନ

**କାମାକ୍ଷାନଗର,୧୬।୧୨(ସମିସ):** ରାଜ୍ୟ ସମୀକ୍ଷା ମିଶନ ଟିମ୍‌ର ଏକ ନଅ ଜଣିଆ ପ୍ରତିନିଧି ଦଳ କାମାକ୍ଷାନଗର ଉପଖଣ୍ଡ ମେଡିକାଲ ଗସ୍ତରେ ଆସି ମେଡିକାଲର ସ୍ଥିତି ସମୀକ୍ଷା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ପ୍ରଦୀପ କୁମାର ଗୁରୁଙ୍କ ନେତୃତ୍ୱରେ ଏହି ଟିମ୍ ମେଡିକାଲରେ ପହଞ୍ଚି, ସମସ୍ତ ଭିତ୍ତିଭୂମି ଓ ସ୍ଥିତି ସମୀକ୍ଷା କରିଥିଲେ। ପରିଦର୍ଶନ ବେଳେ କାମାକ୍ଷାନଗର ସାମ୍ବାଦିକ ସଂଘ ସମ୍ପାଦକ ହୃଦୟବଲ୍ଲଭ ମିଶ୍ର, ବରିଷ୍ଠ ସଦସ୍ୟ ବିଦ୍ୟାଧର ବରାଳ, ସଦାଶିବ ସେଠୀ, ସରୋଜକାନ୍ତ ବେହେରାଙ୍କ ସମେତ ସହରର ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସାହୁ, ଅମର ପ୍ରସାଦ ଶତପଥୀ ଓ କାମାକ୍ଷାନଗର ବ୍ୟବସାୟୀ ସଙ୍ଘ ସମ୍ପାଦକ ଜିତୁ ପଟ୍ଟନାୟକ ପ୍ରମୁଖ ଏହି ନଅଜଣିଆ ଟିମ୍‌କୁ ଉପଖଣ୍ଡ ମେଡିକାଲର ଘୋର ଅବ୍ୟବସ୍ଥା ସମ୍ପର୍କରେ ଜଣାଇଥିଲେ। ଦୁଇ ବର୍ଷ ପୂର୍ବେ ଏଠାରେ ୨୭ ଜଣ ଡାକ୍ତର ନିଯୁକ୍ତି ପାଇଥିବାବେଳେ ଏବେ ମାତ୍ର କିଛି ହାତଗଣତି ଡାକ୍ତରଙ୍କୁ ନେଇ ଏହି ମେଡିକାଲ ଚାଲୁଛି। ଏହି ମେଡିକାଲ ଉପରେ କାମାକ୍ଷାନଗର, ଭୁବନ, କଙ୍କଡ଼ାହାଡ଼, ପରଜଙ୍ଗ ବ୍ଲକ ସମେତ ପଡୋଶୀ କେନ୍ଦୁଝର ଜିଲ୍ଲାର ତେଲକୋଇ ଅଞ୍ଚଳର ହଜାର ହଜାର ଲୋକ ନିର୍ଭର କରୁଛନ୍ତି। ତେବେ ଏଠାରେ ଡାକ୍ତର ଅଭାବରୁ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ରୁ ବଞ୍ଚିତ ହେଉଛନ୍ତି। ମେଡିକାଲରେ ରକ୍ତଭଣ୍ଡାର ଥିବାବେଳେ ଏହା କାର୍ଯ୍ୟକ୍ଷମ ନ ହେବାରୁ ବହୁ ରୋଗୀଙ୍କୁ ଅପାତକାଳୀନ ପରିସ୍ଥିତିରେ ରକ୍ତ ଦେଇ ହେଉନାହିଁ। ଫଳରେ ଅନେକ ରୋଗୀ ରକ୍ତ ଅଭାବରୁ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ରକ୍ତଭଣ୍ଡାର କୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନେଇ ଦାବି କରାଯାଇଛି। ଦାବିଗୁଡ଼ିକୁ ବିଚାରକୁ ନେଇ ନିଆଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ଡ ଗୁରୁ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟସେବା ଅତିରିକ୍ତ ନିର୍ଦ୍ଦେଶକ ଡ. ଅଞ୍ଜନା ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ସ୍ମୃତିଜିତ ପଟ୍ଟନାୟକ, ମିଥୁନ କର୍ମକାର, ଲଳିତ ମୋହନ ସାହୁ, ବି. ବିଜୟଲକ୍ଷ୍ମୀ, ଆର କେ ପାତ୍ର, ଦୀନେଶ କୁମାର ସାହୁ ଏବଂ ମନୋରଞ୍ଜନ ଖଟୁଆ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ରହି ମେଡିକାଲର ସ୍ଥିତି ଉପରେ ସମୀକ୍ଷା କରିଥିଲେ। ପ୍ରତିନିଧି ମଣ୍ଡଳୀଙ୍କ ଏହି ଗସ୍ତ ଅବସରରେ ଢେଙ୍କାନାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡ଼ିପିଏମ ସସ୍ମିତା ସାହୁ, ସଂଘମିତ୍ରା ଚୌଧୁରୀ, ସମରେନ୍ଦ୍ର ଶତପଥୀ, ଦୀପ୍ତି ଏବଂ ଅକ୍ଷୟ ରଣା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ କାମାକ୍ଷାନଗର ଏସ୍‌ଡିଏମ୍‌ଓ ଡ. ଦିଗାମ୍ବର ସାହୁ, ମେଡିକାଲ ପରିଚାଳିକା ରଶ୍ମିପ୍ରଭା ସାମଲ ଉପସ୍ଥିତ ରହି ପ୍ରତିନିଧି ଟିମ୍‌କୁ ମେଡିକାଲ ବୁଲାଇବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

## ମେଡିକାଲର ଅବ୍ୟବସ୍ଥା ନେଇ ସାମ୍ବାଦିକ, ବରିଷ୍ଠ ନାଗରିକ ଓ ବ୍ୟବସାୟୀଙ୍କ ଅଭିଯୋଗ





## ଚୋରାମଦ ଜବତ, ୫ ଗିରଫ

କେନ୍ଦ୍ରାପଡ଼ା,୧୬।୧୨(ସମିସ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ରାଜକନିକା ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ମହାକାଳପଡ଼ା ଗ୍ରାମର ବୀରକିଶୋର ମଲିକ(୫୨)ଙ୍କଠାରୁ ୩୨ ଲିଟର ଦେଶୀ ମଦ ଓ ଅନ୍ତର୍ଯ୍ୟାମୀ ଦାସ(୨୭)ଙ୍କଠାରୁ ୪୧ ଲିଟର ଦେଶୀ ମଦ ସମେତ ଗୋଟିଏ ବାଇକ୍, ଶିଓପଡ଼ା ଗ୍ରାମର ଶରତ ମଲିକ(୩୨)ଙ୍କଠାରୁ ୩୨ ଲିଟର ବିଦେଶୀ ମଦ, କଣ୍ଡିଆହାଟ ଗ୍ରାମର ପ୍ରତାପ ମଲିକ(୪୧)ଙ୍କଠାରୁ ୨୧ ଲିଟର ଦେଶୀ ମଦ ଓ ରାମାକାନ୍ତ ମଲିକ(୩୧)ଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ୧୫୧ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ସମେତ ଗୋଟିଏ ବାଇକ୍ ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ଜଗନ୍ନାଥ ବେହେରା, ସୁନୀଲ ମିଶ୍ର, ପ୍ରଦୀପ ମଲିକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## କନ୍ତିଆ ମଠରେ ଧନୁଯାତ୍ରା



କେନ୍ଦ୍ରାପଡ଼ା,୧୬।୧୨(ସମିସ): କେନ୍ଦ୍ରାପଡ଼ା ସହର ଉପକଣ୍ଠସ୍ଥ କନ୍ତିଆ ମଠରେ ପାରମ୍ପରିକ ଧନୁଯାତ୍ରାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମଠାଧିଶ ସିଦ୍ଧାର୍ଥ ଶଙ୍କର ଦାସଙ୍କ ସଭାପତିତ୍ୱରେ ଓଲାଶୁଣୀ ମଠ ମହନ୍ତ ମହାରାଜ ବାଗ୍ମୀ ମହାନ ପ୍ରବକ୍ତା ନାମାନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶାର ଏକ ମହାନ୍ ପର୍ବକୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଦ୍ୱିତୀୟ ବର୍ଷରେ ପର୍ଦାପଣ କରି ଏହି ଉତ୍ସବକୁ ଦୀର୍ଘ ୭ଦିନ ଧରି କରିଥିବାରୁ ଏହି ସୁନ୍ଦର ପ୍ରୟାସକୁ ବଧାଇ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ମହିଳା ପ୍ରଭାରୀ ଜୋସ୍ନାରାଣୀ ଜେନା, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ, ଚକ୍ରୋଡା ସରପଞ୍ଚ ପ୍ରତିନିଧି ନିରଞ୍ଜନ ନାୟକ, ଯୁବ ନେତା ଅଭିରାମ ବେହୁରା, ବିଜେପି ଯୁବନେତା ବିଶ୍ୱରଞ୍ଜନ ରାଉତ, ବନ୍ଦନାରାଣୀ ରାଉତ, ନମିତା ବଳ ପ୍ରମୁଖ ଯୋଗ ଦେଇଥିଲେ। ରାମଦୋଳି ସମେତ ବିଭିନ୍ନ ଖାଇବା ଷ୍ଟଲ ୭ଦିନ ଧରି ଚାଲୁ ରହିବ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ। ଆଜିର ସନ୍ଧ୍ୟାରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭରତପୁରର ବାଗଦେବୀ କଳାମନ୍ଦିର ଓ ମା' ଶାରଳା ନୃତ୍ୟ ବିଦ୍ୟାଳୟ ମିଳିତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷକ ସର୍ବେଶ୍ୱର ପାତ୍ର ସଂଯୋଜନା କରିଥିବାବେଳେ ପ୍ରଦୀପ ବେହୁରା, ମଧୁବାବା ଯୁବ ପରିଷଦର ସମାଜସେବୀ ମଞ୍ଚ ପରିଚାଳନା କରିଥିଲେ।

● ମଙ୍ଗଳା ଛକରେ ଅଣ୍ଡର ପାସ୍ ରୋଡ ନିର୍ମାଣ ଦାବି

## ୩ ପଞ୍ଚାୟତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ



ମାର୍ଶାଘାଇ/ ମହାକାଳପଡ଼ା, ୧୬।୧୨(ସମିସ): ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅର୍ନ୍ତଗତ ମଙ୍ଗଳା ଛକରେ ଅଣ୍ଡର ପାସ ରୋଡ୍ ନିର୍ମାଣ ଦାବି କରି ବିକ୍ରମାଦିତ୍ୟ ସାହୁଙ୍କ ନେତୃତ୍ୱରେ ଜୀବନାନନ୍ଦ ସାହୁ, ତୁଷାରକାନ୍ତ ସାମନ୍ତରାୟ, ରାଜକିଶୋର ରାଉତରାୟ, ସାଗର ସାମଲ, କିଶୋର ସ୍ୱାଇଁ, ରଶ୍ମିତା ରାଉତରାୟଙ୍କ ସମେତ ଗରଜଙ୍ଗା, ବଡ଼କୂଳ, କରଞ୍ଜ ଓ ଗରଜଙ୍ଗା ୩ଟି ପଞ୍ଚାୟତ ଶତାଧିକ ଲୋକ ରାଜପଥକୁ ଅବରୋଧ କରି ପ୍ରତିବାଦ କରିଛନ୍ତି। ବଡ଼ପାଳ ଛକ ନିକଟ ମଙ୍ଗଳା ଛକ ଏକ ଗୁରୁତ୍ୱପୂର୍ଣ୍ଣ ଜଙ୍ଗସନ। ୪ ପାଶ୍ୱର୍କୁ ରାସ୍ତା ରହିଥିବାରୁ ୮ଲେନ ରାଜପଥ ଅତିକ୍ରମ ଯନ୍ତ୍ରଣାଦାୟକ ହେବା ସହ ଦ୍ରୁତଗାମୀ ଭାରୀଯାନ ଚଳାଚଳ ସମୟରେ ଜୀବନ ଚାଲିଯିବାକୁ ଏଡାଇ ହେବନାହିଁ। ମଙ୍ଗଳା ଛକରେ ଅଣ୍ଡର ପାସ ରୋଡ ନିର୍ମାଣ ପାଇଁ ପୂର୍ବରୁ ଏହି ପଞ୍ଚାୟତର ଲୋକେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଆସିଥିବାବେଳେ କୈଣସି ସୁଫଳ ମିଳି ନ ଥିବାରୁ ପଞ୍ଚାୟତବାସୀ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ରାସ୍ତାରୋକ ଜାରି ରହିବ ବୋଲି ପଞ୍ଚାୟତବାସୀ ଗଣମାଧ୍ୟମକୁ କହିଛନ୍ତି। ଖବର ପାଇ ମାର୍ଶାଘାଇ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ବୁଝାସୁଝା କରିବା ପରେ ଆନ୍ଦୋଳନକାରୀ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲେ।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

ପଟ୍ଟାମୁଣ୍ଡାଇ,୧୬।୧୨(ସମିସ)

ପଟ୍ଟାମୁଣ୍ଡାଇ ଓ ଆଳି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଥିବା ଅମିତ ହତ୍ୟାକାଣ୍ଡ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଦ୍ୟାଧର ପୃଷ୍ଟି ହତ୍ୟାକାରୀକୁ ଆଜୀବନ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଐତିହାସିକ ରାୟ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ସହିରା ଗ୍ରାମର ଅମିତ ପାତ୍ର ତାଙ୍କ ଶଳା ସଞ୍ଜୟ ଜେନା ଓ ଭାଗ୍ୟଧର ରାଉଳ ଗତ ୨୦୨୩ ମସିହା ଏପ୍ରିଲ ୧୪ ତାରିଖ ରାତି ୧୦ ଘଟିକା ସମୟରେ ଦହିଅଣ୍ଟା ଗ୍ରାମକୁ ଭାଗବତ ସପ୍ତା ଭୋଜି ଖାଇବାକୁ ଯାଇଥିଲେ। ହତ୍ୟା ଅଭିଯୁକ୍ତ ରଶ୍ମୀରଞ୍ଜନ ରାଉଳ ପୂର୍ବ ଶତ୍ରୁତାକୁ ନେଇ ଅମିତ କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଅମିତ, ସଞ୍ଜୟ ଓ ଭାଗ୍ୟଧର ରାତ୍ର ୧୦ଟା ୩୦ ମିନିଟ ସମୟରେ ଭୋଜିଖାଇ ଫେରୁଥିବା ସମୟରେ ଦହିଅଣ୍ଟା ଛକଠାରେ ହତ୍ୟା ଅଭିଯୁକ୍ତ ରଶ୍ମୀରଞ୍ଜନ ପୁର୍ନବାର ଅମିତକୁ ଗାଳିଗୁଲଜ କରିବା ସହିତ ଏକ ଧାରୁଆ ଛୁରି ଅମିତଙ୍କ ବାମ ପଟ ଛାତିରେ ଭୁସି ଦେଇଥିଲେ। ଏହା ଦେଖି ଅମିତର ଶଳା ସଞ୍ଜୟ ଅମିତକୁ ବଞ୍ଚାଇବାକୁ ଯିବା ବେଳେ ହତ୍ୟା ଅଭିଯୁକ୍ତ ରଶ୍ମୀରଞ୍ଜନ ତାକୁ ମଧ୍ୟ ଛାଡି ନଥିଲା। ସଞ୍ଜୟଙ୍କୁ ମଧ୍ୟ ଛୁରିରେ ଆକ୍ରମଣ କରି ଗୁରୁତର କରିଦେଇଥିଲା। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ଅମିତକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟତମ ଗୁରୁତର ସଞ୍ଜୟଙ୍କୁ



ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ଏ ସମ୍ପର୍କରେ ଅମିତଙ୍କ ଦାଦା ମନୋରଞ୍ଜନ ପାତ୍ର ଆଳି ଥାନାରେ ଅଭିଯୋଗ କରିଥିଲେ। ଏ ସଂପର୍କରେ ଅମିତଙ୍କ ଦାଦା ମନୋରଜଂନ ପାତ୍ର ଆଳି ଥାନାରେ ଅଭିଯୋଗ କରିଥିଲେ। ଆଳି ଥାନା ପୋଲିସ ଥାନା କେଶ ନଂ-୩୬୮/୨୦୨୩ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଆଳି ଥାନା ଏସ ଆଇ ମମତା ବିଶ୍ୱାଳ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲେ। ଏହି ମାମଲାର ବିଚାର କରି ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଦ୍ୟାଧର ପୃଷ୍ଟି ଅମିତ ହତ୍ୟା ମାମଲାର ଅଭିଯୁକ୍ତ ସହିରା ଗ୍ରାମର ରଶ୍ମୀରଞ୍ଜନ ରାଉଳଙ୍କୁ ଦଫା ୩୦୨ରେ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥି ସହିତ ଦଫା ୩୨୪ରେ ଆସାମୀକୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇବା ସହିତ ୫ହଜାର ଟଙ୍କା ଜୋରିମାନା କରିଛନ୍ତି ଓଜୋରିମାନା ଅନାଦେୟ ୬ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି ଓ ଏହି ହତ୍ୟା ମାମଲାରେ ୨୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅତିରିକ୍ତ ଜିଲ୍ଲା ଦୌରାଜଜ ହତ୍ୟା ଆସାମୀ ରଶ୍ମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହା ଛଡା ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ଅତିରିକ୍ତ ଦୌରାଜଜ୍ ଜିଲ୍ଲାଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ହତ୍ୟା ମାମଲାକୁ ଆଡିସନାଲ ଏପିପି ସରୋଜ କୁମାର ମଲିକ ଡେପୁଟୀ ଡାଇରେକ୍ଟର ପ୍ରୋସିକ୍ୟୁସନ ଧିରେନ କୁମାର ପଣ୍ଡା, ପିପି ସୌଭାଗ୍ୟବତୀ ଅହଲ୍ୟାମଣି ପଟ୍ଟନାୟକ ପରିଚାଳନା କରିଥିଲେ। ଖୁବ କମ ଦିନ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ହତ୍ୟା ମାମଲାର ରାୟ ପ୍ରକାଶ ପାଇବା ଓ ଅଭିଯୁକ୍ତଙ୍କୁ କଠୋର ଦଣ୍ଡିତ କରିଥିବାରୁ ମୃତକଙ୍କ ପରିବାର ସନ୍ତୋଷ ବ୍ୟକ୍ତ କରିଛନ୍ତି।

## ସିଦ୍ଧ ବଳଦେବଜୀଉଙ୍କ ପାଖରେ ଲାଗି ହେଲା ପହିଲି ଭୋଗ





କେନ୍ଦ୍ରାପଡ଼ା,୧୬।୧୨(ସମିସ): ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ନିକଟରେ ପରମ୍ପରାନୁସାରେ ପହିଲି ଭୋଗ ଲାଗି ହୋଇଛି। ଏହାସହ ମହାପ୍ରଭୁଙ୍କ ପାଖରେ ଧନୁ ମୁଁଆ ଭୋଗ ମଧ୍ୟ ଅର୍ପଣ କରାଯାଇଛି। ଶାସ୍ତ୍ର ଅନୁଯାୟୀ ଧନୁ ସଂକ୍ରାନ୍ତି ପୂର୍ବ ମାସନ୍ତ ରାତିରେ ମା' ଲକ୍ଷ୍ମୀ ନିଜ ପିତୃ ଆଳୟକୁ ଯାତ୍ରା କରିଥାନ୍ତି। ଏକ ମାସ ପର୍ଯ୍ୟନ୍ତ ପିତୃ ଆଳୟରେ ବାସ କରିବା ପରେ ମକର ସଂକ୍ରାନ୍ତି ପୂର୍ବ ମାସନ୍ତ ଦିନ ସେ ପୁନଃ ମନ୍ଦିରକୁ ଫେରି ଆସନ୍ତି। ଏହି ସମୟସୀମାରେ ମନ୍ଦିରର ସମସ୍ତ ଦାୟିତ୍ୱ ମା' ଯଶୋମତୀଙ୍କ ଉପରେ ନିର୍ଭର କରେ। ମା' ଯଶୋମତୀ ବ୍ରହ୍ମମୁହୂର୍ତ୍ତରୁ ଉଠି ବଳରାମକୃଷ୍ଣଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରି ଶ୍ରଦ୍ଧାରେ ପରଷଣ କରନ୍ତି, ଯାହାକୁ "ପହିଲି ଭୋଗ' କୁହାଯାଏ। ଆଜିଠୁ ତୁଳସୀ କ୍ଷେତ୍ରରେ ଏହି ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଆଜି ଭୋର ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ଜୟମଙ୍ଗଳା ଆଳତି ଅନୁଷ୍ଠିତ ହୋଇଥିଲା। ପରେ ନୀତି ସ୍ନାନ ଓ ବେଶ ବଲ୍ଲଭ ସମ୍ପନ୍ନ ହୋଇଥିଲା। ବଲ୍ଲଭ ସମୟରେ ପ୍ରଭୁଙ୍କ ପାଖରେ ପହିଲି ଭୋଗ ଅର୍ପଣ କରାଯାଇଥିଲା। ଏହି ଭୋଗରେ ପୋଡ଼ ପିଠା, ପକୁଡ଼ି, ଡାଲିମ୍ବ, ଲଡୁ ଓ କାକରା ଆଦି ବ୍ୟଞ୍ଜନ ରହିଥିଲା। ଭୋଗ ନୀତି ସମାପ୍ତି ପରେ ଆଳତି କରାଯାଇଥିଲା। ଏହି ପହିଲି ଭୋଗ ନୀତି ଏକ ମାସ ଧରି ଚାଲିବ। ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ପାଖରେ ଧନୁ ମୁଁଆ ଭୋଗ ଲାଗି କରାଯାଇଥିବାବେଳେ ପରେ ପାଶ୍ୱର୍ ଦେବଦେବୀଙ୍କ ପାଖରେ ମଧ୍ୟ ଭୋଗ ଅର୍ପଣ ହୋଇଥିଲା। ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ବିଧାୟକଙ୍କ ଜନ୍ମଦିନ ପାଳନ



ରାଜନଗର, ୧୬।୧୨(ସମିସ): ରାଜନଗର ବ୍ଲକ୍ ପେଣ୍ଠ ଗ୍ରାମର ସର୍ବପୁରାତନ ଶ୍ରୀଶ୍ରୀ ବନବିହାରୀଜୀଉଙ୍କ ମନ୍ଦିରରେ ରାଜନଗର ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଜନ୍ମଦିନ ପାଳନ କରାଯାଇଛି। ବ୍ଲକ୍ ବିଜୁ ଜନତା ଦଳ ସଭାପତି ନିରଞ୍ଜନ ରାଉତଙ୍କ ସହିତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ସରପଞ୍ଚ ଅଶୋକ ମହାନ୍ତି, ପୂର୍ବତନ ସରପଞ୍ଚ କୈଳାସ ପରିଡ଼ା, ବରିଷ୍ଠ ନେତା ଦିଲ୍ଲୀପ ପାତ୍ର, ପ୍ରମୋଦ ପ୍ରଧାନ, ସୁରଜ ପୁହାଣ, ଘନଶ୍ୟାମ ବଳ, ରାମଚନ୍ଦ୍ର ନାୟକ, ନରେଶ ଚନ୍ଦ୍ର ରାଉତ, ରଞ୍ଜନ ଜେନା ପ୍ରମୁଖ ବିଜେଡି କର୍ମୀ ଯୋଗଦେଇ ମନ୍ଦିରରେ ଦୀପଦାନ କରି ବିଧାୟକ ଶ୍ରୀ ସାହୁଙ୍କ ଶୁଭମନାସୀ ଥିଲେ।

## ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦୌଡ଼ରେ ମହାକାଳପଡ଼ାରୁ ଦୁଇ ସଂଗଠକ

ମହାକାଳପଡ଼ା,୧୬।୧୨(ସମିସ): ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଚୟନ ଶେଷ ହେବା ପରେ ଏବେ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ପଦ ପାଇଁ ମହାକାଳପଡ଼ା ନିର୍ବାଚନମଣ୍ଡଳୀରୁ ଦୁଇ ଯୁବ ସଂଗଠକ କ୍ରିଷ୍ଣପଦ ମଣ୍ଡଳ ଓ ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ନାମ ଚର୍ଚ୍ଚା ହେଉଛି। ଉଭୟଙ୍କ ପ୍ରଶଂସକ ସାମାଜିକ ଗଣମାଧ୍ୟମରେ ଏ





ନେଇ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। ସଭାପତି ପଦ ପାଇଁ ଜଣେ ଦକ୍ଷ ସଂଗଠକ ଓ ନିର୍ମଳ ଭାବମୂର୍ତ୍ତି ଥିବା କାର୍ଯ୍ୟକର୍ତ୍ତାକୁ ଦଳର ଶୀର୍ଷ ନେତୃତ୍ୱ ମୋହର ମାରିବେ ବୋଲି ଜଣାପଡିଛି। ଏହି କ୍ରମରେ ଦେଖିବାକୁ ଗଲେ କ୍ରିଷ୍ଣପଦ ମଣ୍ଡଳ ୨୦୨୨ରୁ ବତୀଘର ପଞ୍ଚାୟତର ସମିତି ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ୨୦୦୯ରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟତା ଗ୍ରହଣ କରିଛନ୍ତି। ୨୦୦୭ରେ ବିଜେପିର ସଦସ୍ୟତା ଗ୍ରହଣ କରି ୨୦୧୭ରେ ପଞ୍ଚାୟତର ଯୁବମୋର୍ଚ୍ଚା ସଭାପତି ଭାବେ ନିର୍ବାଚିତ ହେବା ସହିତ ତାଙ୍କ ପ୍ରତିନିଧିତ୍ୱରେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୧୨ ୱାଡର୍ ସଭ୍ୟଙ୍କୁ ନିର୍ବାଚିତ କରାଇଛନ୍ତି। ୨୦୧୮ ରେ ଆଇଟି ସେଲ୍ ସଂଯୋଜକ,୨୦୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦକ, ୨୦୨୨ରେ ସେ ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଚନ୍ଦ୍ରକାନ୍ତ ରାମନଗର ପଞ୍ଚାୟତର ଜଣେ ଯୁବ ସଂଗଠକ। ଛାତ୍ର ଜୀବନରୁ ଆଜି ପର୍ଯ୍ୟନ୍ତ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ସୁପରିଚାଳନା କରାଇବା ସହିତ ପଞ୍ଚାୟତର ସଙ୍ଗଠନ ସୁଦୃଢ ପାଇଁ ସେ କାର୍ଯ୍ୟ କରି ଆସୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ସ୍ତରୀୟ ପରିଚାଳନା ସଦସ୍ୟ, ଆଇଟି ସେଲ୍ ସଂଯୋଜକ ଭାବେ କାର୍ଯ୍ୟ କରିଛନ୍ତି। ଦଳର ପ୍ରତିଟି କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିବା ମଧ୍ୟ ଦେଖିବାକୁ ମିଳୁଛି। ଉଭୟ ମହାକାଳପଡ଼ା ବିଧାୟକଙ୍କ ଅନୁଗତ। ଏହି ସଭାପତି ଦୌଡ଼ ପାଇଁ କାହା ଉପରେ ବିଧାୟକଙ୍କ ଅନୁକମ୍ପା ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## କପିଳମୁନି ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ମାର୍ଶାଘାଇ,୧୬।୧୨(ସମିସ): ମାର୍ଶାଘାଇ ବ୍ଲକ୍ ପିକରାଳି କପିଳମୁନି ଆଶ୍ରମ କପିଳମୁନି ହାଇସ୍କୁଲର ୧୯୭୭ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ମହାପୁରୁଷ କପିଳମୁନିଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ ଛାତ୍ର ଡ. କବିନ୍ଦ୍ର ଦାସ, ଉମାକାନ୍ତ ପଣ୍ଡା, ପ୍ରମୋଦ ଦାସ, ଅଶୋକ ପ୍ରଧାନ, ସତ୍ୟାନନ୍ଦ ମହାନ୍ତି, କୁମରମଣି ପଣ୍ଡା, ତପନ ଲେଙ୍କା, ମଳୟ ନାୟକ, ଗୋବର୍ଦ୍ଧନ ଲେଙ୍କା, ମଞ୍ଜୁଲତା ଦାସ, ଧ୍ରୁବଚରଣ ପଣ୍ଡା, ଉର୍ବଶୀ ପରିଡ଼ା, ସତ୍ୟାଭାମା ବେହେରା, ନୃସିଂହ ରଥ ପ୍ରମୁଖ ଯୋଗଦେଇ ୪୮ବର୍ଷ ପରେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ। କପିଳମୁନି ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ମିନତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।


## ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

ରାଜକନିକା,୧୬।୧୨(ସମିସ): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ରାଜକନିକା-ଚାନ୍ଦବାଲିକୁ ସଂଯୋଗ କରୁଥିବା ବୈତରଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଅପରାହ୍ନରେ ଓସ୍ତିଆ ହନୁମାନ ଛକ ନିକଟରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ସ୍ଥାନୀୟ ତହସିଲଦାର ଭାନୁମତୀ ମାଝୀ, ଓବିସିସି ପକ୍ଷରୁ ଏସସି ଆଶିଷ କୁମାର ଗୁପ୍ତା, ସୌମ୍ୟରଞ୍ଜନ ଜେନା, ଆରଆଇ ପ୍ରଭାତ ସାହୁ, ଅମିନ ଗଙ୍ଗାଧର ପଣ୍ଡା ପ୍ରମୁଖ ଯୋଗଦେଇ ଜମିଦାତାଙ୍କୁ ଜମି ଅଧିଗ୍ରହଣ ସମ୍ପର୍କରେ ଅବଗତ କରାଇଥିଲେ। ଘରବାଡ଼ି ପ୍ଲଟ ୪ ଲକ୍ଷ ଓ ଅନ୍ୟ ପ୍ଲଟ ୧ଲକ୍ଷ ୬୨ ହଜାର ପ୍ରତି ଗୁଣ୍ଠ ପିଛା ସରକାର ଯୋଗାଇ ଦେବେ ବୋଲି ଅଧିକାରୀ ଅବଗତ କରାଇଥିଲେ। ଏହାବ୍ୟତୀତ ତରାସ ହାଇସ୍କୁଲର ନିଜସ୍ୱ ୨୮ ଡେସିମିଲ ଜମି ଅଧିଗ୍ରହଣରେ ଯାଉଥିବାବେଳେ ଅନ୍ୟତ୍ର ସ୍କୁଲକୁ ୨୮ ଡେସିମିଲ ଜମି ଯୋଗାଇ ଦେବାକୁ କନିକା ତହସିଲଦାର ଭାନୁମତୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ଓସ୍ତିଆ ହନୁମାନ ଛକ ନିକଟରେ ଓଭରବ୍ରିଜ୍ ଓ ଛକ ପୂର୍ବରୁ ଏକ ନାକା(ଗେଟ୍) ନିର୍ମାଣ ପାଇଁ ଦାବିକୁ ଗ୍ରହଣ କରି ସେତୁ ନିର୍ମାଣ ପରେ ଓ ନୂତନ ୪ଲେନ ରାସ୍ତା କାର୍ଯ୍ୟକ୍ଷମ ହେଲେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଏସସି ଆଶିଷ ଗୁପ୍ତା କହିଥିଲେ। ଏହି ଜନଶୁଣାଣିରେ ଶୁଭ୍ରଜିତ୍ ବିଶ୍ୱାଳ, ମୁରଲୀଧର ବଳ, ଅଜୟ ନାଥ, ହରିହର ବାରିକ, ଶିବପ୍ରସାଦ ମଲ୍ଲିକ, ସୁମନ୍ତ ନାୟକ, ସୁଶାନ୍ତ ବାରିକ୍, ମଳୟ ମଲ୍ଲିକ, ମାୟାଧର ବାରିକ୍, ନୟନ ସାମଲ, ରଙ୍ଗାଧର ନାଥ, ଭାଗୀରଥି ରାଉତ, ତରାସ ହାଇସ୍କୁଲର ପୁରାତନ ଛାତ୍ର, ତରାସ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିବେଦିତା ନାୟକ ଉପସ୍ଥିତ ଥିଲେ।



# ଷ୍ଟ୍ରିଟ୍ ଲାଇଟ ଦୁର୍ନୀତିରେ କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ ଗିରଫ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୧୬।୧୨(ସମିସ): ଅନେକ ଛକାପଞ୍ଝା ପରେ ଶେଷରେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ ଷ୍ଟ୍ରିଟ ଲାଇଟ ଦୁର୍ନୀତିରେ ସମ୍ପୃକ୍ତ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଶାସନ ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ନେଇ ଗତ ୨୦୨୩-୨୪ଆର୍ଥିକ ବର୍ଷରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ଓ ମିଥ୍ୟା ବିଲ ମାଧ୍ୟମରେ ସରକାରୀ ଅନୁଦାନ ଅର୍ଥ ହରିଲୁଟ ଘଟଣାରେ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଗତ ନଭେମ୍ବର ୪ତାରିଖରେ ବ୍ଲକ ପରିସରରେ ଅନଶନ କରା ଯାଇଥିଲା । ବିଡିଓଙ୍କ ସହିତ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ଏବଂ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ କେନ୍ଦ୍ରାପଡା ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ସହିତ ବ୍ଲକ କାର୍ଯ୍ୟାଳୟକୁ ପଠାଇ ଥିଲେ। ଘଟଣା ଦିନ ବିଡ଼ିଓ ଶ୍ରୀମତୀ ଅଗ୍ରୱାଲ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ଅନଶନ କାରୀଙ୍କୁ ତିନି ମାସ ମଧ୍ୟରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପୁନଶ୍ଚ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରି କୌଣସି ଷ୍ଟ୍ରିଟ ଲାଇଟ ଲାଗି ନଥିବା ଦେଖିଛନ୍ତି ବୋଲି ବିଡ଼ିଓ ପ୍ରକାଶ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟଯେ ଶାସନ ପଞ୍ଚାୟତର ଶାସନ ଠାରୁ ମାଳିପୁର



କାମ ନକରି ୧୦ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଉଠାଇ ନେଲା ଭିଜିଲାନ୍ସ ଟିମ

ମାର୍କେଟ ପର୍ଯ୍ୟନ୍ତ ଏକ ପ୍ରକଳ୍ପ ଜରିଆରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ୯ ଲକ୍ଷ ୭୦ହଜାର ଟଙ୍କା ଭାଉଚର ନଂ ଓ ଡବ୍ଲୁ ଏନ /୨୦୨୪-୨୫/ ପି /୧୧୩ ରେ ପୈଠ ହୋଇଛି। ପ୍ରକଳ୍ପର କାର୍ଯ୍ୟାଦେଶ ବ୍ଲକ୍ର କନିଷ୍ଠ ଯନ୍ତ୍ରୀ ରତ୍ନେଶ ପାଣ୍ଡେଙ୍କ ନାମରେ ଥିବା ବେଳେ ପ୍ରକଳ୍ପ କାମ ନକରି ଶ୍ରୀ ପାଣ୍ଡେ ତାଙ୍କ ପିପିଲି ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ବ୍ୟକ୍ତିଗତ ଆକାଉଣ୍ଟରେ ସରକାରୀ ଅନୁଦାନ ଅର୍ଥ ପୈଠ କରି ଉଠାଇ ନେଇଥିବା ଜଣାପଡିଛି। ଏଥି ସହିତ ଅନଶନ ଦିନ ନିଜେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଅନଶନକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ତେବେ ଏପରି ଆଚରଣ ପାଇଁ ବିଡିଓ ତାଗିଦ କରିବାରୁ ଓଲଟା ବିଡିଓ ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ କେତେକ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ନିଜ ବିବୃତ୍ତି ଦେଇଥିଲେ। ଅନଶନକାରୀ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବାରୁ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ସହ ୩ମାସ ମଧ୍ୟରେ ପ୍ରକଳ୍ପ ସ୍ଥାନରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ କହିଥିଲେ। ଜଣେ କନିଷ୍ଠ ଯନ୍ତ୍ରୀଙ୍କ କଳା କାରନାମାକୁ ଘୋଡାଇବାକୁ ଯାଇ ନୂତନ ଭାବେ ବ୍ଲକରେ ଯୋଗ ଦେଇଥିବା ବିଡିଓଙ୍କୁ ବଳି ପକାଇବା ପାଇଁ କିଛି ଜନ ପ୍ରତିନିଧି କରିଥିବା ଉଦ୍ୟମ ଶେଷରେ ବିଫଳ ହୋଇଛି। ଭିଜିଲାନ୍ସ ତଦନ୍ତ ପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ପାଣ୍ଡେ ଦୁର୍ନୀତିରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ କଟକ ଭିଜିଲାନ୍ସ ଟିମ ଶ୍ରୀ ପାଣ୍ଡେଙ୍କୁ ଆଜି ଗିରଫ କରିଛ। କଟକ ଭିଜିଲାନ୍ସ ପିଏସ କେଶ ନଂ ୩୫/୨୦୨୫ଅଣ୍ଡର ସେକ୍ସନ ୧୩(୨) ଆର /ଡବ୍ଲୁ ୧୩(୧)(ଏ)/୧୨ ପିସି ଆକ୍ଟ , ୨୦୧୮/୪୦୯/୧୨୦ବି ଆଇପିସି ରେ ମାମଲା ରୁଜୁ କରି ଶ୍ରୀ ପାଣ୍ଡେଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ପଠାଇ ଦେଇଥିବା ଜଣା ପଡ଼ିଛି। ଶାସନ ପଞ୍ଚାୟତର ଅର୍ଜୁନ ସାହୁ, ରମାକାନ୍ତ ଦାସ, ରାହାସ ମଲିକ, ବିଚିତ୍ର ସେନାପତି, ପ୍ରସାଦ ମଲିକ,ଭ୍ରମରବର ନାୟକ ,ଦିଲ୍ଲୀପ ମଲିକ, ଆଶିଷ ମଲିକ, ସତ୍ୟବାନ ମଲିକ, ଜୀବନ ମଲିକ, ଅକ୍ଷୟ ମଲିକ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ଭିଜିଲାନ୍ସ ଟିମ ଏବଂ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।



# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ। ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !

-ୱାରେନ୍ ବଫେଟ୍

ସକାଳ
THE SAKALA

## ଜୀ ରାମ୍ ଜୀ!

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ୨୦୦୫ରେ ପ୍ରଣୀତ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ସଂକ୍ଷେପରେ ମନରେଗା) ଆଇନ୍‌କୁ ରଦ୍ଦ କରି ତା'ବଦଳରେ 'ବିକଶିତ ଭାରତ- ନିଶ୍ଚିତ ରୋଜଗାର ଓ ଆଜୀବିକା ମିଶନ୍(ଗ୍ରାମୀଣ) ଯୋଜନା(ସଂକ୍ଷେପରେ ଭିବି-ଜୀ ରାମ୍ ଜୀ) ଆଇନ ଆଣିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ହେଉଛନ୍ତି। ଏ ସମ୍ପର୍କିତ ବିଧେୟକ ଲୋକସଭାରେ ଉପସ୍ଥାପିତ ହେବା ପରେ ସଂସଦ ଭିତରେ ଓ ବାହାରେ ସ୍ୱାଭାବିକ ଭାବେ ବିରୋଧାଭାସ ସୃଷ୍ଟି ହୋଇଛି। ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା ଯେତିକି ବିବାଦୀୟ ହୋଇଛି, ଯୋଜନାର ମୌଳିକ ଓ ମହତ୍ ଲକ୍ଷ୍ୟ ପରାହତ ହେବ ବୋଲି ତା'ଠାରୁ ଅଧିକ ଅଭିଯୋଗ ହୋଇଛି।

'ମନରେଗା' ଭଳି ଏକ ଯୁଗାନ୍ତକାରୀ ଆଇନକୁ ରଦ୍ଦ କରିବା ପୂର୍ବରୁ ସଂସଦରେ ବିଚାର, ବିମର୍ଶ ଓ ଆଲୋଚନାର ଆବଶ୍ୟତା ଥିଲା। କିନ୍ତୁ ସଂସଦୀୟ ଗଣତନ୍ତ୍ରକୁ ଉପେକ୍ଷା କରି ସରକାର ଏଭଳି ବିଧେୟକ ଉପସ୍ଥାପନ କରିଥିବାରୁ ବିବାଦ ସୃଷ୍ଟି ହେବା ସ୍ୱାଭାବିକ। ଏଥିସହିତ 'ମନରେଗା'ରେ ଥିବା କାମ ମାଗିବାର ଅଧିକାରଟି 'ଜୀ ରାମ୍ ଜୀ'ରେ ଶ୍ରମଜୀବୀମାନେ ହରାଇବେ ବୋଲି ଅଭିଯୋଗ ହୋଇଛି। '୨୦୪୭ରେ ବିକଶିତ ଭାରତର ପରିକଳ୍ପନା'ଦୃଷ୍ଟିରେ ରଖି 'ଜୀ ରାମ୍ ଜୀ'ରେ କାର୍ଯ୍ୟଦିବସକୁ ୧୨୫ ଦିନକୁ ବୃଦ୍ଧି କରାଯାଇଥିଲେ ହେଁ ଗ୍ୟାରେଣ୍ଟି ବା ନିଶ୍ଚିତତା ହରାଇଛି। ବିଧି ବିଶାରଦଙ୍କ ବିଶ୍ଳେଷଣ ଅନୁଯାୟୀ, ବିଧେୟକରେ ଥିବା ଉପବିଭାଗ ୪(୫) ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଯେଉଁ କାମ ବାଣ୍ଟିବେ ସେଥିରୁ ରାଜ୍ୟମାନେ ଶ୍ରମଜୀବୀଙ୍କୁ କାର୍ଯ୍ୟଦିବସ ଯୋଗାଇ ଦେବେ। ଅର୍ଥାତ୍ ଯଦି କାମ ନାହିଁ ତେବେ ଶ୍ରମ ଓ ରୋଜଗାର ମଧ୍ୟ ନାହିଁ। ସେହିପରି ପ୍ରଚଳିତ 'ମନରେଗା'ରେ ସମସ୍ତ ଅର୍ଥ କେନ୍ଦ୍ର ସରକାର ବହନ କରୁଥିବା ବେଳେ 'ଜୀ ରାମ୍ ଜୀ'ରେ କେନ୍ଦ୍ର ୬୦ ଭାଗ ଓ ରାଜ୍ୟମାନେ ୪୦ ଭାଗ ଅର୍ଥ ବହନ କରିବେ। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ଏହି ଅନୁପାତ ୯୦:୧୦ ରହିବ। ଏହାଦ୍ୱାରା ରାଜ୍ୟମାନଙ୍କ ଆର୍ଥିକ ବୋଝ ବଢ଼ିବ ଏବଂ ଶ୍ରମଜୀବୀମାନଙ୍କ ବିରୋଧର ପ୍ରତ୍ୟକ୍ଷ ସମ୍ମୁଖୀନ ରାଜ୍ୟ ସରକାରମାନଙ୍କୁ ହେବାକୁ ପଡ଼ିବ।

ଯଦି ସଠିକ୍ ଭାବେ ପାଣ୍ଠିର ଆବଣ୍ଟନ କରାଯାଇଥା'ନ୍ତା ତେବେ 'ମନରେଗା' ହିଁ ଗ୍ରାମୀଣ ଦାରିଦ୍ର୍ୟ ଦୂରୀକରଣକୁ ୨୬% ପର୍ଯ୍ୟନ୍ତ ହ୍ରାସ ଏବଂ ରୋଜଗାରକୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରିଥା'ନ୍ତା ବୋଲି ୨୦୨୩ରେ ତିନି ଅର୍ଥନୀତିଜ୍ଞ କେ ମୁରଲୀଧରନ୍, ପଲ୍ ଏନ୍ ଓ ସନ୍ଦୀପ ଏସ୍ ଙ୍କ ଏକ ସନ୍ଦର୍ଭରେ ପ୍ରକାଶ ପାଇଥିଲା। ଗତ ପାଞ୍ଚ ବର୍ଷ ଭିତରେ ପାଣ୍ଠି ଅଭାବରୁ 'ମନରେଗା' କାର୍ଯ୍ୟଦିବସ ହାରାହାରି ୫୫କୁ ହ୍ରାସ ପାଇଛି। ତେଣୁ ଯୋଜନା ରୂପାୟନରେ ଥିବା ତ୍ରୁଟିକୁ ନ ସୁଧାରି ଯୋଜନା ଉଚ୍ଛେଦ କେତେ ଯଥାର୍ଥ ତାହା ବିଚାରସାପେକ୍ଷ। ସେହିପରି 'ଜୀ ରାମ୍ ଜୀ'ରେ ଅଣକୁଶଳୀ ଶ୍ରମିକମାନଙ୍କ କାର୍ଯ୍ୟ, ତଦାରଖ, ପାରିଶ୍ରମିକ ପ୍ରଦାନ ଆଦି ସବୁକିଛି ଡିଜିଟାଲ୍‌ରେ ବା ଏଆଇ ଦ୍ୱାରା ପରିଚାଳିତ ହେବ। 'ନରେଗା'ରେ ହେଉଥିବା ଶ୍ରମଚୋରି ବା ଜାଲ୍ ଜବ୍‌କାର୍ଡ ଅଭିଯୋଗ ଡିଜିଟାଲ୍ ପ୍ରକ୍ରିୟାରେ ହ୍ରାସ ପାଇବ ନିଶ୍ଚୟ, କିନ୍ତୁ ନିରକ୍ଷର ବା ଅଳ୍ପଶିକ୍ଷିତ ଶ୍ରମଜୀବୀମାନେ ପ୍ରଭାବିତ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

'ଜୀ ରାମ୍ ଜୀ' କେତେ ପ୍ରଜାବତ୍ସଳ ଓ ମଙ୍ଗଳଦାୟକ ହେବ ତାହା ରୂପାୟନ ପରେ ହିଁ ଜଣାପଡ଼ିବ। କିନ୍ତୁ ଅଯଥା ଦଳୀୟ କନ୍ଦଳରେ ମହତ୍ ଯୋଜନା ବଳି ପଡ଼ିବାର ଧାରା ଜାରି ରହେ ବା କେବଳ ପରିବର୍ତ୍ତନ ପାଇଁ ପରିବର୍ତ୍ତନ ହୁଏ ତେବେ ସାଧାରଣ ଖଟିଖିଆ ଜନତାଙ୍କୁ କେବଳ 'ରାମ ଜୀ' ଭରସା।

## ବିଷ ବଳୟରେ ଦିଲ୍ଲୀ

ରାଜଧାନୀ ଦିଲ୍ଲୀ ଅଞ୍ଚଳ ପ୍ରଦୂଷଣର ବିଷ ବଳୟର ପଞ୍ଝାକୁ ଚାଲିଯିବା ନୂଆ ନୁହେଁ। ଗତ କିଛି ବର୍ଷ ହେଲା ଦୀପାବଳୀ ପରଠାରୁ ଶୀତ ଦିନ ସରିବା ପର୍ଯ୍ୟନ୍ତ ଏଭଳି ଘଟଣାର ପୁନରାବୃତ୍ତି ଘଟିଚାଲିଛି। ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସଂସଦରେ ମଧ୍ୟ ଆଲୋଚନା ହୋଇଛି। କିନ୍ତୁ ସରକାରୀ ଉଦାସୀନତା କାରଣରୁ ଏହାର ଦୀର୍ଘସ୍ଥାୟୀ ସମାଧାନ ହୋଇପାରୁନାହିଁ। ବିଶ୍ୱରେ ଦିଲ୍ଲୀ ଏକମାତ୍ର ଜନଗହଳି ଓ ଯାନବାହନ ପୂର୍ଣ୍ଣ ସହର ନୁହେଁ। ବିଶ୍ୱର ଅନ୍ୟ ପ୍ରଦୂଷିତ ସହରମାନେ ନିରନ୍ତର ଓ ଆନ୍ତରିକ ଉଦ୍ୟମ ବଳରେ ଯେପରି ପ୍ରଦୂଷଣ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ କରିପାରିଛନ୍ତି ତାହା ଦିଲ୍ଲୀ ସରକାରଙ୍କଠାରେ ଅଭାବ ରହିଛି, ଏହା ସ୍ୱୀକାର କରିବାକୁ ପଡ଼ିବ।

ଏବେ ତ ଦିଲ୍ଲୀ ଦିନରେ ମଧ୍ୟ ସନ୍ଧ୍ୟାର ଭ୍ରମ ସୃଷ୍ଟି କରୁଛି। କେତେକ ସ୍ଥାନରେ ବାୟୁର ମାନ ଏକ୍ୟୁଆଇ ୫୦୦(ଅତି ସାଂଘାତିକ ସ୍ତର) ପାର କରିଯାଇଛି। ୨୫୦ରୁ ଅଧିକ ବିମାନ ଚଳାଚଳ ବାତିଲ୍ କରାଯାଇଛି। ପ୍ରତିକାର ସ୍ୱରୂପ ସ୍କୁଲ୍ ପିଲାମାନଙ୍କୁ ଘରେ ରହି ପାଠ ପଢ଼ିବା ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଏହା କେବଳ ଏକ ତାଳିପକା ଉଦ୍ୟମ ବୋଲି କୁହାଯାଇପାରେ। ମାତ୍ରାଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର, ଅପରିଣାମଦର୍ଶୀ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଆଦିର ପରାଭବ କ'ଣ ହୋଇପାରେ ତାହା ଗତ କିଛିବର୍ଷ ଧରି ଦିଲ୍ଲୀବାସୀ ଭୋଗୁଛନ୍ତି ଏବଂ ସାରା ଦୁନିଆବାସୀ ଦେଖୁଛନ୍ତି। କେବଳ ପଡ଼ୋଶୀ ରାଜ୍ୟର ନଡ଼ା ପୋଡ଼ିକୁ ଦାୟୀ କଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ବାରଣ ସତ୍ତ୍ୱେ ଏଥର ଦୀପାବଳୀରେ ମଧ୍ୟ ମନଇଚ୍ଛା ବାଣ ଫୁଟିଲା। ଅଦାଲତ ସହିତ ପୁଲିସ୍ ପ୍ରଶାସନ ଦେଖଣାହାରୀ ସାଜିଲା। ପୁରୁଣା ଗାଡ଼ିର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଏ ପର୍ଯ୍ୟନ୍ତ ଲାଗିପାରୁନାହିଁ। ଏ କାମଟି ଯାହାର ସେ ନିଦାବିଷ୍ଟୁ ସାଜିବାରୁ ବିଚରା ଦିଲ୍ଲୀବାସୀ ଏବଂ ବିଶେଷକରି ଶ୍ୱାସରୋଗୀ ଓ ଶିଶୁମାନେ ପରାଭବ ଭୋଗୁଛନ୍ତି।

ନିଜେ ସଚେତନ ଓ ଆତ୍ମସଂଯମ ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟାରୁ ମୁକ୍ତି ନାହିଁ। ତେବେ ସରକାରଙ୍କ ମଧ୍ୟ କିଛି କର୍ତ୍ତବ୍ୟ ରହିଛି। ତାହାର ଅନୁପାଳନ ନିହାତି ଆବଶ୍ୟକ। ଅନ୍ତତଃପକ୍ଷେ ସ୍ୱାଧୀନ ଓ ସମସ୍ୟାମୁକ୍ତ ଜୀବନ ଜିଇଁବାର ଯେଉଁ ଅଧିକାରଟି ସମ୍ବିଧାନ ଆମକୁ ଦେଇଛି ତାହା ଯେପରି ନିଶ୍ଚିତ ହୁଏ ସେ ଉତ୍ତରଦାୟିତ୍ୱ ସରକାର ନିହାତି ନେବା ଆବଶ୍ୟକ।

# ଘରୋଇକରଣର ପରାଭବ

ଡ. ବିମଳ ଷଡ଼ଙ୍ଗୀ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ର ନୂଆ ନିୟମ ଅନୁସାରେ ପାଇଲଟ ଓ ବିମାନ କର୍ମଚାରୀଙ୍କ ପାଇଁ ନୂତନ କାର୍ଯ୍ୟ ନିର୍ଘଣ୍ଟ ଓ ବିଶ୍ରାମ ନିୟମ ଲାଗୁ ହୋଇଛି। ଇଣ୍ଡିଗୋ ଭଳି ଘରୋଇ କମ୍ପାନୀମାନେ ଅଧିକ ଲାଭ ଆଶାରେ ଅଳ୍ପସଂଖ୍ୟକ ପାଇଲଟ ଓ କର୍ମଚାରୀଙ୍କ ମାଧ୍ୟମରେ ସେବା ଜାରି ରଖିଛନ୍ତି। ଇଣ୍ଡିଗୋ ଦିନରେ ୨୨୦୦ରୁ ଅଧିକ ବିମାନ ଚଳାଚଳ କରିଥାଏ। ନୂଆ ନିୟମ ଲାଗୁ ହେବା ପରେ ତା' ପାଖରେ ଆବଶ୍ୟକ ସଂଖ୍ୟକ ପାଇଲଟ ଓ କର୍ମଚାରୀ ଉପଲବ୍ଧ ନ ଥିବାରୁ ବହୁସଂଖ୍ୟକ ବିମାନକୁ ବାତିଲ କରାଗଲା। ଏୟାର ଇଣ୍ଡିଆର ବିମାନସେବା ନିୟମ ହିସାବରେ ପାଇଲଟ ଓ କର୍ମଚାରୀ ସଠିକ ଦରମାରେ ନିୟମ ମୁତାବକ କାର୍ଯ୍ୟ କରୁଥିଲେ। ଯାହାଫଳରେ ତା'ର ବିମାନ ସେବା ସବୁଠାରୁ ଅଧିକ ବ୍ୟୟସାପେକ୍ଷ ଥିଲା। ଅଳ୍ପସଂଖ୍ୟକ ଯାତ୍ରୀ ସେଥିରେ ଯାତାୟାତ କରୁଥିବାରୁ ସଂସ୍ଥା କ୍ଷତିରେ ଚାଲୁଥିଲା। ଅପରପକ୍ଷରେ ଅଳ୍ପସଂଖ୍ୟକ କର୍ମଚାରୀ ଓ ସ୍ୱଳ୍ପ ବେତନରେ ଘରୋଇ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ଏୟାର ଇଣ୍ଡିଆଠାରୁ ସାମାନ୍ୟ କମ ଦରରେ ଯାତ୍ରୀ ପରିବହନ କରି ଅଧିକ ଲାଭବାନ ହେଉଥିଲେ। ଏହାର ପ୍ରଧାନ କାରଣ ସମସ୍ତ ନିୟମ କେବଳ ସରକାରୀ ସଂସ୍ଥାଗୁଡ଼ିକରେ କଠୋର ଭାବରେ ପାଳନ କରାଯାଇ ଘରୋଇ କପାନୀଗୁଡ଼ିକୁ କୋହଳ ନୀତି ଦ୍ୱାରା ଲାଭବାନ କରାଯାଉଥିଲା। ତେଣୁ ଯେଉଁ ଘରୋଇ କମ୍ପାନୀଗୁଡ଼ିକ ବର୍ଷ ବର୍ଷ ଧରି ଲାଭର ସ୍ୱାଦ ଚାଖି ଆସିଛନ୍ତି। ସେମାନଙ୍କୁ ହଠାତ କଠୋର ନିୟମ ଦ୍ୱାରା ବାନ୍ଧିରଖିବା ଏତେ ସହଜ ନୁହେଁ।

ଇତିମଧ୍ୟରେ ଡିଜିସିଏ ଇଣ୍ଡିଗୋକୁ କାରଣଦର୍ଶାଅ ନୋଟିସ ଜାରି କରିବା ସହିତ ବିମାନ ଉଡ଼ାଣ ସଂଖ୍ୟା ୫% ପର୍ଯ୍ୟନ୍ତ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତତ୍‌ସହିତ ବିମାନ ଚଳାଚଳ ସୂଚୀ ପୁନଃ ନିର୍ଦ୍ଧାରଣ କରିବାକୁ ଏକ ନିର୍ଦ୍ଦିଷ୍ଟ ସମୟ ଦେଇଛନ୍ତି। ମାତ୍ର ଇଣ୍ଡିଗୋ କମ୍ପାନୀ ଚତୁରତାର ସହିତ ଫେବୃଆରୀ ୨୦୨୬ ପୂର୍ବରୁ ବିମାନ ଚଳାଚଳ ସଂପୂର୍ଣ୍ଣ ସ୍ୱାଭାବିକ କରିବାକୁ ପ୍ରସ୍ତାବ ଦେଇଛି। କାରଣ ଯାତ୍ରୀମାନଙ୍କର ଯେତେ କ୍ଷତି ହେବ ସେତେ ଜନଅସନ୍ତୋଷ ବଢ଼ିବ ଏବଂ ସରକାର ବାଧ ହୋଇ ସମସ୍ତ ଘରୋଇ କମ୍ପାନୀ ପାଇଁ ନିୟମ କୋହଳ କରିବାକୁ ବାଧ ହେବେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ବର୍ତ୍ତମାନ ସମୟରେ ଘରୋଇ କମ୍ପାନୀଗୁଡ଼ିକର ବେନିୟମ କାର୍ଯ୍ୟକୁ ସରକାର ଚାହିଁଲେ ବି ବଦଳାଇ ପାରିବେ ନାହିଁ।

ବିମାନ ଚଳାଚଳର ଅନୁରୂପ ଦୟନୀୟ ପରିସ୍ଥିତି ଦେଇ ଗତି କରୁଛି ଆମ ଶିକ୍ଷା ବ୍ୟବସ୍ଥା। ତଥ୍ୟ ଆଧାରରେ ଭାରତରେ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ସରକାରୀକରଣ କରିବା ପାଇଁ ଜିଡିପିର ୬% ଆବଶ୍ୟକ ସ୍ଥଳେ ବଜେଟରେ ଶିକ୍ଷା ପାଇଁ ମାତ୍ର ୨ରୁ ୩ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଶିକ୍ଷାକୁ ସଂପୂର୍ଣ୍ଣ ଭାବରେ ସରକାରୀ ସ୍ତରରେ ପରିଚାଳନା କରିବାକୁ ବ୍ୟବସ୍ଥାଗତ ପରିବର୍ତ୍ତନ ଆବଶ୍ୟକ। ଯଦି ସରକାର ବର୍ତ୍ତମାନ ଗୁଣାତ୍ମକ ଶିକ୍ଷାର ପ୍ରସାର ପାଇଁ ସମସ୍ତ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସରକାରୀ କରନ୍ତି, ତେବେ ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନେ ବିଦ୍ରୋହ କରିବେ। ତତ୍‌ସହିତ ଅନୁଷ୍ଠାନଗୁଡ଼ିକରେ ଆର୍ଥିକ ସ୍ତରର କ୍ଷମାତାଶାଳୀ ବ୍ୟକ୍ତିମାନଙ୍କର ପିଲାମାନେ ନିଜକୁ ଅସୁରକ୍ଷିତ ମନେ କରି ବିଦ୍ରୋହକୁ ସହାୟତା କରିବେ। ତେଣୁ ଗୋଟିଏ ବୃହତ କ୍ଷମତାଶୀଳ ଗୋଷ୍ଠୀ ସରକାର ବିରୁଦ୍ଧରେ ବିଦ୍ରୋହ କରିବେ, ଯାହାକୁ କୌଣସି ସରକାର ସାମ୍ନା କରିବାକୁ ଅସମର୍ଥ।

ଯେପରି ବିମାନ ଚଳାଚଳର ପରିଚାଳନା ଓ ନିୟନ୍ତ୍ରଣ ଆଦି ସରକାରଙ୍କ ଅଧୀନକୁ ଆସିଲେ ଘରୋଇ କମ୍ପାନୀଙ୍କ ବିଦ୍ରୋହକୁ ସରକାର ମୁକାବିଲା କରିବାକୁ ଅସମର୍ଥ, ସେହିପରି ଶିକ୍ଷା ବିଭାଗରେ କୌଣସି ପରିବର୍ତ୍ତନ କଲେ ସରକାରଙ୍କୁ ଧନିକ ଶ୍ରେଣୀକୁ ସାମ୍ନା କରିବାକୁ ପଡ଼ିବ। ସେଥିପାଇଁ ଶିକ୍ଷା ବ୍ୟବସ୍ଥାରେ ସେବା ପ୍ରଦାନକାରୀ ପରିବର୍ତ୍ତେ ସରକାରଙ୍କ ଭୂମିକା କେବଳ ନିୟାମକ ପ୍ରାଧିକରଣରେ ସୀମିତ ରହିଯାଇଛି। ଫଳରେ ଶିକ୍ଷା ବ୍ୟବସ୍ଥା ଗମନାଗମନ ଭଳି ଆଜି ଏକ ବୃହତ ବେପାର ହୋଇ ସେବାରୁ ବହୁ ଦୂରରେ।

ଏକବିଂଶ ଶତାବ୍ଦୀର ଭାରତରେ ସବୁଠୁ ବଡ଼ ବିଡ଼ମ୍ବନା ହେଉଛି ଏହା ଏପରି ଏକ ଦେଶ, ଯେଉଁଠାରେ 'ଶିକ୍ଷା' କୁ 'ଅଧିକାର' ବଦଳରେ 'ବ୍ୟବସାୟ' ଦୃଷ୍ଟିରେ ଦେଖାଯାଏ। କେବଳ ଶିକ୍ଷା ନୁହେଁ ନାଗରିକ ପାଇଁ ଆବଶ୍ୟକ ପ୍ରାୟ ସମସ୍ତ ଅଧିକାର ଧୀରେ ଧୀରେ ବ୍ୟବସାୟରେ ପରିଣତ ହୋଇଚାଲିଛି। ବିମାନ ସେବାର ଘରୋଇକରଣ ପରେ ଯାତ୍ରୀ ସେବା ଭଳି ଶିକ୍ଷାର ଅତିରିକ୍ତ ଘରୋଇକରଣରୁ ଶିକ୍ଷା ଉପରେ ଜନତା ସେମାନଙ୍କର ଅଧିକାର ହରାଇଛନ୍ତି। ଆମ ଦେଶର ଶିକ୍ଷା ପ୍ରଣାଳୀରେ ଆଜି 'ଶିକ୍ଷା' ଆଉ 'ସଂସ୍କାର' ସୃଷ୍ଟି କରୁନାହିଁ। କେବଳ ଟଙ୍କା ରୋଜଗାରର 'ବଜାର' ସୃଷ୍ଟି କରୁଛି।

ପ୍ରତ୍ୟେକ ଶିଶୁକୁ ଶିକ୍ଷା ବାଧ୍ୟତାମୂଳକ। କିନ୍ତୁ ପ୍ରଶ୍ନ ହେଲା, କେଉଁ ପ୍ରକାର ଶିକ୍ଷା ବାଧ୍ୟତାମୂଳକ? ତା'ର ସଂଜ୍ଞା କ'ଣ? ତାହା ସମସ୍ତଙ୍କୁ ଅଜଣା। ଗ୍ରାମ ଓ ସହର ସବୁଠାରେ ଅନେକ ସରକାରୀ ସ୍କୁଲ୍‌ରେ ଶିକ୍ଷକ କିମ୍ବା ଶ୍ରେଣୀଗୃହର ଅଭାବ ରହିଛି। ଶିକ୍ଷାଦାନର ଗୁଣବତ୍ତା କମି ଚାଲିଛି। ଏଣୁ ଅଭିଭାବକମାନେ ଘରୋଇ ବିଦ୍ୟାଳୟର ଚାକଚକ୍ୟ ଠାଣିରେ ଆକର୍ଷିତ ହୋଇ ସେଠାରେ ପାଠପଢ଼ା ଭଲ ବା ମନ୍ଦ ହେଉ, ଆଖି ବୁଜି ସେମାନଙ୍କ ପିଲାମାନଙ୍କୁ ନାମ ଲେଖାଉଛନ୍ତି। ପରେ ଘରୋଇ ବିଦ୍ୟାଳୟମାନଙ୍କ ଜାଲରେ ପଡ଼ି ଖର୍ଚ୍ଚାନ୍ତ ହେଉଛନ୍ତି। ଆଜିର ପରିସ୍ଥିତି ଏପରି ହୋଇଛି ଯଦି ଆମେ ନିଜ ପିଲାକୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଇବା ନାହିଁ ତେବେ, ସମସ୍ତ ହିତୈଷୀ ଉପଦେଶ ଦେବା ଆରମ୍ଭ କରିବେ। ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇ ନିଜ ପିଲାର ଭବିଷ୍ୟତ ନଷ୍ଟ କରୁଛ ବୋଲି କହିବେ। 'ତିନି ତୁଣ୍ଡରେ ଛେଳି କୁକୁର ପରି' ବାଧ୍ୟହୋଇ ଦିଗହରା ଅବସ୍ଥାରେ ତା'କୁ ଗ୍ରହଣ କରିବାକୁ ପଡ଼େ।

ଯେଉଁ ଶିକ୍ଷକମାନେ ସରକାରୀ ଅନୁଷ୍ଠାନରେ ଚାକିରି ପାଇ ନଥା'ନ୍ତି ସେମାନେ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ବାଧ ହୋଇ କମ ଦରମାରେ ଘରୋଇ ଅନୁଷ୍ଠାନରେ ଚାକିରି କରନ୍ତି ଏବଂ ପିଲାମାନଙ୍କୁ ଘରୋଇ ଟିଉସନ ପାଇଁ ବାଧ କରନ୍ତି। ଯାହା ଫଳରେ ପଥଭ୍ରଷ୍ଟ ଅଭିଭାବକଟି ପ୍ରଥମେ ଅଧିକ ପଢ଼ା ଖର୍ଚ୍ଚରେ ଘରୋଇ ଅନୁଷ୍ଠାନରେ ନାମ ଲେଖାଏ। ତା' ସହିତ ବାର୍ଷିକ ଦେୟ, ବିକାଶ ଦେୟ, ସ୍କୁଲ ୟୁନିଫର୍ମ ଦେୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ ଦେୟ, ପୁସ୍ତକ ଓ ଖାତା ପାଇଁ ଦେୟ ଆଦି ଦେଇ ଦେଇ ସର୍ବସ୍ୱାନ୍ତ ହୋଇପଡ଼ନ୍ତି। ସୁବିଧା ନାମରେ ଶୋଷଣ ସେଠାରେ ପ୍ରାଥମିକତା ପାଇଥାଏ।

ବିଡ଼ମ୍ବନା ହେଉଛି ଏହି ଚିତ୍ର ସରକାରଙ୍କୁ ଦେଖା ଯାଇ ନ ଥାଏ। ଯଦିବା କେହି କେବେ ଦେଖନ୍ତି ପରମୁହୂର୍ତ୍ତରେ ଘରୋଇ ଅନୁଷ୍ଠାନର ଚାପରେ ନିଜର ଦାୟିତ୍ୱବୋଧତାକୁ ଭୁଲିଯା'ନ୍ତି। ଯଦି ସରକାର ଅଧିକ ଦେୟ ଉପରେ ଅଙ୍କୁଶ ଲଗାଇବେ ଘରୋଇ ବିଦ୍ୟାଳୟଗୁଡିକ ସଫେଇ ଦେବେ ଆମେ ଶିକ୍ଷାରେ ସରକାରଙ୍କଠାରୁ ଅଧିକ ଗୁଣବତ୍ତା ଦେଉଛୁ। ତେଣୁ କଟକଣା ଆମ ପାଇଁ ଅନ୍ୟାୟ। ସେହିପରି ଅଭିଭାବକମାନେ ନିଜର ପିଲାମାନଙ୍କର ଶିକ୍ଷାରେ ବ୍ୟାଘାତ ହେବାକୁ ଭୟ କରନ୍ତି। କାରଣ ସେମାନେ ଭାବନ୍ତି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ହେଲେ ସେମାନଙ୍କ ପିଲାମାନେ ଅମଣିଷ ହୋଇଯିବେ। ଏହା ହିଁ ସ୍ୱାଧୀନ ଭାରତର ସବୁଠାରୁ ବଡ଼ ନିର୍ଭରଶୀଳତା।

ଏହି ନିର୍ଭରଶୀଳତାର ପଥ ଗରିବଙ୍କୁ ଶିକ୍ଷା ଗ୍ରହଣରୁ ଦୂରେଇ ନେଇଛି, ମଧ୍ୟବିତ୍ତବର୍ଗଙ୍କୁ ଋଣରେ ବୁଡ଼ିବାକୁ ବାଧ କରିଛି ଏବଂ ଧନିକ ଶ୍ରେଣୀ ପାଇଁ ଶିକ୍ଷାକୁ 'ସୁବିଧା' ଭାବରେ କିଣିବାର ସୁଯୋଗ ଦେଇଛି। ଶିକ୍ଷା ଯଦି ବ୍ୟବସାୟ ହୋଇଯାଏ, ତା' ହେଲେ ଜ୍ଞାନଲାଭ ଶୂନ୍ୟ ହୋଇଯାଏ। ବିଦ୍ୟାର୍ଥୀ ପ୍ରତିଷ୍ଠାନର ଉତ୍ପାଦ ହୋଇଯାଏ ଏବଂ ସମାଜ ଅସନ୍ତୁଳିତ ହୋଇଯାଏ। ଧୀରେ ଧୀରେ ସରକାରୀ ସ୍କୁଲ୍, କଲେଜଗୁଡ଼ିକ ଉତ୍ତମ ମାନର ହୋଇପାରିଲେ ଘରୋଇ ଅନୁଷ୍ଠାନଗୁଡ଼ିକ ଶିକ୍ଷାକୁ ଅତ୍ୟଧିକ ନିୟନ୍ତ୍ରଣକୁ ନେଇପାରିବେ ନାହିଁ। ଶିକ୍ଷାର ଘରୋଇକରଣ ସ୍ୱରୂପ ଯଦି ବଦଳା ନ ଯାଏ ତା'ହେଲେ ଇଣ୍ଡିଗୋ ବିମାନର ବେପରୁଆ କାର୍ଯ୍ୟ ଯୋଗୁଁ ଯାତ୍ରୀ ଦୁର୍ଦ୍ଦଶା ଭୋଗିଲା ପରି ଆଗାମୀ ପିଢ଼ି ଶିକ୍ଷାରେ ମଧ୍ୟ 'ଲାଭ ଜଗତର ଦାସ' ହୋଇଯିବେ। 'ଶିକ୍ଷା ଅଧିକାର'କୁ ସୁନିଶ୍ଚିତ କରିବା ଲାଗି ତେଣୁ ଜନତାଙ୍କ ପ୍ରତି ସରକାରଙ୍କ ଉତ୍ତରଦାୟିତ୍ୱ ବୃଦ୍ଧି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ପରିଚୟର ଅନୁସନ୍ଧାନ

ମୋଜାଫର ଖାଁ

ଜୀବନର ପ୍ରତିଟି ମୁହୂର୍ତ୍ତରେ ମଣିଷ ଖୋଜେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ। ଏକ ଅସ୍ତିତ୍ୱ, ଯାହା କେବଳ ତା'ର ନାମକୁ ଅନ୍ୟମାନଙ୍କ ନିକଟରେ ସମ୍ମାନର ସହିତ ସୃଷ୍ଟି କରିବ। ଆମ ସଭିଙ୍କ ଭିତରେ ଏମିତି କିଛି ମଣିଷ ଥା'ନ୍ତି ଯେଉଁମାନେ କେବଳ ନିଜ ପାଇଁ ନୁହେଁ, ବରଂ ଅନ୍ୟର ହୃଦୟରେ ସମ୍ମାନର ଏକ ସ୍ଥାନ ସୃଷ୍ଟି କରିବା ପାଇଁ ଅହରହ ଲଢ଼େଇ କରୁଥା'ନ୍ତି। ସେମାନେ ଏକ 'ନାମ' ଓ ଏକ 'ପରିଚୟ' ଖୋଜୁଥା'ନ୍ତି, ଯାହାକି ସମାଜର ଭିଡ଼ରେ କେବଳ ସେମାନଙ୍କୁ ନୁହେଁ ବରଂ ସେମାନଙ୍କୁ ଗଢ଼ିଥିବା ପିତାମାତାଙ୍କୁ ମୁଣ୍ଡ ଟେକି ବଞ୍ଚିବାର ଗର୍ବ ଦେଇପାରିବ। ସେମାନଙ୍କ ଭିତରେ ଆମେ ସମସ୍ତେ ଅନ୍ତର୍ଭୁକ୍ତ।

ଏହା ଏକ ବ୍ୟକ୍ତିଗତ ଅଭିଳାଷ ନୁହେଁ। ଏହା ହେଉଛି ହୃଦୟରୁ ଆସୁଥିବା ଏକ ସମ୍ମାନର ଅନୁକ୍ରମ, ଅଲିଭା ଭକ୍ତି ଓ ପ୍ରେମର ଋଣ। କିନ୍ତୁ ଆମ ସଭିଙ୍କ ପାଇଁ ଏହି ଯାତ୍ରାଟି ଏତେ ସହଜସାଧ ହୋଇ ନ ଥାଏ। ପ୍ରତ୍ୟେକ ମଣିଷ ଭିତରେ ଲୁଚି ରହିଥାଏ ଏକ ଅଲିଖିତ କାହାଣୀ। ଯେଉଁମାନେ ସ୍ୱ-ପରିଚୟ ପାଇଁ ସଂଘର୍ଷ କରନ୍ତି, ସେମାନଙ୍କ ପାଇଁ ଜୀବନ ହେଉଛି ଏକ ଅନ୍ଧାର ରାସ୍ତା, ଯେଉଁଠାରେ ସେମାନେ ନିଜ ହାତରେ ନିଜ ଭାଗ୍ୟର ଦୀପ ଆଲୋକମୟ କରିବା ପାଇଁ ଚେଷ୍ଟା କରୁଥା'ନ୍ତି। ସେମାନେ ପ୍ରଶ୍ନ କରନ୍ତି - 'ମୁଁ କିଏ?' କିନ୍ତୁ ସେମାନଙ୍କର ଉତ୍ତର ତାଙ୍କ ସଫଳତାରେ ଲୁଚି ରହିଥାଏ। ତାଙ୍କ କାନ୍ଧରେ ଥାଏ ପିତାମାତାଙ୍କ ଅନେକ ତ୍ୟାଗର ବୋଝ। ଏହି ବୋଝ ଖାଲି ଓଜନ ନୁହେଁ, ଏହା ହେଉଛି ଏକ ପବିତ୍ର ଅଙ୍ଗୀକାର। ଜୀବନରେ ଆମେ ସମସ୍ତେ ଚାହୁଁ କି ଯେତେବେଳେ ସମାଜରେ କେହି ଆମ ପିତାମାତାଙ୍କୁ ପଚାରିବେ, 'ଆପଣ କାହାର ବାପା/ମା'?', ସେତେବେଳେ ସେମାନେ ନିଜ ପୁଅ/ ଝିଅର ନାମ କହିବା ବେଳେ ଯେଉଁ ସନ୍ତୋଷ ଓ ଗର୍ବ ଅନୁଭବ କରିବେ, ତାହା ହିଁ ଆମମାନଙ୍କ ସଂଘର୍ଷର ଶ୍ରେଷ୍ଠ ପୁରସ୍କାର। ଅଭିଳାଷୀ ବ୍ୟକ୍ତି ମୁଖରେ ହସ ଥିଲେ ମଧ୍ୟ ଭିତରେ ଥାଏ ନିଜକୁ ପ୍ରମାଣିତ କରିବାର ନିରବ ଯନ୍ତ୍ରଣା। ପ୍ରତ୍ୟେକ ବିଫଳତା ମଣିଷକୁ ଭାଙ୍ଗିଦିଏ। କିନ୍ତୁ ପର ମୁହୂର୍ତ୍ତରେ ପୁଣି ଛିଡ଼ା କରାଇଦିଏ ସେହି ଉତ୍କଣ୍ଠା। କାରଣ ସେମାନଙ୍କ ଆଖିରେ ଥାଏ କେବଳ ଗୋଟିଏ ସ୍ୱପ୍ନ: ଜନକ-ଜନନୀଙ୍କ ମୁହଁରେ ଗର୍ବର ଚମକ।

ଶିକ୍ଷାର୍ଥୀ ପାଇଁ ଶିକ୍ଷାନୁଷ୍ଠାନର ପ୍ରତିଯୋଗିତାପୂର୍ଣ୍ଣ ପରିସର ହେଉ କିମ୍ବା ଲୋକଙ୍କ କର୍ମକ୍ଷେତ୍ରର ନିରସ ପରିବେଶ ଅବା ବୃହତ୍ତର ସମାଜର ଜଟିଳଚକ୍ର, ସବୁଠାରେ ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ସଂଘର୍ଷ କରିବାକୁ ପଡ଼େ। ଏହା ଏକ ବୃତ୍ତିଗତ ସଂଘର୍ଷ ନୁହେଁ, ବରଂ ଏହା ହେଉଛି ଆତ୍ମ-ସମ୍ମାନ ପାଇଁ ଏକ ହୃଦୟବିଦାରକ ଯୁଦ୍ଧ। ଯେଉଁମାନେ ସବୁବେଳେ ପରିଚୟ ପାଇଁ ଲଢୁଥା'ନ୍ତି, ସେମାନଙ୍କ ହୃଦୟରେ ଏକ ଗଭୀର ଆଶା ଏବଂ ଆକାଂକ୍ଷା ଥାଏ। ସେମାନେ ଅନୁଭବ କରନ୍ତି ଯେ ଯେପର୍ଯ୍ୟନ୍ତ ସମାଜରେ ସେମାନଙ୍କର ଏକ ବଳିଷ୍ଠ 'ନାମ' ନାହିଁ, ସେପର୍ଯ୍ୟନ୍ତ ସେମାନେ 'ସମ୍ମାନ'ର ଯୋଗ୍ୟ ନୁହନ୍ତି। ସମ୍ମାନ ଏଠାରେ କେବଳ ଏକ ଶବ୍ଦ ନୁହେଁ, ଏହା ହେଉଛି ଅନ୍ୟମାନଙ୍କ ଦ୍ୱାରା ନିଜର ମୂଲ୍ୟକୁ ସ୍ୱୀକୃତି ଦେବା। ଏହା ହେଉଛି ଅନ୍ୟମାନଙ୍କଠାରୁ ମିଳୁଥିବା ସେହି ମହତ୍ତ୍ୱପୂର୍ଣ୍ଣ ସ୍ଥାନ, ଯାହା ମନୁଷ୍ୟକୁ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ।

ପରିଚୟହୀନତାର କଷ୍ଟ ଏତେ ଯନ୍ତ୍ରଣାଦାୟକ ଯେ, ଏହା ମନୁଷ୍ୟକୁ ଭିତରୁ ଭାଙ୍ଗିଦିଏ। କିନ୍ତୁ ଏହି ପରିଚୟ ସୃଷ୍ଟି କରିବା କ'ଣ ନିହାତି ଜରୁରୀ? କ'ଣ ଯଦି ଆମର ଏକ ବିଖ୍ୟାତ ପରିଚୟ ନାହିଁ ତ କେହି ସମ୍ମାନ କରିବେ ନାହିଁ? ଜୀବନ ଏକ ଯୁଦ୍ଧ। ଏଥିରେ ଅନେକ ସମୟରେ ପରିସ୍ଥିତି ଆଗପଛ ହୋଇ ସଂଘର୍ଷ ଉତ୍ପନ୍ନ କରେ। ଆମର ହୃଦୟକୁ ଭାଙ୍ଗି ଚୁରମାର କରିଦିଏ। କିନ୍ତୁ ସମସ୍ୟାପୂର୍ଣ୍ଣ ଜୀବନରେ ହାର ନ ମାନି ଆମକୁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ। ସମାଜର ମାନ୍ୟତାକୁ ଅପେକ୍ଷା କରିବା ପରିବର୍ତ୍ତେ ନିଜର ପରିଚୟକୁ ନିଜେ ସୃଷ୍ଟି କରିବାକୁ ହେବ। ଆମମାନଙ୍କ କାମ, ଚେଷ୍ଟା, ଇଚ୍ଛାଶକ୍ତି, ନିଷ୍ଠା ଓ ଅବଦାନ ହେଉଛି ଆମମାନଙ୍କର ପରିଚୟ ପତ୍ର।

ଏହି ପ୍ରକ୍ରିୟାଟି ଖୁବ୍ ଯନ୍ତ୍ରଣାଦାୟକ ଓ କଷ୍ଟକର ହୋଇପାରେ। କିନ୍ତୁ ଏହାର ଫଳାଫଳ ଅତ୍ୟନ୍ତ ମଧୁର ଓ ଗୌରବମୟ। ଯେତେବେଳେ ଜଣେ ବ୍ୟକ୍ତି ନିଜର ପ୍ରତିଭା ଓ ପରିଶ୍ରମ ବଳରେ ସମାଜରେ ନିଜର ସ୍ଥାନ ସୃଷ୍ଟି କରେ, ସେତେବେଳେ ତାଙ୍କୁ ମିଳୁଥିବା ସମ୍ମାନ କେବଳ ଏକ ଉପହାର ନୁହେଁ। ଏହା ହେଉଛି ଆତ୍ମ-ବିଶ୍ୱାସର ଏକ ବିଜୟ ଗାଥା। ଏହି ସଂଘର୍ଷର ସର୍ବୋତ୍ତମ ଉଦାହରଣ ହେଉଛନ୍ତି ଡଃ ଏ.ପି.ଜେ. ଅବଦୁଲ କଲାମ। ତାମିଲନାଡୁର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା କଲାମ ପ୍ରାରମ୍ଭିକ ଶିକ୍ଷାନୁଷ୍ଠାନରେ କୌଣସି ବଡ଼ ନାମ କିମ୍ବା ପ୍ରଭାବ ନେଇ ଆସି ନ ଥିଲେ। ସେ ଥିଲେ ଜଣେ ନିରବ ଏବଂ ପରିଶ୍ରମୀ ଛାତ୍ର, ଯିଏ କେବଳ ନିଜ ଜ୍ଞାନ ଓ ସ୍ୱପ୍ନ ଉପରେ ବିଶ୍ୱାସ କରୁଥିଲେ। ତାଙ୍କୁ ଲୋକେ ସହଜରେ ଚିହ୍ନି ନ ଥିଲେ; କିନ୍ତୁ ସେ ନିଜର ସମସ୍ତ ଶକ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ସମର୍ପି ଦେଲେ। ତାଙ୍କର ଏହି ନିରନ୍ତର ସାଧନା ଫଳରେ ସେ ଭାରତ ପାଇଁ ଅନେକ ସଫଳତା ଆଣିଲେ। ତାଙ୍କର କାମ ହିଁ ତାଙ୍କର ପରିଚୟ ସୃଷ୍ଟି କଲା। ସେହିଦିନ ଠାରୁ ସେ ଆଉ କେବଳ ଜଣେ ବ୍ୟକ୍ତି ନ ଥିଲେ। ସେ ହୋଇଗଲେ 'ଭାରତର ମିଶାଇଲ୍ ମ୍ୟାନ୍'।

କୌଣସି ଜଣେ ବ୍ୟକ୍ତି 'ନାମ' ଦ୍ୱାରା ସମ୍ମାନ ପାଇ ନାହାନ୍ତି, ବରଂ ନିଜର କର୍ମ ଓ ସିଦ୍ଧି ବଳରେ 'ସମ୍ମାନ' ସୃଷ୍ଟି କରିଛନ୍ତି ଏବଂ ଏକ ମହାନ ପରିଚୟର ଅଧିକାରୀ ହୋଇଛନ୍ତି। ସଂଘର୍ଷ ହେଉଛି ସେହି ନିଆଁ, ଯାହା ସାଧାରଣ ମଣିଷକୁ ସୁନା ପରି ଉଜ୍ଜ୍ୱଳ କରିଥାଏ। ସଂଘର୍ଷ ଜୀବନର ଚଲାପଥରେ ଅନେକ ଉଠାଣି, ଗଡ଼ାଣିକୁ ଅତିକ୍ରମ କରିବାକୁ ପଡ଼ିବ। ଅନେକ ଲୋକଙ୍କ ଅନେକ ଥଟ୍ଟା ପରିହାସକୁ ଶୁଣି ଅଣଦେଖା କରି ଆଖିର ଲୁହକୁ ଓଠେ ପିଇ କେତେକେତେ ରାତି ଅନିଦ୍ରାରେ କାଟି କଠିନ ପରିଶ୍ରମର ଫଳ ନିଶ୍ଚୟ ମିଳିବ। କଠିନ ପରିଶ୍ରମ କେବେହେଲେ ବିଫଳ ହୁଏନି। ବିଳମ୍ବରେ ହେଉ ପଛେ ସଫଳତା ନିଶ୍ଚୟ ମିଳିଥାଏ। ସଂଘର୍ଷ ଓ ସମସ୍ୟାକୁ ଅତିକ୍ରମ କରି ପରିଚୟ ନିଶ୍ଚୟ ସୃଷ୍ଟି ହେବ।

ତରିକୁଣ୍ଡ(ଜଗତସିଂହପୁର)
ମୋ: ୬୩୭୦୦୦୧୫୭୦

# ଗୋପାଳ ବଲ୍ଲଭ ମଠ ଓ ବଣଭୋଜି ବେଶ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଷୋଡ଼ଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଏବଂ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ପୃଷ୍ଠପୋଷକତାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଧିକରୁ ଅଧିକ ଗୋପାଳକୃଷ୍ଣ ସ୍ୱରୂପରେ ଉପସ୍ଥାପିତ ହେଲେ। ଶ୍ରୀମନ୍ଦିରରେ ଅନେକ କୃଷ୍ଣକୈନ୍ଦ୍ରିକ ବେଶ ପ୍ରଚଳନ ଏବଂ ପର୍ବପର୍ବାଣି ପାଳନ କରି ପୂର୍ଣ୍ଣାବତାର ଶ୍ରୀକୃଷ୍ଣ ନୀଳାଚଳରେ ଦାରୁବ୍ରହ୍ମ ରୂପେ ଆରାଧିତ ହେଉଛନ୍ତି ବୋଲି ପ୍ରଚାର କରାଗଲା। ଏ ବାର୍ତ୍ତା ଭାରତର କୋଣଅନୁକୋଣରେ ପହଞ୍ଚିଲା।

ଦାକ୍ଷିଣାତ୍ୟର ନାଗାର୍ଜୁନ କୋଣ୍ଡାରେ ଗୋପାଳଭଟ୍ଟ ନାମକ ଜଣେ ସିଦ୍ଧ ସନ୍ନ୍ୟାସୀ ବାଳଗୋପାଳଙ୍କୁ ଇଷ୍ଟ ରୂପେ ଆରାଧନା କରୁଥିଲେ। ସେ ଏହା ଶୁଣିବା ପରେ କୃଷ୍ଣ-ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗରୁଡ଼ଙ୍କ ପଛରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଚିନ୍ତା କରିବାକୁ ଲାଗିଲେ- 'ରତ୍ନବେଦୀରେ ବିରାଜିତ ଅଧାଗଢ଼ା ଦାରୁମୂର୍ତ୍ତି କ'ଣ କେବେ ମୋର ସୌମ୍ୟକାନ୍ତ କୋଟିଜନମନଲୋଭା କନ୍ଦର୍ପ ରୂପ ଜିଣା ଗୋପୀଜନବଲ୍ଲଭ ଶ୍ରୀକୃଷ୍ଣ ହୋଇପାରନ୍ତି? କାହିଁ ଗଲା ତାଙ୍କର ସୁଲଳିତ ପଦଯୁଗଳ ଓ ସୁକୋମଳ କରପଲ୍ଲବ? କାହିଁ ଗଲା ତାଙ୍କର ଶିଖୀପୁଚ୍ଛ ଶୋଭିତ କିରୀଟ ଓ ରଙ୍ଗ ଅଧରର ମୋହନବଂଶୀ? ଚକା ଚକା ଆଖି ଉପରେ ଭୃଲତା ନାହିଁ। କାନ ନାହିଁ; କିନ୍ତୁ ସମସ୍ତଙ୍କ ଗୁହାରି ଶୁଣୁଛନ୍ତି ବୋଲି ବିଶ୍ୱାସ କରାଯାଉଛି। ଯେଉଁ ବିଗ୍ରହ ସ୍ୱୟଂଅସମ୍ପୂର୍ଣ୍ଣ ସେ କ'ଣ ପରିପୂର୍ଣ୍ଣତମ ଅବତାର ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରିପାରନ୍ତି! ସିଦ୍ଧସାଧକ ବୈଷ୍ଣବମାନେ ଏପରି ଏକ ମାରାତ୍ମକ ଭ୍ରମର ବଶବର୍ତ୍ତୀ ହେଲେ କିପରି?' ନିରାଶା ତାଙ୍କୁ ବ୍ୟଥିତ କଲା। ସେ କ୍ଷେତ୍ର ତ୍ୟାଗ କରି ଫେରି ଯିବାପାଇଁ ନିଷ୍ପତ୍ତି ନେଇ ସେଦିନ ନରେନ୍ଦ୍ର ସରୋବର ନିକଟରେ ରାତ୍ରିଯାପନ କଲେ।

ତାଙ୍କର ଆଖି ଟିକିଏ ଲାଗି ଯାଇଥିଲା। ହଠାତ୍ ତୁଳସୀ ଓ ଦୟଣାର ସୁଗନ୍ଧରେ ଗୋପାଳ ଆଖି ଖୋଲିଲେ। ତାଙ୍କ ସାମନାରେ ବାଳଗୋପାଳ ସ୍ୱୟଂ ଆବିର୍ଭାବ ହୋଇଥିଲେ। ସତେଯେମିତି ମାଆ ଯଶୋଦା ଯତ୍ନର ସହ ଗେହ୍ଲାକହ୍ନେଇକୁ ଅତ୍ୟନ୍ତ ସୁନ୍ଦରଭାବେ ସଜେଇ ଦେଇଥିଲେ। ବାଳଗୋପାଳ ତାଙ୍କର ଶିଶୁସୁଲଭ କଣ୍ଠରେ କହିଲେ, 'ଗୋପାଳ! ମୋର ପରମଭକ୍ତ ହୋଇ ମଧ୍ୟ ତୁମେ ମୋର ମୂଳ ସ୍ୱରୂପ ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କୁ ଚିହ୍ନିପାରିଲ ନାହିଁ। ଜଗନ୍ନାଥ ଅବତାରୀ। ନୃସିଂହ, ବାମନ, ପର୍ଶୁରାମ, ରାମ, ବୁଦ୍ଧ ଓ ମୁଁ ସ୍ୱୟଂ ତାଙ୍କର ଗୋଟିଏ ଗୋଟିଏ ସ୍ୱରୂପ। ତୁମେ ଯେଉଁ ସ୍ୱରୂପରେ ଚାହଁ, ତାଙ୍କୁ ସେହି ସ୍ୱରୂପରେ ଦର୍ଶନ କରିପାରିବ। ତେଣୁ ଶ୍ରୀକ୍ଷେତ୍ର ନିତ୍ୟବୈକୁଣ୍ଠ, ନିତ୍ୟଗୋଲକ, ନିତ୍ୟବୃନ୍ଦାବନ ଓ ନିତ୍ୟଅଯୋଧ୍ୟା ରୂପେ ଖ୍ୟାତି ଲାଭ କରିଛି। ତୁମେ ଆଉ ଥରେ ଯାଅ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ତୁମେ ମୋତେ ଦର୍ଶନ କରିବ।'

ବାଳଗୋପାଳ ଅନ୍ତର୍ଦ୍ଧାନ ହୋଇଗଲେ। ଗୋପାଳ ଉଠିପଡ଼ି ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ଆଶ୍ଚର୍ଯ୍ୟର କଥା, ରାତିର ସେ ସମୟରେ ମଧ୍ୟ ମନ୍ଦିରର ସମସ୍ତ ଦ୍ୱାର ଖୋଲାଥିଲା। ବିନା ବାଧାରେ ଗର୍ଭଗୃହରେ ପ୍ରବେଶ କରି ଦେଖିଲେ, କୃଷ୍ଣ ଓ ବଳରାମ ବାଳକରୂପରେ ରତ୍ନବେଦୀ ଉପରେ ଦଣ୍ଡାୟମାନ ହୋଇଥିଲେ। ବଳରାମଙ୍କ ହାତରେ ହଳମୂଷଳ ଏବଂ ଶ୍ରୀକୃଷ୍ଣ ହାତରେ ମୋହନବଂଶୀ ଶୋଭା ପାଉଥିଲା। ଦୁଇଭାଇଙ୍କ କାନ୍ଧରେ ଥିଲା ଦୁଧଲହୁଣୀର ଭାର। ଯମୁନାର ନୀଳ ଜଳରାଶି କୁଳୁକୁଳୁ ଶବ୍ଦ କରି ବହି ଯାଉଥିଲା। ଗାଈପଲ ନଦୀକୂଳର ସବୁଜ ଘାସରେ ଚରୁଥିଲେ। ସେ ଦିନ ଥିଲା ଭାଦ୍ର କୃଷ୍ଣ ଦଶମୀ। ସେହି ଦିନଠାରୁ ମହାପ୍ରଭୁ ଯେଉଁ ସ୍ୱରୂପରେ ଗୋପାଳଙ୍କୁ ଦର୍ଶନ ଦେଇଥିଲେ, ସେହି ତିଥିରେ ମହାପ୍ରଭୁ ସେହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶକୁ ମହାପ୍ରଭୁଙ୍କର 'ବଣଭୋଜି ବେଶ' କୁହାଯାଏ। ଦୁଇଭାଇ ମୁଣ୍ଡରେ ଠେକା ଭିଡ଼ି ବଣର କିଆଫୁଲ ଖୋସିଥା'ନ୍ତି। ହାତରେ ଗାଈଚରା ବାଡ଼ି ଧରି ଥା'ନ୍ତି। ଭୋଜିପାଇଁ ଖୁଆପେଡ଼ାର ମାଳ ପିନ୍ଧି ରୁପା ପିଙ୍ଗଣରେ ଦୁଧସରର ଭାର କାନ୍ଧରେ ବହନ କରିଥା'ନ୍ତି। ଗାଈମାନେ ଯମୁନା କୂଳରେ ଚରୁ ଥା'ନ୍ତି।

ଏହାପରେ ଗୋପାଳ ଭଟ୍ଟ କ୍ଷେତ୍ରବାସୀ ହୋଇ ରହିଗଲେ। ସେ ଯେଉଁସ୍ଥାନରେ ବାଳଗୋପାଳଙ୍କର ସାକ୍ଷାତ୍ ଦର୍ଶନ କରିଥିଲେ, ସେଠାରେ ଏକ ଆଶ୍ରମ ନିର୍ମାଣ କରି ମହାପ୍ରଭୁଙ୍କର ଆରାଧନା କଲେ। କାଳକ୍ରମେ ସେ ଆଶ୍ରମ 'ଗୋପାଳ ବଲ୍ଲଭ ମଠ' ନାମରେ ନାମିତ ହେଲା।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଧଉଳି ନାବାଳିକା ଗଣଦୁଷ୍କର୍ମ ଘଟଣା

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବିବୃତି ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୧୬।୧୨(ସମିସ): ଧଉଳିରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ ପର୍ଯ୍ୟଟନ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ବିବୃତି ଲଜ୍ଜାଜନକ ଓ ନିନ୍ଦନୀୟ। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀ ଓ ଲଭର୍ସ



ପଏଣ୍ଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। କିନ୍ତୁ ଧଉଳି ଗଣଦୁଷ୍କର୍ମ ଘଟଣା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କୁ ଦେଇଥିବା ପରାମର୍ଶକୁ ଗ୍ରହଣ କରିବା ପରିବର୍ତ୍ତେ ଶ୍ରୀମତୀ ପରିଡ଼ା ଅତ୍ୟନ୍ତ ଲଜ୍ଜାଜନକ ଭାବେ କରିଥିବା କାଉଣ୍ଟରକୁ ବିଜେଡି ଦୃଢ଼ ନିନ୍ଦା କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ସରକାରଙ୍କ ଅପାରଗ ପଣିଆ ପାଇଁ ଦୁଷ୍କର୍ମ ଓ ଗଣଦୁଷ୍କର୍ମକାରୀ ମାନେ ଭୟଶୂନ୍ୟ ହୋଇ ଏଭଳି କାଣ୍ଡ ଭିଆଇବାକୁ ତିଳେ ମାତ୍ର ପଛାଉନାହାନ୍ତି। ଏଭଳି ଦୁଃଖଦ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାର ଏବଂ ପୁଲିସ୍ ପ୍ରଶାସନକୁ କ୍ରିୟାଶୀଳ ଓ ସଶକ୍ତ ହେବା ସହ ଘଟଣା ଘଟିବା ପରେ ତନାଘନା କରିବା ଅପେକ୍ଷା ଏହାର ନିରାକରଣ ପାଇଁ ପଦକ୍ଷେପ ନେବାକୁ

**ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ପ୍ରଭାତୀ**

ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ଶ୍ରୀମତୀ ପରିଡ଼ା, ଗୋପାଳପୁର, ରାମଚଣ୍ଡୀ, ଧଉଳି ଭଳି ଦୁଃଖଦ ଓ ହୃଦୟ ବିଦାରକ ଘଟଣା ପାଇଁ ନୈତିକ ଦାୟିତ୍ୱ ନେବା ପରିବର୍ତ୍ତେ ବିରୋଧୀ ଦଳ ନେତାଙ୍କ ପ୍ରତି ପ୍ରତିକ୍ରିୟାଶୀଳ ଟିପ୍ପଣୀ ଦେବା କେତେଦୂର ଗ୍ରହଣୀୟ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ରାଜ୍ୟରେ ବିଗିଡ଼ି ଯାଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଜନସାଧାରଣଙ୍କ ଅନୁଭବକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆଇନକୁ ପୁଣିଥରେ ତା ବାଟରେ ଯିବାକୁ ଦିଅନ୍ତୁ ବୋଲି ଡ. ମହାନ୍ତି କହିଛନ୍ତି।

### ଡାକ୍ତରୀ ପାଠପଢ଼ା ଫି' ବୃଦ୍ଧିକୁ ଚାଲେଞ୍ଜ

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୬।୧୨(ସମିସ): କେତେକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ ଓ ବିଡିଏସ୍ ଆଦି ପାଠ୍ୟକ୍ରମରେ ନାମଲେଖା ଫି' ଅହେତୁକ ତଥା ବେଆଇନ ଭାବେ ବୃଦ୍ଧି ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ବିଚାର ପାଇଁ ଗ୍ରହଣ କରିଛନ୍ତି। ହାଇକୋର୍ଟ ଆଜି ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଜେଇଇ ଅଧକ୍ଷ, ଜାତୀୟ ମେଡିକାଲ କମିସନ ଓ ଅନ୍ୟମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଗତ ୨୦୨୫ ଜୁଲାଇ ୧୧ରେ ସମସ୍ତ ମେଡିକାଲ କଲେଜରେ ନାମଲେଖା ଫି' ଓ ପ୍ରଦାନ କରାଯାଉଥିବା ଷ୍ଟାଇପେଣ୍ଡ ସମ୍ପର୍କରେ ତଥ୍ୟ ସାର୍ବଜନୀନ କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀମାନେ ୨୦୨୫-୨୬ବର୍ଷ ପାଇଁ ଗତ ମେ' ୪ରେ ନିଟ ପରୀକ୍ଷା ଦେଇଥିବା ବେଳେ ଜୁଲାଇ୩୧ରେ ଓଜେଇଇ ନାମଲେଖା ଓ ଫି' ସମ୍ପର୍କିତ ମାର୍ଗଦର୍ଶିକା ଜାରି କରିଥିଲା। ଏହା ପରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ ଫି ବୃଦ୍ଧି ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ

ଓଜେଇଇ କର୍ତ୍ତୃପକ୍ଷ ମଧ ଫି' ବୃଦ୍ଧି ନେଇ ଗତ ଅଗଷ୍ଟ୧୬ରେ ଏକ ସଂଶୋଧିତ ବିଜ୍ଞପ୍ତି ଜାରି କରିଥିଲେ। ଏହି ଅନୁସାରେ ହାଇଟେକ୍ ଏମସିଏଚ୍ ଭୁବନେଶ୍ୱର, ରାଉରକେଲା ଓ କଟକ ଡ୍ରିମ୍ସ ଇନଷ୍ଟିଚ୍ୟୁଟ ଅଫ୍ ହେଲଥ ସାଇନ୍ସ ଆଣ୍ଡ ହସ୍ପିଟାଲର ୨୦୨୫-୨୬ ଏମବିବିଏସ ଓ ବିଡିଏସ ପାଠ୍ୟକ୍ରମରେ ଫି ଅହେତୁକ ବୃଦ୍ଧି କରାଯାଇଥିଲା। ୨୦୨୫-୨୬ ବର୍ଷ ପାଇଁ ଏମବିବିଏସ୍ ଓ ବିଡିଏସ ପାଠ୍ୟକ୍ରମ ପାଇଁ ଘରୋଇ କଲେଜର ହଠାତ ଅହେତୁକ ଫି' ବୃଦ୍ଧି କରାଯିବା ଦ୍ୱାରା ଆର୍ଥିକ ସ୍ୱଚ୍ଛଳ ହୋଇନଥିବା ଆଶାୟୀ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହେବେ। ଏଭଳି ବିଜ୍ଞପ୍ତି ବେଆଇନ ତଥା ସୁପ୍ରିମକୋର୍ଟଙ୍କ ଆଦେଶର ଉଲ୍ଲଂଘନ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏମବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ ଚାଲିଥିବା ବେଳେ ଫି' ବୃଦ୍ଧି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି। ଜାନୁଆରି୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

# ଏମ୍‌ଭି ୨୬ ଓ ରାଖେଲଗୁଡ଼ାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ମାଲକାନଗିରି/କୋରୁକୋଣ୍ଡା, ୧୬।୧୨ (ସମିସ): ବିଜେଡିର ୭ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମାଲକାନଗିରି ଜିଲ୍ଲା ଗସ୍ତ କରି ଏମ୍‌ଭି-୨୬ ଓ ରାଖେଲଗୁଡ଼ା ଗାଁର ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ୭ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସେଠାରେ ପହଞ୍ଚି କେଉଁ ପରିସ୍ଥିତିରେ

**ରିପୋର୍ଟ ସଂଗ୍ରହ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦେବେ ତଥ୍ୟ**

ଆଦିବାସୀ ମହିଳାଙ୍କ ହତ୍ୟା ହୋଇଥିଲା, ତାହାର ଟିକିନିଖି ତଥ୍ୟ ଗାଁ ଲୋକଙ୍କଠାରୁ ସଂଗ୍ରହ କରିଥିଲେ। ପରେ ଏମ୍‌ଭି ୨୬ ଗାଁ କୁ ଯାଇ ଘରକୁ ଘର ବୁଲି କ୍ଷତିଗ୍ରସ୍ତ ବଙ୍ଗୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ କାହିଁକି ଏମଭି ୨୬ ଗାଁରେ କ୍ଷୟକ୍ଷତି କରିଥିଲେ, ତାହାର ମଧ୍ୟ ଟିକିନିଖି ତଥ୍ୟ ସଂଗ୍ରହ କରିଛି ବିଜେଡି ଟିମ୍। ଉଭୟ ଆଦିବାସୀ ଓ ବଙ୍ଗାଳି ଲୋକେ ଆଗାମୀ ଦିନରେ କିପରି ଶାନ୍ତି ବଜାୟ ରଖିବେ, ସେନେଇ ବିଜେଡି ଚେଷ୍ଟା କରିବ ବୋଲି ବିଜେଡି ନେତା ପ୍ରଦୀପ ମାଝି କହିଛନ୍ତି।

ଘଟଣା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି



ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ କହିଛନ୍ତି। ଏହାପରେ ଏହି ଟିମ୍ ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟି ବିଭିନ୍ନ ଆଲୋଚନା କରିଛନ୍ତି। ଅନ୍ୟପଟେ, ରାଖେଲଗୁଡ଼ା ଗ୍ରାମର ମୃତ ମହିଳାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ସରକାର ଓ ବିଜେଡି ଟିମ୍ ନିକଟରେ ଦାବି ରଖିଛନ୍ତି ଜିଲ୍ଲା କୋୟା ସମାଜ ଓ ଗ୍ରାମବାସୀ। ଏହାସହ ଏମ୍‌ଭି ୨୬ ହିଂସାକାଣ୍ଡରେ ଯେଉଁମାନଙ୍କୁ ଗିରଫ କରାଯାଇଛି, ସେମାନଙ୍କୁ ଜାମିନ ପ୍ରଦାନ ସହ ଛାଡ଼ିବା ପାଇଁ ଦାବି କରିଛନ୍ତି। ଭଙ୍ଗା, ଉଜୁଡା ଘର ବାହାରେ ପ୍ରଶାସନ ଯୋଗାଇଥିବା ଜରି ପାଲ ତଳେ ଏମ୍‌ଭି ୨୬ ଗ୍ରାମବାସୀ ଦିନ କାଟୁଥିବା ଦେଖିବାକୁ ମିଳିଛି। ଆଖିରୁ ଲୁହ ଶୁଖୁ ନଥିବା ବେଳେ ପ୍ରଶାସନ ଓ ଅନ୍ୟମାନଙ୍କଠାରୁ ମିଳୁଥିବା ସହାୟତାରେ ଦୁଇ ଓଳି ଖାଦ୍ୟ ମିଳୁଥିବା ବେଳେ ନିଜ ଭଙ୍ଗା ଘରକୁ କେବେ ସଜାଡ଼ିବେ, ସେଥିପାଇଁ କେବେ ସରକାର ସହାୟତା ଯୋଗାଇବେ, ତାହାକୁ ଅପେକ୍ଷା କରି ଲୋକେ ରହିଥିବା ପ୍ରକାଶ କରିଛନ୍ତି।

ବିଜେଡିର ଏହି ଟିମ୍‌ରେ ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନାରାୟଣ ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବରିଷ୍ଠ ବେଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ ଓ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ ରହିଛନ୍ତି। ତୃଣମୂଳ ସ୍ତରରୁ ସ୍ଥିତି ଅନୁସନ୍ଧାନ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏହି ଟିମ୍ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦରେ ହଙ୍ଗାମା...

ଆର୍‌ଏସପିର ଏନକେ ପ୍ରେମଚନ୍ଦ୍ରନ ସମେତ ବିଭିନ୍ନ ଦଳର ନେତା ସାମିଲ ହୋଇଥିଲେ। 'ଗାନ୍ଧୀଜୀ କୋ ଅପମାନ, ନହିଁ ସହେଗା ହିନ୍ଦୁସ୍ତାନ' ଭଳି ସେମାନେ ସ୍ଲୋଗାନ ଦେଇଥିଲେ। ସରକାରଙ୍କର ନାମ ବଦଳା ନୀତିର ତୀବ୍ର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ବିଭିନ୍ନ ସ୍କିମର ନାମ ବଦଳାଇବା ସରକାରଙ୍କର ନିଶା ହୋଇଗଲାଣି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଏତେ ଅସହିଷ୍ଣୁତା କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। କୌଣସି ସ୍କିମର ନାମ ପରିବର୍ତ୍ତନ କଲେ, ଏଥିରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସରକାର କାହିଁକି ଏମିତି କରୁଛନ୍ତି, ତାହା ସେ ବୁଝିପାରୁ ନାହାନ୍ତି। ସେ କହିଲେ ଯେ ମନରେଗାରେ ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ବର୍ଷକୁ ଶହେ ଦିନର ନିଯୁକ୍ତି ପାଇଁ ଗ୍ୟାରେଣ୍ଟି ଦିଆଯାଇଛି। କିନ୍ତୁ ନୂଆ ସ୍କିମରେ ଏହି ଅଧିକାରକୁ ଦୁର୍ବଳ କରି ଦିଆଯାଇଛି। ସେ କହିଲେ ଯେ ନୂଆ ସ୍କିମରେ କାର୍ଯ୍ୟଦିବସକୁ ବୃଦ୍ଧି କରାଯାଇଛି। ତେବେ ମଜୁରି କାହିଁକି ବଢ଼ାଇଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ମନରେଗାରେ କାର୍ଯ୍ୟ ସଂପର୍କରେ ପଞ୍ଚାୟତ ନିଷ୍ପତ୍ତିନେଉଥିଲା, କିନ୍ତୁ ଏବେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏସଂକ୍ରାନ୍ତ ବିଲର ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଆରମ୍ଭରୁ ପ୍ରଧାନମନ୍ତ୍ରୀ ମୋଦୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ବିରୋଧ କରି ଆସୁଛନ୍ତି। ଗାନ୍ଧୀଙ୍କ ନାମରେ ଥିବା ସ୍କିମଗୁଡ଼ିକୁ ଦୁର୍ବଳ କରିବା ଲାଗି ସେ ୨୦୧୪ରୁ ଚକ୍ରାନ୍ତ ଚଳାଇଛନ୍ତି। ଜି ରାମ ଜି ବିଲ୍ ଗାନ୍ଧୀଙ୍କ ପ୍ରତି ଅପମାନ ଏବଂ କଂଗ୍ରେସ ଏହାର ବିରୋଧ କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଉଚ୍ଛେଦ କରି ଏହା ବଦଳରେ ସରକାର ସଂସଦରେ ଯେଉଁ ବିଲ୍ ଆଣିଛନ୍ତି ସେଥିରେ ନୂଆ ଯୋଜନାର ନାମ ରଖାଯାଇଛି ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିସନ-ଗ୍ରାମୀଣ (ଭିକେ ଜି-ରାମ-ଜି)। ଏହି ସ୍କିମ୍‌ରେ ଅଣକୁଶଳୀ କାମ କରିବାକୁ ଇଚ୍ଛୁକ ପ୍ରତ୍ୟେକ ଗ୍ରାମୀଣ ପରିବାର ପାଇଁ ପ୍ରତିବର୍ଷ ୧୨୫ ଦିନର ରୋଜଗାର ଗ୍ୟାରେଣ୍ଟି ଦିଆଯାଇଛି। କାମ ସରିବାର ସପ୍ତାହେ କିମ୍ବା ୧୫ ଦିନ ମଧ୍ୟରେ ମଜୁରି ପ୍ରଦାନ କରାଯିବ। ଏହି ସମୟ ମଧ୍ୟରେ ମଜୁରି ନ ମିଳିଲେ ବେକାରୀ ଭତ୍ତା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଛି। ନୂଆ ସ୍କିମରେ କାମକୁ ୪ ଭାଗରେ ବିଭକ୍ତ କରାଯିବ। ଏଗୁଡ଼ିକ ହେଲା ଜଳ ନିରାପତ୍ତା, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ସଂକ୍ରାନ୍ତ ଭିତ୍ତିଭୂମି ଏବଂ ବିପର୍ଯ୍ୟୟ ପ୍ରଶମନ ଲାଗି ସ୍ୱତନ୍ତ୍ର କାର୍ଯ୍ୟ। ଏହି ସ୍କିମରେ ପାରିଦର୍ଶିତା ଆଣିବା ଲାଗି ବାୟୋମେଟ୍ରିକ୍ ଓ ଜିଓଟାଗିଂର ବ୍ୟବସ୍ଥା କରାଯାଇଛି।

### ଅଲୋଡ଼ା ରେକର୍ଡ...

ଦେଖିବା ୨୦୨୫ରେ ଆମେରିକୀୟ ଡଲାର ତୁଳନାରେ ପାକିସ୍ତାନୀ ଟଙ୍କା ମୂଲ୍ୟରେ ୧.୬୩% ହ୍ରାସ ଘଟିଥିବା ବେଳେ ବାଂଲାଦେଶୀ ଟଙ୍କା ମୂଲ୍ୟରେ ୨.୦୬% ହ୍ରାସ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ଟଙ୍କାର ମୂଲ୍ୟ ଚଳିତବର୍ଷ ୫.୩% ହ୍ରାସ ପାଇଛି। ଗତ ମୁଦ୍ରା ନୀତି ସମୀକ୍ଷା(ଏମ୍‌ପିସି) ବୈଠକ ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଥିଲେ ଯେ, ଆମେ ଡଲାର ତୁଳନାରେ ଟଙ୍କାର କୌଣସି ସ୍ତର ସ୍ଥିର କରିନାହୁଁ। ଡଲାର ଚାହିଦା ଯୋଗୁଁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଏହା ପୂର୍ବରୁ, ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ୍ ମଧ୍ୟ କହିଥିଲେ ଯେ ସେ ଟଙ୍କାର ବର୍ତ୍ତମାନର ହ୍ରାସକୁ ନେଇ ଚିନ୍ତିତ ନୁହଁନ୍ତି। ଟଙ୍କା ମୂଲ୍ୟରେ ହ୍ରାସ ଯୋଗୁ ଦେଶକୁ ଆମଦାନୀ ମହଙ୍ଗା ହୋଇଛି। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ର ଉପରେ ଅନୁଭୂତ ହେଉଛି। ଏଥିଯୋଗୁ ମୁଦ୍ରାସ୍ଫୀତି ବଢ଼ିବାର ଯଥେଷ୍ଟ ସମ୍ଭାବନା ଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

### ଜୋକର ହାପିର...

ଭାବରେ ଘଟଣାକୁ ସମସ୍ତେ ନିନ୍ଦା କରୁଥବା ବେଳେ ଜଣେ ମହିଳା ଆଇଏଏସ୍ ଅଧିକାରୀ ମଧ ଏହି ଘଟଣାରେ ନିଜର କ୍ଷୋଭ ରୋକି ପାରିନାହାନ୍ତି। ୧୩ ବର୍ଷ ତଳେ ଘଟିଥିବା ଦିଲ୍ଲୀର ନିର୍ଭୟା ଗଣଦୁଷ୍କର୍ମକୁ ଏହି ଘଟଣା ମନେ ପକାଇ ଦେଇଛି ଓ ଏବେବି କିଛି ପରିବର୍ତ୍ତନ ହୋଇ ନାହିଁ ବୋଲି ମହିଳା ଆଇଏଏସ୍ ଆବୋଲି ଏସ୍ ନରୱାଣେ କହିଛନ୍ତି। ଧଉଳି ଲଜ୍ଜାକୁ ନେଇ ସାରା ରାଜ୍ୟ ସ୍ତବ୍ଧ। ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ହେଲେ ଏହି ଘଟଣାରେ ମାଷ୍ଟରମାଇଣ୍ଡ ଏବଂ ତାର ଅନ୍ୟ ଜଣେ ସହଯୋଗୀକୁ ଧରିବାରେ ପୁଲିସ ସକ୍ଷମ ହୋଇନାହିଁ। ଗଣଦୁଷ୍କର୍ମର ମାଷ୍ଟର ମାଇଣ୍ଡ ଶିଶୁପାଳଗଡ଼ ଅଞ୍ଚଳର ଜୋକର ହାପି ୬ଦିନ ଧରି ପୁଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଛି। ପୂର୍ବରୁ ଅନେକ ମାମଲାରେ ଜୋକର ହାପି ଜେଲ ଯାଇଛି। ତଣ୍ଟିକଟା ଠାରୁ ଆରମ୍ଭ କରି, ଲୁଟ୍, ଛିନ୍‌ତାଇ, ଜମି କବଜା, ଘରେ ପଶି ଆକ୍ରମଣ କରିବା ଭଳି ୨୦ଟି ମାମଲା ସଙ୍ଗିନ ମାମଲା ଧଉଳି ଏବଂ ଲିଙ୍ଗରାଜ ଥାନାରେ ତା ନାମରେ ରୁଜୁ ହୋଇଛି। କିଛିଦିନ ତଳେ ସେ ଜେଲରୁ ମୁକୁଳିଥିଲା ଓ ଏହାପରେ ଏହି ଘଟଣା ଘଟାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ କମିସନରେଟ୍ ପୁଲିସ ମୌନବ୍ରତ ଅବଲମ୍ବନ କରିଛି। ପୁଲିସ କମିଶନର, ଡିସିପିଙ୍କ ଠାରୁ ଆରମ୍ଭ କରି ଥାନା ଅଧିକାରୀଙ୍କ ପର୍ଯ୍ୟନ୍ତ କେହି ମୁହଁ ଖୋଲୁ ନାହାନ୍ତି। ମୁଖ୍ୟ ଅଭିଯୁକ୍ତର ଗିରଫଦାରି ସମ୍ପର୍କରେ ତ ନିରବତା ଅବଲମ୍ବନ କରୁଛନ୍ତି, ଅନ୍ୟପକ୍ଷରେ ଗିରଫ ଦୁଇ ଅଭିଯୁକ୍ତଙ୍କ ନାଆ ମୁହଁରେ ଧରୁନାହାନ୍ତି। ପୂର୍ବରୁ ଏଭଳି ଅନେକ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କ ନାଆ ସହ ପ୍ରେସ୍ ବିବୃତି ଜାରି କରିଛି। ମାତ୍ର ଏହି ଘଟଣାକୁ ନେଇ ଗତକାଲି ପ୍ରେସ ବିଜ୍ଞପ୍ତିରେ ଗିରଫ ହୋଇଥବା ଦୁଇ ଅଭିଯୁକ୍ତଙ୍କ ନାମ ଲେଖିନାହିଁ ପୁଲିସ। ଅଭିଯୁକ୍ତଙ୍କ ନାମ ସାମ୍ନାକୁ ନ ଆସୁ ବୋଲି ପୁଲିସକୁ କୌଣସି ଆଡୁ ଚାପ ପଡୁଛି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଆଜି ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ଧଉଳି ଥାନା ଏବଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏନେଇ ତଦନ୍ତକାରୀ ଅଧିକାରୀଙ୍କ ସହ ମାମଲାର ସମ୍ବେଦନଶୀଳତାକୁ ନେଇ ସେ ଆଲୋଚନା କରିଛନ୍ତି। ଏହା ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

କ୍ରାଇମ୍‌ବ୍ରାଞ୍ଚର ସିଏଡବ୍ଲୁ ଓ ସିଡବ୍ଲୁ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଧଉଳି ମାମଲାକୁ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି କ୍ରାଇମ୍‌ବ୍ରାଞ୍ଚ ଏହି ନିଷ୍ପତ୍ତି ନେଇଛି। ରେଡ୍‌ଫ୍ଲାଗ୍ ହେବା ଦ୍ୱାରା ଏହି ମାମଲର ଦ୍ରୁତ ତଦନ୍ତ ହେବ ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ଏହା ସହ କ୍ରାଇମ୍‌ବ୍ରାଞ୍ଚ ମଧ କମିସନରେଟ୍ ପୁଲିସକୁ ଏହି ମାମଲାରେ ସହଯୋଗ କରିବ।

### ସୀମା ଟପୁଛି...

ସରକାର ବିଶ୍ୱସନୀୟତା ହରାଉଛି। ଆଇନଶୃଙ୍ଖଳା କେତେ ଆଉ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ? ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରି ନ ପାରିବା ବିଜେପି ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି ବୋଲି ନବୀନ କହିଛନ୍ତି। ମହିଳାଙ୍କ ସୁରକ୍ଷା ସହ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

### ୧୩ ଜୀବନ୍ତ...

ଏକ୍ସପ୍ରେସୱେକୁ ଘନ କୁହୁଡ଼ି ଛାଇ ରହିଥିଲା। ଅଚାନକ ଏକ ସ୍ଲିପର ବସ୍ ସାମ୍ନାକୁ ଧୂଆଁ ଆସି ଯାଇଥିଲା। ଏହା ଦେଖି ଡ୍ରାଇଭର ବ୍ରେକ ମାରି ବେଗ କମ୍ କରିଥିଲେ। ଏହି ସମୟରେ ପଛରୁ ଆସୁଥିବା ୬ଟି ବସ୍ ଏବଂ ୪ଟି କାର୍ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ଏସି ବସ୍ ଏବଂ କାର୍ ଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସୁଯୋଗ ମିଳି ନ ଥିଲା। ଏହା ଏତେ ଭୟଙ୍କର ଥିଲା ଯେ ବସରୁ କଟି ଯାଇଥିବା ଅଙ୍ଗପ୍ରତ୍ୟଙ୍ଗ ମିଳିଛି। ପୁଲିସ ଏହାକୁ ୧୭ଟି ପଲିଥିନ ବ୍ୟାଗ୍‌ରେ ନେଇ ଯାଇଛି। ଏବେ ଡିଏନଏ ପରୀକ୍ଷା କରି ମୃତକଙ୍କୁ ଚିହ୍ନଟ କରାଯିବ। ଏହି ଦୁର୍ଘଟଣାର ସୂଚନା ପାଇବା ପରେ ଦମକଳ ବାହିନୀ, ୯ଟି ଥାନାର ପୁଲିସ ଏବଂ ଏସ୍‌ଡିଆରଏଫ ଯବାନ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦୀର୍ଘ ୬ ଘଣ୍ଟା ପରିଶ୍ରମ କରିବା ପରେ ଉଦ୍ଧାର ଅଭିଯାନ ଶେଷ ହୋଇଥିଲା। ଦୁର୍ଘଟଣା ଯୋଗୁଁ ୩ କିମି ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ଲାଗି ରହିଥିଲା। ପ୍ରଶାସନ ଏହି ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି।

**AFFIDAVIT**
I SUCHITRA PANDA, W/o - PANCHANANA DASH, resident of At - Dash Lane, Power House Colony, Po/Ps - Jeypore, Dist- Koraput, Pin - 76400, Odisha declare by this Affidavit No. 5174 Dated - 15/12/2025, that now onwards I shall be known as **SUCHITRA DASH** For all future purpose.

**AFFIDAVIT**
I JAMI SWATHI, W/o - JAMI SRINIVASA RAO, resident of At - Main Road, Po/Ps/Dist - Malkangiri, Pin - 764045, Odisha declare by this Affidavit No.5221, Dated -16/12/2025, that now onwards I shall be known as **JAMI SWATHI RAO** for all future purposes.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**FOR SALE**
1 Number of TRACTOR - MAHINDRA 575 DI YOVO, Registration No.- OD-22-X-0365, Model- 2023, ENGINE NO - ZPB5GKF7408, CHASSIS NO - MBNSFALBPPZB01787, For Details, contact –8895995989, 9437355692, Second floor, Plot No-353/2585, Building No-723/1793, At- Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO- 06784-250703"

**AFFIDAVIT**
I,Roshan Ara Begum, W/o-Mirza Shamim Ali Baig, permanent resident of Jagannath Sahi,Idgha Basti near Masjid, PO - Chandini chouk,Dist- Cuttack, Pin - 753002,Odisha, declare by this affidavit No -12012, dated -10.12.2025, that now onwards I shall be known as **ROUSHAN ARA BEGUM** for all future purposes.

**FOR SALE**
We have 2 nos repossessed Mahindra Tractor for sale : (1). MAHINDRA 405 YUVO TECH + ( OD-15Z-6560), (2). MAHINDRA 585 YUVO TECH + ( Un-Registered) in it's as is where is condition. Contact: Sundaram Finance Limited, Sambalpur Branch, Mob no : 9437059593, 9437355617 within 3 days.

**LOST**
ATTENTION ! ATTENTION ! ATTENTION
**LOSS OF HOUSE ALLOTMENT LETTER**
I, Puneet Chhillar, residing at NCC directorate Odisha, Chandrasekharpur. My Home allotment letter cum possession letter for C-702 RKCGHS, Sector-23, Dwarka, Delhi has been lost. If anyone finds, please contact on: 7756976335

**NOTICE**
By virtue of an affidavit sworn before Executive Magistrate, Baripada, Mayurbhanj, dated 12/12/2025, I SK SURAJ , S/o Sekh Azijulla At- Paredpadia Ward No.16, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SEC SURAJ to SK SURAJ. Henceforth, I shall be known as SK SURAJ for all purposes.
Sd/- SK SURAJ

**AFFIDAVIT**
By virtue of an affidavit sworn before notary public Bhubaneswar, dated 09th December – 2025, I Labana Banra residing at-Astakuanr, Po- Astakuanr, Ps-Jashipur, Dist-Mayurbhanja, Odisha, Pin-757034 declare that I have change my name from Masuri Banra Henceforth, I shall be known as **Labana Banra** for all purposes.
Labana Banra

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. DRM/Engg/KUR/25-26/E-Tender/93, ତା.12.12.2025ରିଖ
(1) ଟେଣ୍ଡର ସଂ. etenderhqkur-310-2025, ତା.03.12.2025ରିଖ
ବିବରଣୀ : ପୁରୀରେ ନାଗାବଳ ରେଷ୍ଟ ହାଉସ୍ ଏବଂ କୋଣାର୍କ ରେଷ୍ଟ ହାଉସର ପ୍ରସ୍ତାବିତ ମରାମତି, ଯେପରିକି ଟାଇଲ୍ ଲଗେଇବା, କବାଟ ଓ ଝରକାଗୁଡ଼ିକୁ ବଦଳାଇବା, ୱାଲ୍ ପ୍ୟାନେଲିଙ୍ଗ୍, ଜିପ୍ସମ ବୋର୍ଡ ଲଗେଇବା, ପ୍ଲମ୍ବିଙ୍ଗ୍ ଇତ୍ୟାଦି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 295.53 ଲକ୍ଷ, EMD : ₹ 2,97,800/-
(2) ଟେଣ୍ଡର ସଂ. etenderEastkur-314-2025, ତା.04.12.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ /I/ କଟକ ପରିସୀମା ଅଧୀନସ୍ଥ ପଥ ପାର୍ଶ୍ୱ (Way Side) ଷ୍ଟେସନ ଷ୍ଟାଫ କ୍ୱାର୍ଟର ଏବଂ ସେବା ଭବନଗୁଡ଼ିକର ବିବିଧ କାର୍ଯ୍ୟର ପ୍ରସ୍ତାବିତ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 250.58 ଲକ୍ଷ, EMD : ₹ 2,75,300/-
(3) ଟେଣ୍ଡର ସଂ. etenderhqkur-304-2025, ତା.03.12.2025ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ)/ ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ପୁରୀ ସ୍ଥିତ ସ୍ଲାଇଟ୍ ଏବଂ ଲାଇଟ୍ ବିଲ୍ଡିଙ୍ଗକୁ ବ୍ୟବହାର ଯୋଗ୍ୟ / ବାସୋପଯୋଗୀ ଅବସ୍ଥାକୁ ଆଣିବା ପାଇଁ ତାହାର ମରାମତି ଏବଂ ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 121.99 ଲକ୍ଷ, EMD : ₹ 2,11,000/-
ଶେଷ ହେବା ଅବଧି : 6 (ଛଅ) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 2 ପାଇଁ)
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.12.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ବାତିଲ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-908/Q/25-26

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar vide No.124, date-13/10/2025. I, **Mrs. Sabita Das,** Address: At-Lokipur, Salapadiha, Nachuni, Banapur, Gangadharpursasan, Odisha, PIN-752034, declare that I have changed my minor daughter's name from **Ruji Das to Rojalin Das.** Henceforth, she shall be known as **Rojalin Das** for all purposes.
**Sabita Das**

**AFFIDAVIT**
By virtue of an affidavit sworn before Executive Magistrate, Kanas, No-4475, dated-12/12/2025 I, **Smt. Bharati Nayak,** resident of At-Alipada, Po-Adal, Block-Kanas, Ps-Gadisagoda, Dist-Puri, Odisha, Pin-752019 declare that I have changed the name of my son's from **Chandrakanti Nayak to Chandrakanta Nayak.** Henceforth, he shall be known as **Chandrakanta Nayak** for all purposes.
**Bharati Nayak**

**Form No. NCLT 3A**
**Advertisement Detailing Petition**
**[See Rule 35]**
**Company Petition No. 69/CB/2025**
**Notice of Petition/Application**
A petition/application under Section 131 of the Companies Act, 2013, for revision of financial statements of **SURENDRA ESTCON PRIVATE LIMITED (Petitioner)** for the financial year ended 31st March 2024 was presented by the Petitioner on **19th November 2025,** and the said petition is fixed for hearing before Cuttack Bench of the Hon'ble National Company Law Tribunal on **09th January 2026.**
Any person desirous of supporting or opposing the said petition/application should send to the Petitioner's counsel, notice of his intention, signed by him or his advocate, with his name and address, so as to reach the Petitioner's counsel not later than 2 (Two) days before the date fixed for the hearing of the petition/application. Where he seeks to oppose the petition/application, the grounds of opposition or a copy of his affidavit shall be furnished with such notice.
A copy of the petition/application will be furnished by the undersigned to any person requiring the same on payment of the prescribed charges for the same.
Place: Bhubaneswar
Date: 17.12.2025
Sd/-FCS Gopinath Nayak
Practicing Company Secretary
(Counsel for the Petitioner)
Plot No.-186, First Floor, District Center, Chandrasekharpur
Bhubaneswar-751016, Odisha

**ଆସେଟ୍ସ କେୟାର୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ ଲିମିଟେଡ୍**
ACRE MAKING ASSETS WORK
ୟୁନିଟ୍ ନଂ -୫୦୨, ସି ୱିଙ୍ଗ, ୱାନ୍ ବିକେସି, ରେଡିଅସ୍ ଡିଭେଲପର୍ସ, ପ୍ଲଟ୍ ନମ୍ବର ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ - ୪୦୦୦୫୧
**ସିକ୍ୟୁରିଟାଇଜେସନ୍ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**
ସରଫେଶୀ ଅଧିନିୟମର ଧାରା ୫ ର ପ୍ରାବଧାନ ଅନୁଯାୟୀ, ACRE-ARC 'ହସ୍ତାନ୍ତରକାରୀ' ଙ୍କଠାରୁ ଋଣଗ୍ରହିତାଙ୍କ ସମସ୍ତ ଆର୍ଥିକ ସମ୍ପତ୍ତି ଏବଂ ଏହା ସହିତ ଜଡ଼ିତ ପ୍ରତିଭୂତିଗୁଡ଼ିକୁ ଅଧିଗ୍ରହଣ କରିଛି। ଉକ୍ତ ଋଣ ଅଧିଗ୍ରହଣ ବଳରେ, ଆର୍ଥିକ ଦଲିଲ ଏବଂ ପ୍ରତିଭୂତିଗୁଡ଼ିକର ହସ୍ତାନ୍ତର ମାଧ୍ୟମରେ, ACRE-ARC ଜଣେ ଟ୍ରଷ୍ଟି ଭାବରେ କାର୍ଯ୍ୟ କରି ଋଣଗ୍ରହିତାଙ୍କ ବକେୟା ଋଣର ସମସ୍ତ ଅଧିକାର, ସ୍ୱତ୍ୱ ଏବଂ ସ୍ୱାର୍ଥ ହାସଲ କରିଛି। ACRE-ARC ବର୍ତ୍ତମାନ ହସ୍ତାନ୍ତରକାରୀଙ୍କ ସ୍ଥାନ ନେଇ ଋଣଗ୍ରହିତାଙ୍କ ପାଇଁ ଏକ 'ସୁରକ୍ଷିତ ପାଉଣାଦାର' ସାଜିଛି ଏବଂ ଋଣ ସୁବିଧା ବାବଦରେ ବକେୟା ଅର୍ଥ ଆଦାୟ କରିବା ସହ ଏଥିପାଇଁ ଥିବା ସୁରକ୍ଷା ସ୍ୱାର୍ଥକୁ କାର୍ଯ୍ୟକାରୀ କରିବା ପାଇଁ ହକଦାର ଅଟେ।

| ଋଣ ଆକାଉଣ୍ଟ ନଂ. | ଏକର ଟ୍ରଷ୍ଟ | ପୋର୍ଟଫୋଲିଓ | ACRE ହସ୍ତାନ୍ତର ତାରିଖ | ଋଣଗ୍ରହୀତା / ସହ ଋଣଗ୍ରହୀତାଙ୍କ ନାମ | ଡିମାଣ୍ଡ ନୋଟିସ୍ ତାରିଖ ଓ ପରିମାଣ ଧାରା ୧୩(୨) ଅନୁଯାୟୀ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|---|---|
| 5900001743 & 5900001407 | Trust 174 | ପିରାମଲ | ୨୮.୦୩.୨୦୨୫ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ (ଋଣଗ୍ରହୀତା), ଦୁଃଶାସନ ପ୍ରଧାନ (ସହ ଋଣଗ୍ରହୀତା) | ୦୪ ନଭେମ୍ବର ୨୦୨୫ ଏବଂ ୦୪ ନଭେମ୍ବର ୨୦୨୫ ସୁଦ୍ଧା ଟ. ୨୧,୯୪,୯୧୦ | ଜିଲ୍ଲା-ପୁରୀ, ତହସିଲ-ଗୋପ , ଗୋପ ରେଜିଷ୍ଟ୍ରେସନ ଅଫିସ ଏବଂ ଥାନା-ଗୋପ(ଥାନା ନଂ. ୧୨୬), ମୌଜା-ତରାହଣା, ଖତିଆନ, ଖାତା ନଂ. ୨୫୪, ପ୍ଲଟ ନଂ. ୧୨୨ ଏବଂ ମୋଟ କ୍ଷେତ୍ର ଏକର ୦.୧୬୦ ଡିସମିଲ, କିସମ 'ଘରବାରି', ଏହାର ଚତୁଃପାର୍ଶ୍ୱ ସୀମା : ଉତ୍ତର- ବୁଲା ପ୍ରଧାନ, ଦକ୍ଷିଣ- ସୁକାନ୍ତ ପ୍ରଧାନ, ପଶ୍ଚିମ- ଗ୍ରାମ୍ୟ ରାସ୍ତା, ପୂର୍ବ- ସୁକାନ୍ତ ପ୍ରଧାନ ଓ ଟହଲି ପ୍ରଧାନ |

ନୋଟିସ୍‌ର 'ବିକଳ୍ପ ସେବା' (Substituted service) ବା ବିକଳ୍ପ ଜାରି ପାଇଁ ପଦକ୍ଷେପ ନିଆଯାଇଛି। ଉପରୋକ୍ତ ଋଣଗ୍ରହିତା, ସହ-ଋଣଗ୍ରହିତା ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟରମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଅର୍ଥ ପୈଠ କରିବାକୁ ପରାମର୍ଶ ଦିଆଯାଉଛି। ଏଥିରେ ବିଫଳ ହେଲେ, 'ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨' (SARFAESI Act)ର ପ୍ରାବଧାନ ଅନୁଯାୟୀ ଏହି ନୋଟିସ୍‌ର ୬୦ ଦିନ ଅତିକ୍ରମ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଆପଣଙ୍କୁ ଅବଗତ କରାଯାଉଛି କି, ଉକ୍ତ ନୋଟିସ୍ ଧାରା ୧୩(୧୩) ଅନ୍ତର୍ଗତ ମଧ୍ୟ ଅଟେ, ଯାହା ମାଧ୍ୟମରେ ଋଣଗ୍ରହିତା/ଗ୍ୟାରେଣ୍ଟର/ବନ୍ଧକକାରୀଙ୍କୁ ସୂଚନା ଦିଆଯାଉଛି ଯେ, ଉକ୍ତ ବନ୍ଧକ ରଖାଯାଇଥିବା ସମ୍ପତ୍ତିକୁ ବିକ୍ରୟ, ଲିଜ୍ (ପଟ୍ଟା) କିମ୍ବା ହସ୍ତାନ୍ତର କରାଯାଇପାରିବ ନାହିଁ।
ତାରିଖ: ୧୭.୧୨.୨୦୨୫
ସ୍ଥାନ: ପୁରୀ
କ୍ଷମତାପ୍ରାପ୍ତ ଅଧିକାରୀ
ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ ଏଣ୍ଟରପ୍ରାଇଜ ଲି.

**GANJAM CLUB LTD.**
BERHAMPUR - 760004, Ph.: 0680 - 2203377
**TENDER CALL / BID NOTICE**
The Secretary, Ganjam Club Limited, Berhampur invites proposals for technical bid and Financial Bid separately in sealed covers from prospective bidders for Lease-cum/Development /Up gradation, Operation and Maintenance of Ganjam Club Limited, Berhampur for Accommodation of Ganjam Club / and Construction of other properties and advised to carefully study the RFP document.
Before submitting the proposal, in response to the RFP time schedule visit the properties offered in this RFP. Submission of proposal in response to this RFP shall be deemed to have been done after careful study and examination of this document and visiting of the property as per the time schedule given in RFP conditions. The Club- authorities reserve the right to accept or reject any bid without assigning any reason thereof.
The REF document will be available at a Non-Refundable amount of Rs. 10,000/- (Rupees Ten Thousand) only from 20.12.2025 to 27.12.2025.
The bids are to be submitted to the undersigned by Speed Post only on or before 31 .12.2025.
Secretary Ganjam Club Ltd.
Berhampur

## ଚାଷୀଙ୍କୁ ମିଳିଲାନି ଅଖା ବାବଦ ଅର୍ଥ

# ନବନିର୍ମାଣ କୃଷକ ସଂଗଠନ- ପୁଲିସ ମୁହାଁମୁହିଁ

ଜଗତସିଂହପୁର,୧୬।୧୨(ସମିସ)

ଜଗତସିଂହପୁର ଜିଲ୍ଲାରେ ୨୦୨୪-୨୫ ଖରିଫ ବର୍ଷରେ ଧାନ ବିକ୍ରି ପାଇଁ ମୋଟ ୪୭,୭୩୭ ଜଣ ଚାଷୀ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫,୬୪୭ ଚାଷୀଙ୍କ ଠାରୁ ୩୦ ଜଣ ମିଲର ମାଧ୍ୟମରେ ୨୭ ଲକ୍ଷ ୧୫ ହଜାର ୧୨୧ କ୍ୱିଣ୍ଟାଲ ଧାନସଂଗ୍ରହ କରାଯାଇଥିଲା। ତେବେ ଏହି ଧାନସଂଗ୍ରହ ପ୍ରକ୍ରିୟା ଗତ ମାର୍ଚ୍ଚ ୩୧ ତାରିଖ ଠାରୁ ଶେଷ ହୋଇଥିବା ବେଳେ ଦୀର୍ଘ ୯ ମାସ ବିତିବାକୁ ବସିଲାଣି ହେଲେ ଏପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ରର କର୍ତ୍ତୃପକ୍ଷ ଚାଷୀମାନଙ୍କୁ ଖୋଟ ଅଖା ବାବଦ ଅର୍ଥ ପ୍ରଦାନ କରିନଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସଂପର୍କରେ ପ୍ରଶାସନ ସହିତ ଆଜି ଆଲୋଚନା ପାଇଁ ଆସିଥିବା ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ପୁଲିସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇଥିଲା। ଏହାକୁ ନେଇ କିଛି ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ଓ କଥା କଟାକଟି ହୋଇଥିଲା। ପାଟିତୁଣ୍ଡ ଶୁଣି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଘଟଣାସ୍ଥଳକୁ ଆସି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ କୃଷକ ସଂଗଠନ ସହିତ ଶ୍ରୀ ରାୟ ଆଲୋଚନା କରିଥିଲେ ଏବଂ ଯେଉଁ ଚାଷୀମାନେ ଖୋଟ ଅଖା ଅର୍ଥ ପାଉନାହାନ୍ତି ସେମାନଙ୍କୁ ଯଥାଶୀଘ୍ର ଏହା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅଭାବି ଧାନବିକ୍ରି କିପରି ବନ୍ଦ ହେବ ସେ ସଂପର୍କରେ ପଦକ୍ଷେପ ନିଆଯିବା ସହିତ ଡିସେମ୍ବର ଶେଷ ସପ୍ତାହରେ ନବନିର୍ମାଣ କୃଷକ ସଂଗଠନ ସହିତ ଆଗାମୀ ଧାନବିକ୍ରି ବିଷୟରେ ଏକ ବୈଠକ ମାଧ୍ୟମରେ ଆଲୋଚନା କରାଯିବ ବୋଲି ଶ୍ରୀ ରାୟ କହିଥିବା କୃଷକ ସଂଗଠନର ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ ସୂଚନା ଦେଇଛନ୍ତି।



ସୂଚନାଯୋଗ୍ୟ ଯେ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ-ସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ ଉପରୋକ୍ତ ପ୍ରସଙ୍ଗ ସଂପର୍କିତ ଏକ ଦାବିପତ୍ର ଗତ ମେ' ୨୩ ତାରିଖରେ ଜିଲ୍ଲାପାଳଙ୍କୁ ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ପରେ ଗତ ଜୁନ୍ ୧୦ ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ କାର୍ଯ୍ୟାଳୟରେ ଆଲୋଚନା ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହର ଉପ-ନିବନ୍ଧକଙ୍କ ଉପସ୍ଥିତିରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସେହିଦିନ ଚିଠି ନମ୍ବର ୭୪୭/୨୫ରେ ସମସ୍ତ ଧାନସଂଗ୍ରହ କେନ୍ଦ୍ରର ଅଧିକାରୀ ଓ ସଂପାଦକମାନଙ୍କୁ ଚାଷୀଙ୍କୁ ଖୋଟ ଅଖା ବାବଦ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଅଦ୍ୟାବଧି ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇନଥିବା ବେଳେ ଚାଷୀମାନଙ୍କର ଅଖା ବାବଦରୁ ପ୍ରାୟ ୨୫ ଲକ୍ଷ ଟଙ୍କା ମିଲର୍ସ ପ୍ରଦାନ କରିନଥିବା ଅଭିଯୋଗ କରିଛି କୃଷକ ସଂଗଠନ। ଏହି ଅଭିଯୋଗ ଅନୁସାରେ ଜଗତସିଂହପୁର ଜିଲ୍ଲାର ଅଧିକାଂଶ ଧାନସଂଗ୍ରହ କେନ୍ଦ୍ର ବା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନକ୍ରୟ ପ୍ରକ୍ରିୟା ଚାଲିଥିବା ବେଳେ ଖୋଟ ଅଖା ପ୍ରଦାନ କରାଗଲାନାହିଁ। ଯାହାଫଳରେ ଚାଷୀମାନେ ଖୋଲାବଜାରରୁ ଅଧିକ ଦାମରେ ଅଖା କିଣିବାକୁ ବାଧ୍ୟ ହୋଇଥିଲେ। ନିୟମ ଅନୁସାରେ ଧାନସଂଗ୍ରହ ଦାୟିତ୍ୱରେ ଥିବା ଅଧିକାରୀ ଏହି ଅଖା ବାବଦ ଅର୍ଥ ସଂପୃକ୍ତ ଚାଷୀମାନଙ୍କୁ ପ୍ରଦାନ କରିବା କଥା। କିନ୍ତୁ ଧାନସଂଗ୍ରହ ସରିବାର ୯ ମାସ ବିତିବାକୁ ବସିଥିଲେ ମଧ୍ୟ ଅନେକ ଚାଷୀ ଉକ୍ତ ଅର୍ଥ ପାଉନଥିବାରୁ ବଞ୍ଚିତ ଅଛନ୍ତି। ଯାହାକି ଚାଷୀମାନଙ୍କ ପ୍ରତି ସରକାର ଓ ପ୍ରଶାସନର ବୈମାତୃକ ମନୋଭାବକୁ ସୂଚାଉଛି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଛନ୍ତି।

## ହୋଟେଲରୁ ମଦ ଜବତ; ମାଲିକ ଗିରଫ

ଜଗତସିଂହପୁର,୧୬।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସାଁପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଛକରେ ଥିବା ବାସୁକ୍ରୀଷ୍ଣା ହୋଟେଲରେ ଚଢ଼ଉ କରି ୧୩୧ ବୋତଲ ବିଦେଶୀ ମଦ ଜବତ କରିଛି ପୁଲିସ। ଜବତ ମଦର ପରିମାଣ ୨୮.୯୮୦ ଲିଟର ହେବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ସେହିପରି ହୋଟେଲରେ ବେଆଇନ ଭାବେ ଚୋରା ମଦ ବିକୁଥିବା ଅଭିଯୋଗରେ ମାଲିକ ସାଁପୁର ଗ୍ରାମର ସର୍ବେଶ୍ୱର ଖୁଣ୍ଟିଆକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ମୁକୁଳିଲେ ସୁଦାନରେ ଗୃହବନ୍ଦୀ ଯୁବକ



ଜଗତସିଂହପୁର,୧୬।୧୨(ସମିସ): ମୁକୁଳିଲେ ସୁଦାନରେ ଗୃହବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟକଣା ଗ୍ରାମର ଆଦର୍ଶ ବେହେରା। ଆଜି ରାତିରେ ଆବୁଧାବିରୁ ୧୧.୪୦ମି.ରେ ଫ୍ଲାଇଟରେ ହାଇଦରାବାଦ ଆସିବେ ଆଦର୍ଶ ବେହେରା। ଆସନ୍ତାକାଲି ସକାଳେ ହାଇଦରାବାଦରୁ ଭୁବନେଶ୍ୱର ଆସିବେ ବୋଲି ସୂଚନା ଦେଇଛନ୍ତି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ। ଶ୍ରୀ ତରାଇ ଗୃହବନ୍ଦୀ ଥିବା ଆଦର୍ଶ ବେହେରାଙ୍କୁ ମୁକୁଳାଇବା ଦିଗରେ ପଦକ୍ଷେପ ନେବାକୁ ବୈଦେଶିକ ମନ୍ତ୍ରଣାଳୟକୁ ନିବେଦନ କରିଥିଲେ। ସୁଦାନର ଏକ ପ୍ଲାଷ୍ଟିକ କାରଖାନାରେ କାମ କରୁଥିବା ଆଦର୍ଶ ବେହେରା ସେଠାରେ ଗୃହଯୁଦ୍ଧ ପରିସ୍ଥିତି ଯୋଗୁ ଫସି ଯାଇଥିଲେ। ଏକ ଉଗ୍ରବାଦୀ ସଂଗଠନ ତାଙ୍କୁ ଗୃହବନ୍ଦୀ କରି ରଖିଥିଲା।

## ଗୋରଡ଼ରେ ଶକ୍ତି ସଂରକ୍ଷଣ ସପ୍ତାହ



କୁଜଙ୍ଗ,୧୬।୧୨(ସମିସ): କୁଜଙ୍ଗ ବ୍ଲକ ଗୋରଡ଼ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ସପ୍ତାହ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନ ସତ୍ରରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସିଆର୍‌ସିସି ସୁନିଲ କୁମାର ମହାରଣା, ବକ୍ତା ରୂପେ ଆଲୁମୁନୀ ସମ୍ପାଦକ ଗୋପବନ୍ଧୁ ସେଠୀ ଓ ପୂର୍ବତନ ଶିକ୍ଷକ ରବୀନ୍ଦ୍ର ସ୍ୱାଇଁ, ଯୋଗ ଦେଇଥିଲେ। ସ୍କୁଲର ଏନର୍ଜି କ୍ଲବ୍ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉଳ ସ୍ୱାଗତ ଭାଷଣ ସହ ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ବକ୍ତୃତା ଆଦି ସମସ୍ତ ପ୍ରତିଯୋଗୀରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ସୁଜାତା ନାୟକ, ସ୍ୱର୍ଣ୍ଣଲତା ନାୟକ, ତପନ କୁମାର ମୁଦୁଲି, ନୃସିଂହ ପରିଡ଼ା, ଜଗନ୍ନାଥ ପ୍ରସାଦ ପରିଡ଼ା, ଅନୀଲ କୁମାର ମହାନ୍ତି, ଅନନ୍ତ ନାରାୟଣ ସାମନ୍ତରାୟ, ପ୍ରମୁଖ ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥଲେ।

## ପୀତାମ୍ବର ତରାଇଙ୍କୁ ବାଣୀପ୍ରଜ୍ଞା ସମ୍ମାନ



କୁଜଙ୍ଗ,୧୬।୧୨(ସମିସ): ଅଶୀ ଉତ୍ତର ଓଡିଆ କାବ୍ୟ କବିତା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବାରିପଦାସ୍ଥିତ ବଡ଼ସାହିଠାରେ ଆୟୋଜିତ ୪୬ତମ ବାଣୀପୀଠ ମହୋତ୍ସବ ପାଳନ ଅବସରରେ କୁଜଙ୍ଗର ପ୍ରତିଷ୍ଠିତ କବି ପୀତାମ୍ବର ତରାଇଙ୍କୁ 'ବାଣୀପ୍ରଜ୍ଞା' ଉପାଧୀ ପ୍ରଦାନ କରାଯାଇଛି। କବି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପଦ୍ମଶ୍ରୀ ଦମୟନ୍ତି ବେଶ୍ରା କବିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପାଧୀ ସନନ୍ଦ ସହ ୧ ଲକ୍ଷ ଟଙ୍କାର ଜୀବନବୀମା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଇତର, ଜଣେ ଅଶୌଚ ଲୋକ, ଅନାମଧେୟ, ଶୂଦ୍ରକର ଶ୍ଳୋକ, ଶେଷହେବା ଯାଏ ପରି ଦଶରୁ ଉର୍ଦ୍ଧ୍ୱ କବିତା ପୁସ୍ତକ ସେ ରଚନା କରିଛନ୍ତି। ସମାଜସେବୀ ବିଜୟ ଖଟେଇ, ପ୍ରିୟବନ୍ଧୁ ଅଧ୍ୟକ୍ଷ ଡ. ରଘୁ ସାହୁ, ବାବୁରାମ ଚୌଧୁରୀ, ମେଘମହ୍ଲାର ସଭାପତି ଡ. କେଶବଚନ୍ଦ୍ର ଦଳାଇ, ସଂପାଦିକା କବି ପ୍ରଭାତୀ ମାଝୀ, କବି ଗୀତା ଦାସ, ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ ପ୍ରମୁଖ କବି ଶ୍ରୀ ତରାଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଲକ୍‌ପଡା ସ୍କୁଲରେ ବାର୍ଷିକ ସମାରୋହ

ପାରଦୀପ,୧୬।୧୨(ସମିସ): ଅଠରବାଙ୍କୀ ଲକ୍‌ପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଏମଏନଏସ ପୋର୍ଟସ୍ ସହାୟତାରେଅନୁଷ୍ଠିତଏହିକ୍ରୀନାଉତ୍ସବରେଅତିଥିଭାବେପାରାଦୀପପୌରପାଳିକାର ଉପାଧ୍ୟକ୍ଷା ଛବିଲତା ରାଉତ, ସମ୍ମାନିତ ଅତିଥି ଭାବେ କାଉନସିଲର କବିତା ସାହୁ, କ୍ଲଷ୍ଟର ଗବେଷଣା କେନ୍ଦ୍ରର ସଂଯୋଜକ ସୁକାନ୍ତ କୁମାର ସ୍ୱାଇଁ, ସମାଜସେବୀ ସମୀର କୁମାର ସ୍ୱାଇଁ, ସ୍କୁଲ ପରିଚାଳନା କମିଟିର ସଭାପତି ଦୁଲାଲ ଗେନ, ମନୋରଞ୍ଜନ ବାରିକ ଏବଂ ଏଏମ/ଏନଏସ ପୋର୍ଟସର ଅଧିକାରୀମାନେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅମ୍ବିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭ୍ରମରବର ପ୍ରଧାନ ଏବଂ ଲକପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ବେହେରା କାର୍ଯ୍ୟକ୍ରମର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କ୍ରୀଡା ଇଭେଣ୍ଟର ବିଜେତା ଏବଂ ଉତ୍କୃଷ୍ଟ ଶିକ୍ଷାଗତ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଆଜିଠାରୁ 'ସାର୍' ଆଲୋଚନା

ଜଗତସିଂହପୁର,୧୬।୧୨(ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ସମସ୍ତ ରାଜ୍ୟ ରେ ଆରମ୍ଭ କରାଯାଇଥିବା 'ସାର'ସଂଶୋଧନ, ଆମ ରାଜ୍ୟରେ ଖୁବଶୀଘ୍ର ଆରମ୍ଭ କରାଯିବ। ତେଣୁ ସେ ସଂପର୍କୀତ ଆଲୋଚନା ଜିଲ୍ଲାର ସମସ୍ତ ମଣ୍ଡଳରେ ଆସନ୍ତାକାଲିଠାରୁ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ୨୫ ତାରିଖରେ ଅଟଳ ବିହାରୀ ବାଜପେୟୀଙ୍କ ଶତାବର୍ଷିକୀ ଉତ୍ସବ ସମାପନ କରାଯିବ ବୋଲି ଜିଲ୍ଲା ସଭାପତି ସୂଚନା ଦେଇଛନ୍ତି। ଜିଲ୍ଲା ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଜକିଶୋର ବେହେରା ଓ ସଞ୍ଜୟ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ ପ୍ରଦାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ମୋହିତ ମହାନ୍ତି, ତପନ ତ୍ରିପାଠୀ, କଳ୍ପନା ମହାନ୍ତି, ସର୍ଜନ ସିଂହ, ପୌରା ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିସୋଇ, ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ବାମଦେବ ମଲ୍ଲିକ, ବିରିଡି ବ୍ଲକ ସାଂସଦ ପ୍ରତିନିଧି ଗୀତାରାଣୀ ସାହୁ, ବିଜୟ ଦାଶ, ବିନୋଦ ବିହାରୀ ମହାନ୍ତି, ତରୁଣ ଦାସ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସୁବାସ ଜେନା ଧନ୍ୟବାଦ ଦେଇଥିଲେ।

## ବିବାହିତ କନ୍ୟାଙ୍କ ମିଳନ ଉତ୍ସବ

ବାଲିକୁଦା,୧୬।୧୨(ସମିସ): ସେମାନେ ବାହା ହୋଇଗଲେଣି ଶାଶୁଘରକୁ। ଛାଡ଼ି ସାରିଲେଣି ବାପଘର। ହେଲେ ବାପଘରେ ବିତିଥିବା ସ୍ମୃତି ଏବେ ବି ସେମାନଙ୍କ ମନକୁ ଆନ୍ଦୋଳିତ କରୁଛି। ସେହି ସବୁ ପୁରୁଣା ସ୍ମୃତିକୁ ରୋମନ୍ଥନ କରିବାକୁ ଦୀର୍ଘ ବର୍ଷ ପରେ ଏକାଠି ହେଲେ ଗାଁ ବିବାହିତା କନ୍ୟାମାନେ। ଯିଏ ଯେଉଁ ଗାଁରେ ବାହା ହୋଇଥାଉ ନା କାହିଁକି। ନିଜ ବାପଘରକୁ ଗୋଟିଏ ଦିନ ଫେରି ସମସ୍ତେ ନିଜ ନିଜର ପୁରୁଣା ସ୍ମୃତି ରୋମନ୍ଥନ କରିଛନ୍ତି।



ଏକାଠି ମିଶି ଭୋଜିଭାତ କରିବା ସହ ସୁଖଦୁଃଖ ବାଣ୍ଟିଛନ୍ତି। ଏମିତି ଘଟିଛି ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ନାଳିଓ ଗ୍ରାମରେ। ୪୦ବର୍ଷର ସ୍ମୃତିକୁ ମନେପକାଇ ଗାଁର ବିବାହିତ ଝିଅମାନେ ଏହି ଉତ୍ସବ ପାଳିଥିଲେ। ଶ୍ରୀଗୋପାଳଜୀଉ ପୀଠରେ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ସଂଯୋଜନା ଓ ପରମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ଅତିଥିଭାବେ ସରପଞ୍ଚ ରାଜକିଶୋର ସାହୁ, ପର୍ଶୁରାମ ମହାନ୍ତି, ନଗେନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ନିତ୍ୟାନନ୍ଦ ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଏଭଳି ଏକ ନିଆରା ପରମ୍ପରା ସଦାସର୍ବଦା ରହୁ ବୋଲି କହିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ସ୍ୱପ୍ନା ଦାସ, ପ୍ରତିମା ମହାନ୍ତି, ପ୍ରଭାତୀ ମହାନ୍ତି, ସନ୍ଧ୍ୟାରାଣୀ ମହାନ୍ତି, ଜୟଶ୍ରୀ ମହାନ୍ତି, ହରପ୍ରିୟା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ପୂର୍ବତନ ସ୍କୁଲ ଅଧ୍ୟକ୍ଷଙ୍କ ସ୍ମୃତିଚାରଣ ସଭା

ତିର୍ତ୍ତୋଲ,୧୬।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଝଙ୍କଡ଼ ସାରଳା ପୀଠ କନକପୁରସ୍ଥିତ ସାରଳା ପବ୍ଲିକ ସ୍କୁଲର ପୂର୍ବତନ ଅଧ୍ୟକ୍ଷ ବରଦା ପ୍ରସାଦ ମହାନ୍ତିଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କନକପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନମିତା ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବେହେରା, ଭବାନୀ ଶଙ୍କର ଜେନା, କିଶୋର ଖୁଣ୍ଟିଆ, ନାରାୟଣ ପ୍ରସାଦ ଦାସ, ଗୋବିନ୍ଦ ପ୍ରସାଦ ଦାସ, ସହପାଠୀ ସାରଦା ଏକାଡେମୀ କନକପୁର ୧୯୯୧ ମାଟ୍ରିକ ବ୍ୟାଚର ଡ. ଅବିନାଶ ରାଉତ, ବିଜୟ କିଶୋର ମହାରଣା, ଅରୁଣ ଜେନା, ଦିଲୀପ ସାହୁ, ବିଜୟ ସାହୁ, ଶଶୀଭୂଷଣ ଦାସ, ଦୁର୍ଲଭ ମହାନ୍ତି, ବରଦା ବିଶ୍ୱାଳ, ନୃସିଂହ ଚରଣ ରାଉଳ, ବ୍ରଜକିଶୋର ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସାରଦା ପ୍ରସାଦ ମହାନ୍ତି, ଅଜୟ ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତି, ସୁଧାଂଶୁ ସ୍ୱାଇଁ, ଶିବବ୍ରତ ଓ ଦେବବ୍ରତଙ୍କ ସମେତ ପରିବାରବର୍ଗ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ୩ ଚୋରା ଗଞ୍ଜେଇ ବେପାରୀକୁ ଧରିଲା ପୁଲିସ

# ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



## ୪ଟି ମୋବାଇଲ, କାର ଜବତ୍

ଜଗତସିଂହପୁର,୧୬।୧୨(ସମିସ): ଜଗତିସିଂହପୁର ଜିଲ୍ଲାର ବିରିଡ଼ି ଥାନା ପୁଲିସ ୩ ଗଞ୍ଜେଇ ବେପାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଛି। କନ୍ଧମାଳ ଜିଲ୍ଲାରୁ ଚୋରା ଗଞ୍ଜେଇ ଆଣି ଜଗତସିଂହପୁରରେ ବିକ୍ରି କରିବାକୁ ଆସୁଥିବା ବେଳେ ବସନ୍ତପୁର ନିକଟରେ ପୁଲିସ ହାତରେ ଧରା ପଡିଛନ୍ତି ୩ ଗଞ୍ଜେଇ ମାଫିଆ। ଜଗତସିଂହପୁର ସଦର ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲାର ଅମନ କୁମାର ଦିଗଲ, ରାକେଶ ଦିଗଲ ଏବଂ ଗଣାଧିପତି ମଲ୍ଲିକ ନାମକ ୩ ଜଣ ଚୋରା ଗଞ୍ଜେଇ ବେପାରି ଓଡି-୦୨ବିବି-୦୮୪୫ ନମ୍ବର ବିଶିଷ୍ଟ ଏକ ଧଳା ସୁଇଫ୍ଟ କାରରେ ଗଞ୍ଜେଇ ଆଣି ଜଗତସିଂହପୁର ଆସୁଥିବା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଏହାକୁ ଆଧାର କରି ବିରିଡି ଥାନା ଆଇଆଇସି ସୁଜାତା ବେହେରାଙ୍କ ତତ୍ତ୍ୱାବଧନାରେ ଏସ୍‌ଆଇ ଆର୍‌କେ ସାହାଣୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତ ୧୫ ତାରିଖରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ କାର୍‌ଟିକୁ ରହିବା ପାଇଁ ସିଗନାଲ୍ ଦେଇଥିଲେ। କିନ୍ତୁ କାରଟି ଅଟକିବା ପରିବର୍ତ୍ତେ ଜଗତସିଂହପୁର ଆଡ଼କୁ ପଳାଇ ଯାଇଥିଲା। ପୁଲିସ ଟିମ୍ ତାକୁ ପିଛା କରି ବସନ୍ତପୁର ନିକଟରେ ଅଟକାଇଥିଲା। କାର୍ ଭିତରେ ଖାନତଲାସୀ ବେଳେ ଏକ ଅଖା ମଧ୍ୟରେ ଗଞ୍ଜେଇ ରହିଥିବା ଦେଖାଯାଇଥିଲା। ପରେ ଉକ୍ତ ୩ ଗଞ୍ଜେଇ ବେପାରୀଙ୍କୁ ପୁଲିସ ନିଜ ହେପାଜତକୁ ନେବା ସହିତ ଅଖାରେ ଥିବା ୨୮ କେଜି ୪୮୦ ଗ୍ରାମ୍ ଗଞ୍ଜେଇ, ୪ଟି ମୋବାଇଲ ଫୋନ ଏବଂ ସୁଇଫ୍ଟ କାରକୁ ଜବତ କରିଥିଲା। ଏମାନେ ନିୟମିତ ଭାବେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଏବଂ ଜଗତସିଂହପୁର ସମେତ ଅନ୍ୟ ଜିଲ୍ଲାରେ ବିକ୍ରି କରୁଥିବା ପୁଲିସ ଅନୁସନ୍ଧାନରୁ ଜଣାପଡିଛି। ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସଡିପିଓ ଶ୍ରୀ ମାନେ ସୂଚନା ଦେଇଛନ୍ତି।

## ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଜେନାଙ୍କ ପରଲୋକ

ନାଉଗାଁ,୧୬।୧୨(ସମିସ): ତିରୁଣା ପଞ୍ଚାୟତର ଦହୀପାଳ ଗ୍ରାମର ବର୍ଷିୟାନ ରାଜନେତା ତଥା ପ୍ରତିଷ୍ଠିତ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଜେନାଙ୍କ ପରଲୋକ ହୋଇଯାଇଛି। ଶ୍ରୀ ଜେନା ତିରୁଣା ଗ୍ରାମପଞ୍ଚାୟତର ଏକାଧିକ ଥର ସରପଞ୍ଚ ଏବଂ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ନନ୍ଦୀକିଶୋର ଉଚ୍ଚ ବିଦ୍ୟାଳୟ ଦହୀପାଳକୁ ପ୍ରତିଷ୍ଠା କରିଥିଲେ। ଲୋକସେବା ଓ ଶିକ୍ଷାକ୍ଷେତ୍ରରେ ସାରା ଜୀବନ ଧରି ସେ କାର୍ଯ୍ୟ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇବା ପରେ



ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପ୍ରଶାନ୍ତ ମୁଦୁଲି, ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାନସଭା ସଚିବ ଦଶରଥୀ ଶତପଥୀ, ବିଜୟବେହେରା, ବିଚିତ୍ରାନନ୍ଦ ଲେଙ୍କା, ଦୁଃଶାସନ ନାୟକ, ନିରଞ୍ଜନ ବେହୁରା, ସୁଜିତ ପୁହାଣ, ସୁନିଲ କୁମାର ମାଟିଆ, ବିନୋଦ ବେହୁରା, ସରୋଜ କୁମାର ଲେଙ୍କା, ତ୍ରିଲୋଚନ ପାଢ଼ୀ, ନିରଞ୍ଜନ ମହାନ୍ତି, ପଦ୍ମଚରଣ ସାସମଲ, ସାମ୍ବାଦିକ ମହାଦେବ ନାୟକ, ଦିଲ୍ଲୀପ କୁମାର ଜେନା, ଉମେଶ ସ୍ୱାଇଁ, ବୈରାଗୀ ଦାସ ପ୍ରମୁଖ ଶୋକବ୍ୟକ୍ତକରିଛନ୍ତି। ଶୋକସନ୍ତପ୍ତପରିବାରନିକଟରେପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଉପସ୍ଥିତ ହୋଇ ଗଭୀର ସମବେଦନା ଜଣାଯାଇଛି। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ନାଉଗାଁ ବ୍ଲକ ପରିକ୍ରମା କରି ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପର୍ଣ୍ଣ ହୋଇଥିଲା। ବଡ଼ପୁଅ ପ୍ରୀତିରଞ୍ଜନ ଜେନା ମୁଖାଗ୍ନି ଦେଇଥିଲେ।

## ନବପ୍ରଭାତ ଶିଶୁମନ୍ଦିର କ୍ରୀଡ଼ା ଉତ୍ସବ

ପାରାଦୀପ,୧୬।୧୨(ସମିସ): ପାରାଦୀପ ମଙ୍ଗଳା ପୀଠ ବୃନ୍ଦାବନ କଲୋନୀରେ ଥିବା ନବପ୍ରଭାତ ଶିଶୁ ବିଦ୍ୟାମନ୍ଦିରର ୨୨ତମ୍ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ତଥା ପାରାଦୀପ ପୌର ପରିଷଦ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ତତ୍ତ୍ୱାବଧାନରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାରିଷଦ ସୁବ୍ରତ ପ୍ରଧାନ, ପାରିଷଦ ଅଜିତି କୁମାର ତ୍ରିପାଠୀ, ପୂର୍ବତନ ପାରିଷଦ ଚପଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଗୁରୁଜୀ ଜିତେନ୍ଦ୍ର କୁମାର ବଳ ଖେଳ ପରିଚାଳନା କରିଥିଲାବେଳେ, ସୁଧାଂଶୁ କୁମାର ମହାରଣା ଉଦଯାପନୀ ସଭା କାର୍ଯ୍ୟ ରିଚାଳନା କରିଥିଲେ। ଏହି



ଉତ୍ସବରେ ନବପ୍ରଭାତ୍ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ମହେନ୍ଦ୍ର କୁମାର ନାୟକ ଓ ପ୍ରଧାନ ଗୁରୁମା ବବିତା ଜେନା ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ଦୁଇ ଦିନଧରି କ୍ରୀଡା ଉତ୍ସବ କରାଯାଇଥିଲା।

## ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ସଚେତନତା ଶିବିର

ପାରାଦୀପ,୧୬।୧୨(ସମିସ): ଓଡ଼ିଶାର ଗର୍ବ ଓ ପ୍ରକୃତିର ଅମୂଲ୍ୟ ସମ୍ପଦ ଓଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା ଶିବିର ଆଜି ପାରାଦୀପ ନେହୁର ବଙ୍ଗଳା ମାଛଧରା ବନ୍ଦର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ମତ୍ସ୍ୟଜୀବୀମାନଙ୍କୁ ଓଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ସମ୍ପର୍କିତ ସରକାରୀ ନିୟମାବଳୀ



ବିଷୟରେ ଅବଗତ କରାଇବା। ବିଶେଷଭାବେ ଉପକୂଳରୁ ୨୦ କିଲୋମିଟର ସୀମାଭିତରେ ମାଛଧରା ଉପରେ ଥିବା ପ୍ରତିବନ୍ଧ, ସୁରକ୍ଷିତ ମାଛଧରା ପ୍ରଥା ଓ ପରିବେଶ ସନ୍ତୁଳନ ରକ୍ଷା ସରକାରୀ ନିୟମ ପାଳନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ସଭାରେ ଏସିଏଫ୍ ମାନସ କୁମାର ଦାସ, ରେଞ୍ଜର ସଞ୍ଜୟ ପ୍ରଧାନ, ଓମ୍ପାର ସଭାପତି ଶ୍ରୀକାନ୍ତ ପରିଡା, ଏନ୍‌ସିସି ଆଲୁମିନି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, ଆହ୍ୱାନ ଫାଉଣ୍ଡେସନ ସମ୍ପାଦକ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ପାରାଦୀପ ମେରାଇନ କୋ-ଅପରେଟିଭ୍ ସୋସାଇଟି ସଭାପତି ପୁରନ୍ଦର ବିଶ୍ୱାଳ, ପରିବେଶବିତ୍ ବିଜୟ ମୋହନ କବି, ବିଶ୍ୱଜିତ ସାମଲ, ବନ୍ୟପ୍ରାଣୀ ବିଭାଗର କର୍ମଚାରୀ, ସାଗର ମିତ୍ର ସଦସ୍ୟ ଓ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। ଏନ୍‌ସିସି ଆଲୁମୁନି ସଂଗଠନ ଏହି ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଥିଲା। ଶିବିର ଶେଷରେ ସମସ୍ତେ 'ଅଲିଭ୍ ରିଡ୍‌ଲେ କଚ୍ଛପକୁ ବଞ୍ଚାନ୍ତୁ, ଆମ ସମୁଦ୍ରକୁ ବଞ୍ଚାନ୍ତୁ, ଆମ ଭବିଷ୍ୟତକୁ ବଞ୍ଚାନ୍ତୁ' ବୋଲି ଏକ ସଂକଳ୍ପ ନେଇଥିଲେ।

# ଇଫ୍‌କୋ ସହାୟତାରେ ରାଜସ୍ଥାନ ଗଲେ ଜୁଡ଼ୋ ଖେଳାଳି

ପାରାଦୀପ,୧୬।୧୨(ସମିସ):



ଓଡ଼ିଶା ବ୍ଲାଇଣ୍ଡ ଆଣ୍ଡ ପାରା ଜୁଡୋ ଆସୋସିଏସନର ନେତୃତ୍ୱରେ ଲୋପାମୁଦ୍ରା ପତିଙ୍କ ନେତୃତ୍ୱରେ ୧୪ତମ ପାରା ଜୁଡୋ ଚାମ୍ପିଅନସିପ୍ -୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୩୫ ଜଣ ଦୃଷ୍ଟିହୀନ ପିଲାଙ୍କ ଏକ ଦଳ ରାଜସ୍ଥାନକୁ ଯାଇଛନ୍ତି। ଗତକାଲି ଏହି ଅବସରରେ, ଇଫକୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର ଦଳକୁ ସମ୍ମାନିତ କରିଥିଲେ ଏବଂ ତାଙ୍କର ଶୁଭକାମନା ଜଣାଇଥିଲେ। ଦଳ ଆଜି ବସ୍ ଯୋଗେ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାତ୍ରା ଆରମ୍ଭ କରିଛି। ଆସନ୍ତାକାଲି ଟ୍ରେନ୍ ଯୋଗେ ରାଜସ୍ଥାନକୁ ଯାତ୍ରା କରିବ। ଏହି ଅବସରରେ ଇଫ୍‌କୋ ପାରାଦୀପ ୟୁନିଟର ୟୁନିଟ୍ ମୁଖ୍ୟ ପିକେ ମହାପାତ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା ଦଳକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେମାନଙ୍କୁ ଚାମ୍ପିଅନସିପରେ ସଫଳତା ଏବଂ ଆହୁରି ଅନେକ ପଦକ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ଡିଜିଏମ (ପିଆଣ୍ଡଏ) ପ୍ରସନ୍ନ କୁମାର ବେଉରା, ପିଆରଓ, ଏବଂ ଜୟନ୍ତ କୁମାର ଜେନା ସମର୍ଥନ କରିଥିଲେ। ଓଡ଼ିଶା ଦୃଷ୍ଟିହୀନ ଏବଂ ପାରା ଜୁଡୋ ଆସୋସିଏସନର ସମସ୍ତ ଅଂଶଗ୍ରହଣକାରୀ ଏବଂ ସହାୟକ କର୍ମଚାରୀଙ୍କୁ ଫଳ ପ୍ୟାକେଟ ବଣ୍ଟନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ପାରା ଜୁଡ଼ୋ ଚାମ୍ପିଅନସିପ୍‌ରେ ଭାଗନେବେ

# ହାତୀ ଆକ୍ରମଣରେ ଶିକ୍ଷକ ଗୁରୁତର

କଙ୍କଡ଼ାହାଡ଼,୧୬ ।୧୨(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ବିରିବୋଲେଇ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ସାହୁ(୬୫) ଗ୍ରାମ ନିକଟ ଜମିକୁ ଯାଉଥିବା ବେଳେ ବିରିବୋଲେଇ ଗ୍ରାମ ହାଟ ନିକଟରେ ଏକ ହାତୀ ସହିତ ମୁହାଁମୁହିଁ ହୋଇଥିଲେ । ହାତୀ ଆକ୍ରମଣରେ ଶ୍ରୀ ସାହୁଙ୍କ ଅଣ୍ଟା ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି । ମହାବିରୋଡ୍ ବନ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶ୍ରୀ ସାହୁଙ୍କୁ ତାଳଚେରସ୍ଥିତ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି । ଏ ସଂକ୍ରାନ୍ତରେ ମହାବିରୋଡ୍ ରେଞ୍ଜ ଦାୟିତ୍ୱରେ ଥିବା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସୁଶାନ୍ତ ପାତ୍ର କହିଛନ୍ତି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି । ତାଙ୍କୁ ସରକାରୀ ନିୟମ ମୁତାବକ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଛି । ଏହି ଅଞ୍ଚଳ ହାତୀ ଉପଦ୍ରବ ଅଞ୍ଚଳ ହୋଇଥିବାରୁ ଭୋର ସକାଳ ଓ ସନ୍ଧ୍ୟା ସମୟରେ ଜଙ୍ଗଲ ନିକଟବର୍ତ୍ତୀ ଜାଗାକୁ ନ ଯିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନ କରାଯାଇଛି ।



# ମହୁମାଛି ଆକ୍ରମଣରେ ୨ଗୁରୁତର

ପରଜଙ୍ଗ,୧୬ ।୧୨(ସମିସ): ପରଜଙ୍ଗ ବ୍ଲକ୍ ଡମୋଳ ଗ୍ରାମରେ ମହୁମାଛି ଆକ୍ରମଣରେ ମଙ୍ଗଳବାର ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଗ୍ରାମର ଗଙ୍ଗାଧର ନାୟକ(୬୮) ଓ ଲୋକନାଥ ପରିଡ଼ା (୬୫) ବାର୍ଦ୍ଧକ୍ୟ ଭତ୍ତା ଆଣି ପଞ୍ଚାୟତ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଗ୍ରାମ ଖେଳ ପଡ଼ିଆ ନିକଟ ପାଣି ଟାଙ୍କିରେ ଥିବା ମହୁଫେଣାରୁ ମହୁମାଛି ଆସି ଆକ୍ରମଣ କରିଥିଲେ । ଉଭୟ ପାଟି କରିବାରୁ ପାଖରେ ଥିବା ଲୋକମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ । ସ୍ଥାନୀୟ ସରପଞ୍ଚ ମହୁମାଛି ଆକ୍ରମଣରେ ଲୁହଲୁହାଣ ହୋଇଥିବା ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।



# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଥାନା ଟୋଲରପଶି ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ୨୦୨୧ ମସିହା ଅଗଷ୍ଟ ୨୭ ତାରିଖରେ ଶାନ୍ତି ମଲିକଙ୍କ ପୁଅ କାହ୍ନା ମଲିକ ସନ୍ଧ୍ୟା ୫ଟା ସମୟରେ ଘରେ ଖାଇସାରିବା ପରେ ବାହାରକୁ ବୁଲିବା ପାଇଁ ଯାଇ ଘରକୁ ଫେରି ନଥିଲା । ଏ ନେଇ ନିହଳପ୍ରସାଦ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୭୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା । ପୁଲିସ ଅଭିଯୁକ୍ତ ଗିରିଧାରୀ ମଲିକଙ୍କୁ ଗିରଫ କରିଥିଲା । ଏହି ମାମଲାକୁ ନେଇ ସିଟି ସେସନସ୍ କେସ ନଂ ୮୬/୨୦୨୨ ଏବଂ ଜିଆର୍ କେସ ନଂ ୩୯୭/୨୦୨୧ରେ ବିଚାର ଚାଲିଥିଲା । ଆଜି ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ସ୍ପେସାଲ ଭିଜିଲାନ୍ସ ଜଜ ପ୍ରଣତି ସାହା ସରକାରଙ୍କ ତରଫରୁ ଦାଖଲ ହୋଇଥିବା ସାକ୍ଷ୍ୟପ୍ରମାଣକୁ ଆଧାରକରି ଗିରିଧାରୀକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବାର ଜଣାପଡ଼ିଛି । ଏହା ସହିତ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ଏହି ମାମଲାଟି ସରକାରଙ୍କ ତରଫରୁ ଅତିରିକ୍ତ ପିପି ଅକ୍ଷୟ କମାର ଭୋଇ ଏବଂ ଗଣେଶ୍ୱର ବେହେରା ପରିଚାଳନା କରୁଥିଲେ ।

# ଡ୍ରେନ୍ ମଝିରେ ବିଦ୍ୟୁତ୍ ଖୁଣ୍ଟ
# ବିଳମ୍ବିତ ହେଉଛି ନିର୍ମାଣ କାର୍ଯ୍ୟ, ବଢୁଛି ଅସନ୍ତୋଷ

ଭୁବନ,୧୬ ।୧୨(ସମିସ)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଦେଇ ଯାଇଥିବା ୫୩ ନମ୍ବର ରାଜପଥ ନିର୍ମାଣ ପରେ ଭୁବନ, କାମାକ୍ଷା ପରଜଙ୍ଗ ସହର ମଧ୍ୟ ରାସ୍ତାକୁ ପୂର୍ତ୍ତ ବିଭାଗକୁ ସ୍ଥାନାନ୍ତର କରାଯାଇଛି । ରାସ୍ତାକୁ ସଜାଡିବା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଗଲା । କାମାକ୍ଷାନଗର ଓ ପରଜଙ୍ଗରେ ୨ ବର୍ଷ ପୂର୍ବରୁ ଶେଷ ହୋଇ ହୋଇଥିବା ବେଳେ ଭୁବନ ସହର ମଧ୍ୟ ର ରାସ୍ତା ୩ ବର୍ଷ ହେଲା ନିର୍ମାଣ ଚାଲୁରହିଛି । ଯେଉଁ କାର୍ଯ୍ୟ ହେଉଛି ତାହା ମନମାନୀରେ ଚାଲିଛି । ରାସ୍ତାର ଓସାର ସବୁଠାରେ ଫରକ ରହିଛି । ମଝି ବେଣାଗାଡ଼ିଆ ଠାରୁ କୋର୍ଟ ଛକ ଯାଏଁ ନିର୍ମାଣ ହେଉଥିବା ରାସ୍ତା ଓ ଡ୍ରେନ ନିମ୍ନମାନର ହେଉଥିବାର ଅଭିଯୋଗ ହୋଇଛି । ଡ୍ରେନ ମଝି ରେ ଲୁହାର ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ମାତ୍ର ୨.୮ କିମି ରାସ୍ତା ଓ ଡ୍ରେନ ପାଇଁ ୯ କୋଟି ଟଙ୍କା ବ୍ୟୟଅଟକଳ କରାଯାଇଛି । ରାସ୍ତା ପାଶ୍ୱର୍ରୁ ବିଦ୍ୟୁତ ଓ ଟେଲିଫୋନ ପୋଲ ହଟାଇବା ପାଇଁ ବିଭାଗୀୟ ଟେଣ୍ଡର ହୋଇଛି । ୩ ବର୍ଷ ହେଲା ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହୁନଥିବାର ଜଣାପଡିଛି । ଯାହା ଫଳରେ ରାସ୍ତା କାର୍ଯ୍ୟ ଆଗେଇ ପାରୁନି । ପୂର୍ତ୍ତ ବିଭାଗ ରାସ୍ତା କରିବା ବେଳେ ଜନ ସ୍ୱାସ୍ଥ୍ୟ ବିଭାଗର ପାଇପ ପ୍ରତି ଧ୍ୟାନ ନଦେବାରୁ ବାରମ୍ବାର ପାଇପ ଫାଟୁଛି । ଫଳରେ ରାସ୍ତା ପାଣିରେ ଭାସୁଛି । ଆବଶ୍ୟକ ନଥାଇ ବି ଶହେ ବର୍ଷର ବର ଗଛକୁ କାଟି ଦିଆଯାଇଛି । ଏହାକୁ ନେଇ ଅସନ୍ତୋଷ ଦେଖାଦେଉଛି ।





# ସିଦ୍ଧ ବଳରାମ ମନ୍ଦିରରେ ପହିଲି ଭୋଗ ଆରମ୍ଭ



ଢେଙ୍କାନାଳ,୧୬ ।୧୨(ସମିସ): ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମଜିଉଙ୍କ ମନ୍ଦିରରେ ଆଜିଠାରୁ ପହିଲି ଭୋଗ ଆରମ୍ଭ ହୋଇଛି । ଏକ ମାସ ଧରି ଏହି ଭୋଗ ଚାଲିବ । ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର ଲାଗି, ଭୋର ପାଞ୍ଚଟା ସମୟରେ ପହିଲି ଭୋଗ ଲାଗି ହୋଇଥିଲା । ଧନୁମୁଆଁ ସହ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ପୂଜକ ମନସୁମନ ମିଶ୍ର, ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜ ମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ପୌଷ ମାସର ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ନୀତି ପାଳିତ ହୋଇଥଲା । ସେହିପରି ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ଼ସ୍ଥିତ ମା' ତାରିଣୀଙ୍କ ପୀଠରେ ପୌଷ ମାସର ଧନୁ ସଂକ୍ରାନ୍ତି ଥିବାରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ସ୍ଥାନୀୟ ବାଜିଚୌକସ୍ଥିତ ମା' ବ୍ରାହ୍ମଣୀ ଦେଈ ପୀଠ, ମହାବୀର ବଜାରସ୍ଥିତ ହନୁମାନ ମନ୍ଦିରରେ ଧନୁ ସଂକ୍ରାନ୍ତି ନୀତି ପାଳନ କରାଯାଇଛି ।

# ବ୍ୟକ୍ତିଗତ ଜମିରେ ବାଲି, ପଥର ରଖିବା ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ



ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ସଦରଥାନା ଗୋବିନ୍ଦପୁର ଗ୍ରାମର ଜଣେ ମହିଳାଙ୍କ ବ୍ୟକ୍ତିଗତ ଜମିରେ ଅନ୍ୟ ଜଣେ ବ୍ୟକ୍ତି ବାଲି, ପଥର ଆଦି ଜମା କରିଛନ୍ତି । ଏ ନେଇ ମହିଳା ଜଣଙ୍କ ବିରୋଧ କରିବା ସହ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି । ସ୍ଥାନୀୟ ମୀନାବଜାର ଅଞ୍ଚଳର ଶ୍ୟାମ ରଣାଙ୍କ ପତ୍ନୀ ବାସନ୍ତୀ ରଣାଙ୍କ ନାମରେ ଗୋବିନ୍ଦପୁର ମୌଜାରେ ଥିବା ଖାତା ନଂ- ୯୮୭/୨୪୮୭, ପ୍ଲଟ୍ ନଂ-୬୨୭ ଉପରେ ନିହଳପ୍ରସାଦ ଥାନା ଦିଗାମ୍ବରପୁର ଗ୍ରାମର ମହେଶ୍ୱର ବାରିକ ଜୋରଜବରଦସ୍ତ ମାଙ୍କଡ଼ା ପଥର ଓ ବାଲି ପକାଇ ରଖିଛନ୍ତି । ବହୁବାର ବାରଣ ସତ୍ତ୍ୱେ ମାନୁ ନଥିବା ବେଳେ ଓଲଟା ବାସନ୍ତୀ ରଣାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଇ ମାଡ଼ଧର କରିବା ପାଇଁ ଚେତାବନୀ ଦେଉଛନ୍ତି । ସେହି ଜାଗାରେ ଶ୍ରୀମତୀ ରଣା ଘର କରି ରହିବା ପାଇଁ ସ୍ଥିର କରିଥିବାବେଳେ ଏ ସବୁ ଅସୁବିଧା ଯୋଗୁଁ ସେ ଘର କରିପାରୁ ନାହାନ୍ତି ବୋଲି ଦର୍ଶାଇଛନ୍ତି । ଏହାର ସମାଧାନ ନିମନ୍ତେ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦାଖଲ କରିବା ସହିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗୋବିନ୍ଦପୁର ଫାଣ୍ଡି ଓ ତହସିଲ ଅଫିସ୍‌ରେ ମଧ୍ୟ ଅଭିଯୋଗ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିକ୍ଷା ଓ ତାଲିମ ଶିବିର



ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ସହର ସୁନ୍ଦରୀଖାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୭ ତମ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ୍‌କ୍ରସ୍‌ର ସଭାପତି ପରେଶ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମସ୍ତ ବର୍ଗର ନାଗରିକମାନଙ୍କ ଜୀବନ ରକ୍ଷାରେ ରେଡ଼କ୍ରସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ବୋଲି ସେ ପ୍ରକାଶ କରିଥିଲେ । ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଶୃଙ୍ଖଳା ବିନା କୌଣସି ମହତ କାର୍ଯ୍ୟ ସଫଳ ହୋଇପାରିବ ନାହିଁ, ତେଣୁ ପିଲାମାନେ ସର୍ବଦା ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବ୍ରହ୍ମମୋତ୍ରୀ ବିଶ୍ୱାଳ ଉତ୍ସବରେ ସଭାପତିତ୍ୱ କରିଥିଲେ । ସେ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଗୁଣଗାନ କରିଥିଲେ । ଏହି ଅବସରରେ ସମସ୍ତେ ମାନବ ସେବା ପରମ ସେବା ସମ୍ପର୍କିତ ଶପଥ ପାଠ କରିଥିଲେ ଓ ପୁସ୍ତିକା ସଞ୍ଜିବନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ୩୪୩ ଜଣେ ଛାତ୍ରଛାତ୍ରୀଙ୍କ ସହ ଜୁନିୟର ରେଡକ୍ରସ ଅଫିସର ସୁବ୍ରତ କୁମାର ମିଶ୍ର, ବିଦ୍ୟାଳୟର ସଭାପତି ବାବୁ ଚାନ୍ଦ ମହାଲିକ, ଜିଲ୍ଲା ଶାରିରୀକ ଶିକ୍ଷା ପ୍ରଶିକ୍ଷକ ଉମେଶ ଚନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ବିପିନ ବିହାରୀ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ତ୍ରୀଙ୍କ ଦ୍ୱାରା ୨ ପ୍ରକଳ୍ପ ଉଦ୍‌ଘାଟିତ



ଗଁଦିଆ,୧୬ ।୧୨(ସମିସ): ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ଗଁଦିଆ ବ୍ଲକ୍ କାବେରା ଗ୍ରାମପଞ୍ଚାୟତ ଚିରୁଳେଇ ଗ୍ରାମରେ ନବନିର୍ମିତ ଦୁଇଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ଏଥିସହିତ ସ୍ଥାନୀୟ ସମିତି ସଭ୍ୟ ଶତ୍ରୁଘନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଜନଶୁଣାଣି ଶିବିରରେ ମନ୍ତ୍ରୀ ଯୋଗଦାନ କରି ଉପସ୍ଥିତ ଜନସାଧାରଣଙ୍କ ସହିତ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀ ପ୍ରଥମେ ନୂତନ ପାଲା ମଣ୍ଡପ ଏବଂ ସୁଦର୍ଶନ ସରକାରୀ ବିଦ୍ୟାଭବନ, ଚିରୁଳେଇର ନୂତନ ଗୃହ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଭ୍ୟ ଶତ୍ରୁଘନ ରାଉତ, ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ରତିକାନ୍ତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର ବେହେରା, ଯୋରନ୍ଦା ଗ୍ରାମପଞ୍ଚାୟତର ସମିତି ସଭ୍ୟ ପ୍ରତ୍ୟୁଷ ହରି ପ୍ରଧାନ, ମହିମା ମଣ୍ଡଳ ସଭାପତି ପ୍ରତାପ ନାଥଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

# ଜାନୁଆରୀ ୯ରେ ମେଗା ନିଯୁକ୍ତି ମେଳା

ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଜାନୁଆରୀ ୯ ତାରିଖରେ ଏକ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ମେଳା ଆୟୋଜନ ନିମନ୍ତେ ଆଜି ଅପରାହ୍ଣରେ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ନିଯୁକ୍ତି ମେଳା ମାଧ୍ୟମରେ ସ୍ଥାନୀୟ ଯୁବକ ଯୁବତୀମାନେ ଯେପରି ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇପାରିବେ ସେଥିପ୍ରତି ସମସ୍ତ ଶିଳ୍ପାନୁଷ୍ଠାନ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଥିଲେ । ସମସ୍ତ ପ୍ରମୁଖ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ବିଭିନ୍ନ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ପାଇଁ ସମୁଦାୟ ୧୨୮ ୯ଟି ପଦବୀ ପୂରଣ ପାଇଁ ଏହି ମେଳା ଆୟୋଜିତ ହେବ ବୋଲି ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ତମସୀ ମହାପାତ୍ର ପ୍ରକାଶ କରିଛନ୍ତି । ବୈଠକରେ ସମସ୍ତ ପ୍ରମୁଖ ଶିଳ୍ପାନୁଷାନର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ପରଜଙ୍ଗରେ ଶାନ୍ତି ମହାଯଜ୍ଞ

ପରଜଙ୍ଗ,୧୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଗଡ଼ ପରଜଙ୍ଗ ଗ୍ରାମରେ ସର୍ବମଙ୍ଗଳ ନିମନ୍ତେ ମଙ୍ଗଳବାର ଧନୁ ସଂକ୍ରାନ୍ତିରେ ଛତିଶା ନିଯୋଗ, ପଣ୍ଡିତ, ମଠ ମହନ୍ତ, ବାବା ଓ ବ୍ରାହ୍ମଣଙ୍କ ଦ୍ୱାରା ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ କଳସ ଯାତ୍ରା ହୋଇ ପତିତପାବନ ମନ୍ଦିର ପ୍ରାଙ୍ଗଣ ଯଜ୍ଞ ସ୍ଥଳରେ ସ୍ଥାପନ କରାଯାଇ ବିଧି ପୂର୍ବକ ସୂର୍ଯ୍ୟ ପୂଜା ସମ୍ପନ୍ନ ପରେ ଯଜ୍ଞ କୁଣ୍ଡ ପୂଜା ହୋଇ ବ୍ରାହ୍ମଣ ଦେବତାଙ୍କ ଶ୍ଳୋକ ସହ ଯଜ୍ଞ ଆରମ୍ଭ ହୋଇଥିଲା । ଯଜ୍ଞସ୍ଥଳରେ ଗ୍ରାମର ଚାରି ଦଳ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ । ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପରେ ପ୍ରସାଦ ସେବନ କରାଯାଇଥିଲା । କର୍ତ୍ତା ଭାବେ ପରଜଙ୍ଗ ଓକିଲ ସଂଘ ସଭାପତି ଅଶୋକ କୁମାର ଦଳବେହେରା ସପତ୍ନୀକ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମ ସଭାପତି ଶାନ୍ତନୁ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ବିନୟ ଦଳବେହେରା, ସୁବ୍ରତ କୁମାର ପରିଡ଼ା, ରଞ୍ଜନ କୁମାର ଦଳବେହେରା, ମହେଶ୍ୱର ପରିଡ଼ା, ଦୁଷ୍ମନ୍ତ ସାମଲ, ଫିରୋଜ ଦଳବେହେରା ତଥା ପରଜଙ୍ଗ ଗ୍ରାମବାସୀ ସହଯୋଗ କରିଥିଲେ ।

# ସ୍ମାର୍ଟ ମିଟର ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ୧୮ରେ

ଢେଙ୍କାନାଳ ୧୬ ।୧୨(ସମିସ) : ଢେଙ୍କାନା ଜିଲ୍ଲା ବିଦ୍ୟୁତ ଉପଭୋକ୍ତା କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଆଜି ବାର୍ ଆସୋସିଏସନ ସଭା ଗୃହରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୮ ତାରିଖ ଦିନ ୧୨ଟାରେ ସ୍ମାର୍ଟ ମିଟର ବିରୋଧରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପ୍ରତିବାଦ ସଭା ସହ ଧାରଣା ଦିଆଯିବ । ଏଥିରେ ଜିଲ୍ଲାର ୮ଟି ବ୍ଲକ୍‌ର ଉପଭୋକ୍ତାଙ୍କୁ ସାମିଲ ହେବାକୁ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ ଦେଇଛି । ଆନ୍ଦୋଳନକୁ ଜିଲ୍ଲା ଓକିଲ ସଂଘ, ଜିଲ୍ଲା ସାମ୍ବାଦିକ ସଂଘ, ବିଭନ୍ନ ରାଜନୈତିକ କର୍ମୀ, ସାଧାରଣ ବିଦ୍ୟୁତ ଉପଭୋକ୍ତା ସମର୍ଥନ କରିଥିବା ବିଦ୍ୟୁତ୍ ଉପଭୋକ୍ତା କମଟିର ଆବାହକ ଗାପାଳ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି ।

# ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲା ପରିଷଦ ସଭ୍ୟ

କଙ୍କଡ଼ାହାଡ଼,୧୬ ।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ୍ ଘାଗରାମୁଣ୍ଡା ପଞ୍ଚାୟତ ଭେଜିଆ ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ ପରିଦର୍ଶନ କରିଛନ୍ତି । ଅପରାହ୍ଣରେ ପରିଦର୍ଶନବେଳେ ବିଦ୍ୟାଳୟ ଗେଟ୍ ବନ୍ଦ ଥିବାର ଜଣାପଡ଼ିଥିଲା । ବିଦ୍ୟାଳୟ ଭିତରେ କୌଣସି ଶିକ୍ଷକ ଓ ଛାତ୍ରଛାତ୍ରୀ ନଥିବା ଦେଖିବାକୁ ପାଇଥିଲେ । ବିଦ୍ୟାଳୟର କାର୍ଯ୍ୟରତ ଥିବା ଦୁଇ ଜଣ ଶିକ୍ଷକ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ପାଠ ପଢ଼ା ଛାଡ଼ି ଘରକୁ ପଳାଉଥିବା ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ରାସ୍ତାରେ ଯାଉଥିବା ଛାତ୍ରଛାତ୍ରୀଙ୍କୁ ପଚାରିବାରୁ ସେମାନେ କହିଛନ୍ତି ସ୍କୁଲରେ ସାର୍‌ମାନେ ରହୁ ନଥିବାରୁ ଆମେ ଘରକୁ ଯାଉଛୁ । ବିଦ୍ୟାଳୟର ପ୍ରତିଦିନ ପୂର୍ବାହ୍ନ ୧୦ଟା ସମୟରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ ହୋଇଥିଲା ଏହା ଏଠାରେ ପାଳନ ହେଉନଥିବା ଜଣାପଡ଼ିଛି । ଶ୍ରୀ ସାହୁ ଏ ବିଷୟରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି । ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କୁ ଜଣାଇବାରୁ ସେ କହିଛନ୍ତି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ କେଉଁ କାରଣରୁ ବିଦ୍ୟାଳୟରେ ଶିକ୍ଷକ ମାନେ ରହୁନାହାଁନ୍ତି । ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ନିମନ୍ତେ ଶ୍ରୀ ପାତ୍ର କହିଛନ୍ତି ।

# ଧୋବଳିପଥର ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ

ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ୍ ମହାବିରୋଡ଼ ପଞ୍ଚାୟତ ଧୋବଳିପଥର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଠାରେ ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମିଲି ସିଂହଙ୍କ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟ ପରିଚାଳନା କମିଟି ସ୍ଥାୟୀ ସଭାପତି ସରୋଜ କୁମାର ହାତୀଙ୍କ ସଭାପତିତ୍ୱରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ଦୁଇ ଦିନ ଧରି କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣ୍ଡିଚା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଈଶ୍ୱର ଚନ୍ଦ୍ର ସାହୁ, ସରୋଜ କୁମାର ହାତୀ, ପଙ୍କଜିନୀ ସାହୁ, ଧ୍ରୁବ ଚରଣ ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶରତ ଚନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ସାହୁ, ମହାବିରୋଡ୍ କ୍ଲଷ୍ଟର୍ ସିଆରସିସି ପଦ୍ମଲକ୍ଷଭ ସାହୁଙ୍କ ସହିତ ବହୁ ଅଭିଭାବକ ଯୋଗଦାନ କରି କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ରାଉଳ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ସହକାରୀ ଶିକ୍ଷକ କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ପାଇଁ ଅର୍ଥାଭାବ!

ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷାପାଇଁ ଅର୍ଥର ଅଭାବ ରହିଛି ବୋଲି ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ପ୍ରକାଶ କରିଛନ୍ତି । ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଲା ଓଡ଼ିଶା, ଯାହା ଆସନ୍ତା ୧୦ବର୍ଷରେ ତାହାର ଶତବାର୍ଷିକୀ ପାଳନ କରିବ । ଏହି ଉତ୍କଳ ବା ଓଡ଼ିଶା ରାଜ୍ୟ ସୃଷ୍ଟିର ସ୍ରଷ୍ଟା ଓ ମୁଖ୍ୟ ପୁରୋଧା ହେଲେ ଉତ୍କଳ ଗୌରବ ବାରିଷ୍ଟର ମଧୁସୂଦନ ଦାସ । ଏହି ବରେଣ୍ୟ ଜନନେତା ବିହାର ଓଡ଼ିଶା ଲାଟସଭାର ସଭ୍ୟ ଥିବାବେଳେ ତତ୍କାଳୀନ ଇଂରେଜ ସରକାରଙ୍କ ପ୍ରଦତ୍ତ ଭତ୍ତା ଗ୍ରହଣ କରିବାକୁ ପ୍ରତ୍ୟାଖାନ କରି କହିଥିଲେ ଯେ ଦେଶ ସେବା କରିବା ପାଇଁ ତାଙ୍କୁ କେହି ଋଣ ପକାଇ ନାହିଁ । ସେ ସ୍ୱତଃପ୍ରବୃତ ଭାବେ ଜନସେବାକୁ ଗ୍ରହଣ କରିଛନ୍ତି । ଏଥିପାଇଁ ଚାକିରିଆ ଭତ୍ତା ତାଙ୍କ ପାଇଁ ଗ୍ରହଣଯୋଗ୍ୟ ନୁହେଁ କହି ଏହାକୁ ପ୍ରତ୍ୟାଖାନ କରିଥିଲେ । ସଂଯୋଗକୁ କିନ୍ତୁ ଆଜି ତାଙ୍କ ହାତଗଢ଼ା ଓଡ଼ିଶା ରାଜ୍ୟର ତଥାକଥିତ ଜନସେବୀ ବିଧାୟକଙ୍କ ଦରମା ଓ ଭତ୍ତା ସାରା ଭାରତରେ ପ୍ରଥମ ସ୍ଥାନ ଲାଭ କରିଛି । ଏହାଦ୍ୱାରା ରାଜ୍ୟର ବିକାଶ କୁଆଡେ ତ୍ୱରାନ୍ୱିତ ଏବଂ ଦ୍ରୁତତର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତପୋଷଣ କରନ୍ତି । ଏଥିପାଇଁ ସେ ବିଧାୟକଙ୍କ ଲାଗି ରାଜକୋଷର ଅମାର ଖୋଲି ଦେଇଛନ୍ତି । କିନ୍ତୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଏବଂ ଜନତାଙ୍କ ମୁଖପାତ୍ର ବୋଲାଉଥିବା ବରିଷ୍ଠ ସାମ୍ବାଦିକଙ୍କ ପାଇଁ ସାମାଜିକ ସୁରକ୍ଷା ସ୍ୱରୂପ ମାସିକ ୧୦ ହଜାର ଟଙ୍କା ପେନସନ ଦେବା ଲାଗି ରାଜ୍ୟ ରାଜକୋଷରେ ଅର୍ଥାଭାବ ବୋଲି କୁହାଯାଉଛି । ଭାରତବର୍ଷର ସଂଖ୍ୟାଧିକ ରାଜ୍ୟରେ ବରିଷ୍ଠ ସାମ୍ବାଦିକଙ୍କ ପାଇଁ ଅବସରକାଳୀନ ଭତା ବା ପେନସନର ବ୍ୟବସ୍ଥା କରାଯାଇଥିବାବେଳେ ଓଡ଼ିଶାରେ ଏହା ଏ ଯାବତ କାର୍ଯ୍ୟକାରୀ ହୋଇପାରି ନାହିଁ । ନିଜ ପାଇଁ ନିଜେ ଆଇନଗତ ବ୍ୟବସ୍ଥା କରିବାର ଯେଉଁ ସୁବିଧା ରହିଛି, ତାହା କେଉଁ ପ୍ରକାରର ନ୍ୟାୟ ଓ କେତେଦୂର ଆଇନଗତ ଏବଂ ସାମ୍ବିଧାନିକ ଭାବେ ବୈଧ ତାହା କେବଳ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ତର୍ଜମା କରି କହିପାରନ୍ତେ । ତେବେ ଏଥିପାଇଁ କେହି ବରିଷ୍ଠ ଆଇନଜୀବୀ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ମାଧ୍ୟମରେ ମାନ୍ୟବର ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକମାନେ ନିଜ ପାଇଁ ନିଜେ ଆଇନ ପ୍ରଣୟନ

# ଆଭାଷୀରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଲେ ଯୋଗାଣ ମନ୍ତ୍ରୀ ଓ ବିଧାୟକ



ଢେଙ୍କାନାଳ,୧୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଗତ ୧୨ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସଂସଦରେ ନିର୍ବାଚନ ସଂସ୍କାର ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଏସ୍‌ଆଇଆର ପ୍ରକ୍ରିୟା ଉପରେ ଦେଇଥିବା ତଥ୍ୟ ଭିତ୍ତିକ ଐତିହାସିକ ଅଭିଭାଷଣ ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଭାଷୀ ମାଧ୍ୟମରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ନଗରପାଳିକା ଜୟନ୍ତୀ ପାତ୍ର, ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଶୁଣିଥିଲେ । ଉପରୋକ୍ତ ବିଷୟରେ ବିରୋଧି ଦଳର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ସଠିକ୍ ଭାବେ ଅଭିଭାଷଣରେ ପ୍ରତିପାଦନ କରି କଡା ଜବାବ ଦେଇଥିଲେ । ଏକକାଳୀନ ନିର୍ବାଚନ କିପରି ଦେଶକୁ ଗତିଶୀଳ କରିବ, ସରକାରୀ ବ୍ୟୟ ହ୍ରାସ କରିବ ଏବଂ ଶାସନ ବ୍ୟବସ୍ଥାର ସ୍ଥିରତା ଆଣିବ । ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଏକ ମହତ୍ୱପୂର୍ଣ୍ଣ ନିର୍ବାଚନ ସଂସ୍କାର ଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ସଙ୍କଳ୍ପବଦ୍ଧ ବୋଲି କହିଥିଲେ । ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ସମରେନ୍ଦ୍ର ଶତପଥୀ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୀବ ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ନଗରମଣ୍ଡଳ ସଭାପତି ବିକାଶ କୁମାର ସାହୁ, ଭାପୁର ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ଶଙ୍କରପୁର ମଣ୍ଡଳ ସଭାପତି ସୁଶିଲ ରାଉତ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ୍ ବିଶାଲ, ବାରୁଆଁ କ ମଣ୍ଡଳ ସଭାପତି ରଶ୍ମିରଞ୍ଜନ ଦାସ, କାମାକ୍ଷାନଗର ମଣ୍ଡଳ ସଭାପତି ବ୍ରଜେଶ୍ୱରୀ ଦାସ, ବିରାଶାଳ ମଣ୍ଡଳ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ଜିରାଳ ମଣ୍ଡଳ ସଭାପତି ଅଭୟ ନାୟକ, ସତ୍ୟାନନ୍ଦ ପାତ୍ର, ବିଭୁତି ଷଣ୍ଢ, ଧ୍ରୁବ ଚରଣ ସ୍ୱାଇଁ, ସନାତନ ବେହେରା, ପ୍ରଦୀପ ମଲ୍ଲିକ, ଆରତ ବେହେରା, ଲକ୍ଷ୍ମୀଧର ଦଳେଇ, ପ୍ରଣତି ସାହୁ, ରବିନାରାୟଣ ମିଶ୍ର, ଧ୍ରୁବଚରଣ ସ୍ୱାଇଁ, ଦୁଷ୍ମନ୍ତ ବେହେରା, ଅଭୟ ଲେଙ୍କା, କାଉନସିଲର ସୂର୍ଯ୍ୟପ୍ରତାପ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ ।

● ମରିଗଲା ମାନବିକତା;ଜଡ଼ ପାଲଟିଲା ବ୍ୟବସ୍ଥା

## ହୃଦ୍‌ଘାତ ପରେ ଦୁର୍ଘଟଣା; ରାସ୍ତାରେ ପଡ଼ି ଗଲା ଜୀବନ

ବେଙ୍ଗାଲୁରୁ, ୧୬।୧୨ (ଏଜେନ୍ସି): ଟେକ୍ ହବ୍ ବେଙ୍ଗାଲୁରୁରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏହା ଜନମଙ୍ଗଳ ରାଷ୍ଟ୍ରର ସଂଜ୍ଞା ଏବଂ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଙ୍ଗଳବାର ବଡ଼ି ଭୋର ୩ଟା୩୦ରେ ଦକ୍ଷିଣ ବେଙ୍ଗାଲୁରୁ ବାଲାଜୀ ନଗରର ବାସିନ୍ଦା ଭେଙ୍କଟରମଣ (୩୪)ଙ୍କ ଛାତି ଯନ୍ତ୍ରଣା ହୋଇଥିଲା। ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ବି ଆସି ନ ଥିଲେ। ଜୀବନ ବିପଦରେ ଥିବା ଦେଖି ସ୍ତ୍ରୀ ବାଇକ ଚଲାଇ ସ୍ୱାମୀଙ୍କୁ ମେଡିକାଲ ନେବାକୁ ବାହାରି ଥିଲେ। ମାତ୍ର ମେଡିକାଲ ବ୍ୟବସ୍ଥାଠାରୁ ମାନବିକତା ପର୍ଯ୍ୟନ୍ତ ସବୁ କିଛି ତାଙ୍କ ପାଇଁ ମରି ଯାଇଥିଲା। ନିକଟସ୍ଥ ଘରୋଇ ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ନ ଥିବା କହି ତାଙ୍କୁ ଫେରାଇ ଦିଆଯାଇଥିଲା। ସେଠାରୁ ସେ ସ୍ୱାମୀଙ୍କୁ ଆଉ ଏକ ଘରୋଇ ହସ୍ପିଟାଲକୁ ନେଇ ଯାଇଥିଲେ। ଇସିଜି କରିବା ପରେ ମିଲ୍ଡ ହାର୍ଟ ଆଟାକ ଆସିଥିବା ଜଣା ପଡ଼ିଥିଲା। କିନ୍ତୁ ଜରୁରୀ ଚିକିତ୍ସା ଦେବାକୁ ହସ୍ପିଟାଲ ମନା କରିଦେଇଥିଲା। ନେହୁରା ହୋଇଥିଲେ ବି ଆମ୍ବୁଲାନ୍ସ ଦେବାକୁ ମନା କରିଦିଆଯାଇଥିଲା ଏବଂ ଅନ୍ୟ ଡାକ୍ତରଖାନା ନେବାକୁ କହୁଯାଇଥିଲା। ସ୍ୱାମୀଙ୍କୁ ଧରି ଯାଉଥିବାବେଳେ ବାଟରେ ଦୁର୍ଘଟଣା ଘଟିଥିଲା। ସ୍ୱାମୀ ଗାଡ଼ିରୁ ଖସି ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଆଉ ସ୍ତ୍ରୀ ଗାଡ଼ି ରଖିବା ପାଇଁ ଯାଉଥିବା ବାହାନ ଗୁଡ଼ିକୁ ଅନୁରୋଧ କରିଥିଲେ। ମାତ୍ର କେହି ତାଙ୍କ ଆକୁଳ ନିବେଦନକୁ ଶୁଣି ନ ଥିଲେ। ଅନେକ ସମୟ ପରେ ଏକ କ୍ୟାବ ଡ୍ରାଇଭରଙ୍କ ସହୟତାରେ ସ୍ୱାମୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେତେବେଳକୁ ସବୁ ସରି ଯାଇଥିଲା। ଏହା ସତ୍ତ୍ୱେ ବି ଭେଙ୍କଟରମଣୀଙ୍କ ପରିବାର ସହୃଦୟତା ଦେଖାଇ ତାଙ୍କ ଆଖି ଦାନ କରିଦେଇଥିଲେ।ଏବେ ଭେଙ୍କଟରମଣୀଙ୍କ ମାଆ ଏକଟୁଆ ହୋଇଯାଇଛନ୍ତି। ମାନବିକତା ଆଗରେ ହାରିଯାଇ ସ୍ତ୍ରୀଙ୍କ ପାଖରେ ୫ ବର୍ଷର ପୁଅ ଏବଂ ଦେଢ଼ ବର୍ଷର ଶିଶୁକନ୍ୟାକୁ ଛାଡ଼ି ଚାଲି ଯାଇଛନ୍ତି।

**ବାଂଲାଦେଶ ନେତାଙ୍କ ଧମକ**

## ଭାରତକୁ ଭାଗ ଭାଗ କରିଦେବୁ

ଢାକା, ୧୬।୧୨ (ଏଜେନ୍ସି): ଭାରତ-ପାକିସ୍ତାନ ମଧ୍ୟରେ ୧୯୭୧ରେ ଯୁଦ୍ଧ ହୋଇଥିଲା। ଭାରତ ଏହି ଯୁଦ୍ଧରେ ବିଜୟୀ ହୋଇ ବାଂଲାଦେଶ ଗଠନ କରିଥିଲା। ଆଜି ସେହି ବାଂଲାଦେଶ ଭାରତକୁ ଧମକ ଦେଉଛି। ବାଂଲାଦେଶର ନ୍ୟାସନାଲ ସିଟିଜେନ ପାର୍ଟି (ଏନସିପି) ନେତା ହସନତ ଅବଦୁଲ୍ଲାହ ୭ ଭଉଣୀ ଭାବେ ପରିଚିତ ରାଜ୍ୟଗୁଡ଼ିକୁ ଭାରତଠାରୁ ଅଲଗା କରିଦେବେ ବୋଲି ଧମକ ଦେଇଛନ୍ତି। ଏହି ରାଜ୍ୟଗୁଡ଼ିକ ହେଲା ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ସାମିଲ ରହିଛି। ହସନତ ସୋମବାର ଏକ ରାଲିରେ ଭାରତ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ସେ କହିଥିଲେ ଯେ ବାଂଲାଦେଶରେ ଅରାଜକତା, ନିର୍ବାଚନ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ଏବଂ ଉସମାନ ହାଦି ଉପରେ ଆକ୍ରମଣ ପଛରେ ଭାରତର ଭୂମିକା ରହିଛି। ଯଦି ଭାରତ ଅଶାନ୍ତି ସୃଷ୍ଟି କରେ ତେବେ ଆମେ ଭାରତର ଶତ୍ରୁ ବିଚ୍ଛିନ୍ନତାବାଦୀ, ଭାରତ ବିରୋଧୀ ଶକ୍ତିକୁ ଶରଣ ଦେବୁ। ସେମାନେ ଉତ୍ତର-ପୂର୍ବ ୭ ରାଜ୍ୟକୁ ଭାରତରୁ ଅଲଗା କରିଦେବେ।

## ଭାଇ କହିବାରୁ ଚିକିତ୍ସା କଲେନି

ମିରଟ, ୧୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟର ପ୍ୟାରେଲାଲ ଶର୍ମା ଜିଲ୍ଲା ହସ୍ପିଟାଲରେ ଅଜବ ଘଟଣା ଘଟିଛି। ଜଣେ ରୋଗୀ ଭାଇ ବୋଲି ଡାକି ଦେବାରୁ ଡାକ୍ତର ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ଏହାକୁ ନେଇ ପ୍ରବଳ ହଙ୍ଗାମା ହୋଇଛି। ମେଡିକାଲ ଦାୟିତ୍ୱରେ ଥିବା ଅଧିକାରୀ ହାତ ଯୋଡ଼ି କ୍ଷମା ମାଗିବା ପରେ ମାମଲା ଶାନ୍ତ ହୋଇଛି। ଗତ ସୋମବାର ଏହି ଘଟଣା ଘଟିଥିଲା। ସୂଚନା ଅନୁଯାୟୀ, ଭାରତୀୟ କିଷାନ ୟୁନିଅନ (ବିକେୟୁ)ର ଜିଲ୍ଲା ସମ୍ପାଦକ ବିଟ୍ଟୁ ଜଙ୍ଗେଠି ନିଜ ୬ ବର୍ଷୀୟ ଝିଅ ଶିବାଂଶୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲେ। ମୁଣ୍ଡବିନ୍ଧୁ ଥିବାରୁ ଝିଅକୁ ଶିଶୁ ରୋଗ ବିଶେଷଜ୍ଞଙ୍କ ପାଖରେ ଦେଖାଇ ଥିଲେ। ମାତ୍ର ଏତିକି ବେଳେ ଝିଅ ତାଙ୍କୁ ଭାଇ ବୋଲି ଡାକି ଦେଇଥିଲେ। ଏହା ଶୁଣି ଡାକ୍ତର ରାଗିଯାଇ ବିଟ୍ଟୁଙ୍କୁ ଅପମାନିତ କରିଥିଲେ। ଅଶାଳୀନ ବ୍ୟବହାର କରି ଚିକିତ୍ସା କରିବାକୁ ମନା କରିଦେଇଥିଲେ। ପ୍ରେସ୍‌କ୍ରିପସନ ଫୋପାଡ଼ି ଦେଇଥିଲେ। ହସ୍ପିଟାଲ ଗାର୍ଡଙ୍କୁ ଡାକି ପୁଲିସ ହେଲ୍‌ପଲାଇନକୁ ଫୋନ କରିଥିଲେ।

## ଅଷ୍ଟ୍ରେଲିଆ ଆତଙ୍କବାଦୀ ଆକ୍ରମଣ: ଆକ୍ରମଣକାରୀ ସାଜିଦ ଭାରତୀୟ

ସିଡ୍‌ନୀ, ୧୬।୧୨ (ଏଜେନ୍ସି): ଗତ ୧୪ ତାରିଖରେ ଅଷ୍ଟ୍ରେଲିଆର ସିଡନୀର ବଣ୍ଡି ବିଚ୍‌ରେ ଇହୁଦୀ ଲୋକଙ୍କ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀ ସାଜିଦ ଆକ୍ରମ ଭାରତୀୟ ନାଗରିକ ଥିଲେ। ୫୦ ବର୍ଷୀୟ ସାଜିଦ ତେଲେଙ୍ଗାନା ହାଇଦରାବାଦର ବାସିନ୍ଦା ଥିଲା। ସେ ହାଇଦରାବାଦରୁ ବି.କମ୍ ଡିଗ୍ରୀ ହାସଲ କରି ଚାକିରି ପାଇଁ ନଭେମ୍ବର ୧୯୯୮ରେ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଯାଇଥିଲା। ପରେ ସେ ୟୁରୋପୀୟ ବଂଶୋଦ୍ଭବ ମହିଳା ଭେନେରା ଗ୍ରୋସୋଙ୍କୁ ବିବାହ କରି ସେଠାରେ ରହିଥିଲା। ସାଜିଦ ପାଖର ଏବେ ବି ଭାରତୀୟ ପାସପୋର୍ଟ ଥିଲା। ତେବେ ପରିବାର ସଦସ୍ୟଙ୍କ ସହ ତାର କୌଣସି ସମ୍ପର୍କ ନ ଥିଲା। ସାଜିଦର ପୁଅ ନାଭିଦ ଆକ୍ରମ (୨୪) ଜଣେ ଅଷ୍ଟ୍ରେଲୀୟ ନାଗରିକ। ତେଲଙ୍ଗାନା ପୁଲିସ ଅନୁଯାୟୀ, ଭାରତରେ ପୂର୍ବରୁ ସାଜିଦର କୌଣସି ଅପରାଧିକ ରେକର୍ଡ ନାହିଁ।

## କବାଡ଼ି ଖେଳାଳିଙ୍କୁ ହତ୍ୟା

ମୋହାଲି, ୧୬।୧୨ (ଏଜେନ୍ସି): ପଞ୍ଜାବ ମୋହାଲିର ସୋହାନାରେ ସୋମବାର କବାଡ଼ି ମ୍ୟାଚ୍ ଚାଲିଥିବାବେଳେ ଗୁଳିମାଡ଼ ହୋଇଛି। ବୋଲେରୋରେ ଆସିଥିବା ଲୋକେ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ କବାଡ଼ିକୁ ପ୍ରୋତ୍ସାହନ ଦେଉଥିବା ଖେଳାଳି ରାଣା ବଲାଚୌରିଆଙ୍କ ଦେହରେ ଗୁଳି ବାଜି ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ୧୧ ଦିନ ତଳେ ବିବାହ କରିଥିଲେ। ଏବେ ତାଙ୍କ ଘରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଅନୁଯାୟୀ, ଆକ୍ରମଣକାରୀ ଫ୍ୟାନ୍ ଭାବେ ସେଲ୍‌ଫି ନେବାକୁ ରାଣାଙ୍କ ପାଖକୁ ଆସିଥିଲେ। ପରେ ଗୁଳି ମାରିଥିଲେ।

**ଋଣ ପରିଶୋଧ ପାଇଁ ଋଣଦାତାଙ୍କ ଚାପ**

# କାମ୍ବୋଡ଼ିଆ ଯାଇ କିଡ୍‌ନୀ ବିକିଲେ ଚାଷୀ



## ଲକ୍ଷେ ଟଙ୍କାର ଋଣ ହୋଇଗଲା ୭୪ ଲକ୍ଷ

■ ଚଢ଼ା ସୁଧ ପାଇଁ ଶୋଷଣ କରୁଛନ୍ତି ଋଣଦାତା
■ ଅଭିଯୋଗ ସତ୍ତ୍ୱେ ପୁଲିସ ନେଉନି କାର୍ଯ୍ୟାନୁଷ୍ଠାନ
■ ପରିବାର ସହ ଆତ୍ମାହୂତି ଧମକ ଦେଲେ ଚାଷୀ

ମୁମ୍ବଇ, ୧୬।୧୨ (ଏଜେନ୍ସି): ଭାରତରେ ବ୍ୟବସାୟୀଙ୍କୁ ସହଜରେ କୋଟି କୋଟି ଟଙ୍କା ଋଣ ମିଳିଯାଉଛି। ଆଉ କିଛି ବ୍ୟବସାୟୀ ଅନେକ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଧରି ବିଦେଶ ପଳାଉ ଥିବା ନଜିର ରହିଛି। ମାତ୍ର ଦେଶରେ ଗରିବ ଚାଷୀଙ୍କୁ ଲକ୍ଷେ ଟଙ୍କା ଋଣ ମିଳିବା ବି କଷ୍ଟ ହେଇଯାଉଛି। ଆଉ ଚାଷ ପାଇଁ ହାତ ଉଧାରି କରି ସାହୁକାରଙ୍କଠୁ ଟଙ୍କା ଆଣିଲେ ତାର ସୁଧ ଦେଇ ଦେଇ ଚାଷୀର ଆର୍ଥିକ ସ୍ଥିତି ବିଗିଡ଼ି ଯାଉଛି। ଶେଷରେ ଚାଷୀ ନିଜ ଭିଟାମାଟି ସହିତ ଅଙ୍ଗପ୍ରତ୍ୟଙ୍ଗ ବିକିଲେ ବି ଏହି ଋଣ ପରିଶୋଧ କରିପାରୁନି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଚାଷୀ ରୋଶନ ସଦାଶିବ କୁଡେଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। କିଛି ବର୍ଷ ହେଲା ଚାଷରେ କ୍ଷତି ହେବାରୁ ସେ ଗୋପାଳନ କରି ଡାଏରୀ ବେପାର କରିବାକୁ ଚାହୁଁଥିଲେ। ମାତ୍ର ବ୍ୟାଙ୍କ ଋଣ ନ ଦେବାରୁ ସେ ଅନେକ ସାହୁକାରଙ୍କଠାରୁ ଲକ୍ଷେ ଟଙ୍କା ଆଣିଥିଲେ। କିନ୍ତୁ ଏ ବାବଦ ସୁଧ ତାଙ୍କ ଉପରେ ଦାଉ ସାଧିଥିଲା। ଦିନକୁ ୧୦ ହଜାର ଟଙ୍କାର ସୁଧ ପାଇଁ ଋଣ ରାଶି ୭୪ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ଏଥିପାଇଁ ସେ କିଡ୍‌ନୀ ବିକିବାକୁ ବାଧ ହୋଇଥିଲେ। ସଦାଶିବ କୋଲକାତାରୁ କାମ୍ବୋଡିଆ ଯାଇ ନିଜ କିଡନୀ ବିକ୍ରି କରିଥିଲେ।

ସୂଚନା ଅନୁଯାୟୀ, ବର୍ଷା ନ ହେବାରୁ ଡାଏରୀ ବ୍ୟବସାୟୀ ପାଇଁ ସଦାଶିବ ଅଣ୍ଟା ଭିଡ଼ିଥିଲେ। ମାତ୍ର ବ୍ୟବସାୟ ଆରମ୍ଭ ହେଉ ହେଉ ସେ କିଣିଥିବା ଗାଈ ମରି ଯାଇଥିଲା। ଯେଉଁ ଫସଲ କରିଥିଲେ ତାହା ନଷ୍ଟ ହୋଇ ଯାଇଥିଲା। ଋଣ ଭାର ବଢ଼ିବାରେ ଲାଗିଥିଲା ଏବଂ ଋଣଦାତା ଚାପ ପକାଇବାରେ ଲାଗିଥିଲେ। ଜମି, ଟ୍ରାକ୍ଟର ଏବଂ ଘରବାଡ଼ି ବିକିବା ସତ୍ତ୍ୱେ ଟଙ୍କା ସୁଝି ପାରି ନ ଥିଲେ। ଏହି ସମୟରେ ଜଣେ ଋଣଦାତା ତାଙ୍କୁ କିଡନୀ ବିକିବାକୁ ପରାମର୍ଶ ଦେଇଥିଲେ। ପରେ ସେ ଜଣେ ଏଜେଣ୍ଟଙ୍କ ମାଧ୍ୟମରେ କୋଲକାତାରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରି କାମ୍ବୋଡିଆ ଯାଇ କିଡ୍‌ନୀ ଦେଇଥିଲେ। ଏହି କିଡ୍‌ନୀକୁ ୮ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ଋଣ ପରିମାଣ ସୁଝିବା ସତ୍ତ୍ୱେ ଚଢ଼ା ସୁଧ ନେବା ପାଇଁ ବ୍ରହ୍ମପୁର ସହରର କିଶୋର ବାୱାନକୁଲେ, ମନୀଷ କଲବାଦେ, ଲକ୍ଷ୍ମଣ ଉରୁକୁଡେ, ପ୍ରଦୀପ ବାୱାନକୁଲେ, ସଞ୍ଜୟ ବାଲାପୁରେ ଏବଂ ଲକ୍ଷ୍ମଣ ବୋର୍କାର ତାଙ୍କ ଉପରେ ଚାପ ପକାଇ ଥିଲେ।

କୁଡେ ଦାବି କରିଛନ୍ତି ଯେ ଅଭିଯୋଗ ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହା ତାଙ୍କ ମାନସିକ ଏବଂ ଶାରୀରିକ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଛି। ଯଦି ନ୍ୟାୟ ନ ମିଳେ ତେବେ ସେ ଏବଂ ତାଙ୍କ ପରିବାର ରାଜ୍ୟ ସରକାରଙ୍କ ମୁଖ୍ୟାଳୟ ମୁମ୍ବଇର ମନ୍ତ୍ରଣାଳୟ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ସଦାଶିବ ଧମକ ଦେଇଛନ୍ତି।

## ନେସନାଲ ହେରାଲ୍ଡ ମାମଲାରେ ସୋନିଆ-ରାହୁଲଙ୍କୁ ଆଶ୍ୱସ୍ତି



■ ଶୁଣାଣି କରିବାକୁ ମନା କଲେ କୋର୍ଟ
■ ମାମଲାରେ ଏତଲା ନାହିଁ, ଅଭିଯୋଗ ବ୍ୟକ୍ତିଗତ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତ ମିଳିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଏର କରିଥିବା ଆରୋପପତ୍ର ଉପରେ ଶୁଣାଣି କରିବାକୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ମନା କରିଦେଇଛନ୍ତି। ତେବେ ଇଡି ଏହି ରାୟ ବିରୋଧରେ ଆବେଦନ କରିବ ବୋଲି କୁହିଛି। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ ନିର୍ଦ୍ଦେସ ଦେଇ କହିଛନ୍ତି ଯେ ଏହି ମାମଲାର ଆରୋପପତ୍ର ବ୍ୟକ୍ତିଗତ ଅଭିଯୋଗ ସମ୍ବନ୍ଧିତ। ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଅନୁଯାୟୀ ଏତଲା ରୁଜୁ ହୋଇ ନାହିଁ। ତେଣୁ ଏହା ଉପରେ ଶୁଣାଣି କରିବା ସମ୍ଭବ ନୁହେଁ। ଏହି ମାମଲା ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀଙ୍କ ଅଭିଯୋଗ ସହ ସମ୍ବନ୍ଧିତ। ସେ ସୋନିଆ, ରାହୁଲ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ) କମ୍ପାନୀର ୨ ହଜାର କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ଲଗାଇ ଥିଲେ। ଏହି ମାମଲାରେ ସୁମନ ଦୁବେ, ସାମ୍ ପିତ୍ରୋଦା, ୟଙ୍ଗ ଇଣ୍ଡିଆନ, ଡୋଟେକ୍ସ ମର୍ଚ୍ଚେଣ୍ଡାଇଜ ଏବଂ ସୁନୀଲ ଭଣ୍ଡାରୀ ମଧ୍ୟ ଅଭିଯୁକ୍ତ ଅଛନ୍ତି।

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଦିଲ୍ଲୀ ପୁଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପ୍ରଥମେ ଏତଲା ରୁଜୁ କରି ସାରିଛି। ତେଣୁ ଇଡି ଆରୋପପତ୍ର ଉପରେ ନିଷ୍ପତ୍ତି ଦେବା ଅନୁଚିତ ହେବ। ଇଡି ଚାହିଁଲେ ତଦନ୍ତ ଜାରି ରଖି ଆଗକୁ ତଥ୍ୟ ଉପସ୍ଥାପନ କରିପାରିବ। ସେହିପରି ଦିଲ୍ଲୀ ପୁଲିସର ଏକ ନିବେଦନକୁ ସ୍ୱୀକାର କରି ରାହୁଲ ଏବଂ ସୋନିଆଙ୍କୁ ଏତଲାର ନକଲ ଦେବା ନିର୍ଦ୍ଦେଶକୁ କୋର୍ଟ ରଦ୍ଦ କରିଦେଇଛନ୍ତି। ଏତଲାର ନକଲ ପାଇବା ଅଭିଯୁକ୍ତଙ୍କ ଅଧିକାରୀ ନୁହେଁ ବୋଲି ପୁଲିସ କହିଥିଲା। ଇଡି ଅଭିଯୋଗ ଉପରେ ଶୁଣାଣି ସମୟରେ କଂଗ୍ରେସ ଦଳ ଯୁକ୍ତି ଦେଇଥିଲା ଯେ ଇଡିର ତଦନ୍ତ ରାଜନୈତିକ ପ୍ରତିଶୋଧ ଉପରେ ଆଧାରିତ ଥିଲା। ମାତ୍ର ଏହା ଏକ ଗମ୍ଭୀର ଅର୍ଥନୈତିକ ଅପରାଧ ଥିଲା ଏବଂ ଠକେଇ ଓ ଅର୍ଥ ହେରଫେର ପ୍ରମାଣ ମିଳିଥିବା ଇଡି ପକ୍ଷରୁ କୁହାଯାଇଥିଲା।

ଇଡି ଅଭିଯୋଗ ଅନୁଯାୟୀ, କଂଗ୍ରେସ ନେତାମାନେ ମାତ୍ର ୫୦ ଲକ୍ଷ ଟଙ୍କାରେ ଘରୋଇ କମ୍ପାନୀ ୟଙ୍ଗ ଇଣ୍ଡିଆନ ମାଧ୍ୟମରେ ଏଜିଏଲର ୨ହଜାର କୋଟି ମୂଲ୍ୟର ସମ୍ପତ୍ତି ହାସଲ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ସୋନିଆ ଏବଂ ରାହୁଲଙ୍କ ପାକରେ ଏହି କମ୍ପାନିର ୭୬% ଅଂଶଧନ ରହିଛି। ଏଥିରୁ ସୋନିଆ ଏବଂ ରାହୁଲ ୯୮୮ କୋଟି ଟଙ୍କା ଆୟ କରିଥିଲେ ବୋଲି ଆକଳନ କରାଯାଇଥିଲା। ଏବେ ଏହି ସମ୍ପତ୍ତିର ବଜାର ମୂଲ୍ୟ ୫ହଜାର କୋଟି ହେବ ବୋଲି ଆକଳନ କରାଯାଇଛି।

● ସୁପ୍ରିମକୋର୍ଟରେ ଡିଜିଟାଲ ଆରେଷ୍ଟ ମାମଲା

## ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଡିଜିଟାଲ ଆରେଷ୍ଟକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସ୍କାମକୁ ରୋକିବା ପାଇଁ ତୁରନ୍ତ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଏହାର ମୁକାବିଲା ପାଇଁ ତୁରନ୍ତ ପ୍ରତିରୋଧୀ ବ୍ୟବସ୍ଥା ଏବଂ ପୀଡ଼ିତ କୈନ୍ଦ୍ରିକ ପୁନରୁଦ୍ଧାର ବ୍ୟବସ୍ଥା ଆଣିବାକୁ ବ୍ୟାଙ୍କ, ଆରବିଆଇ ଏବଂ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏଭଳି ମାମଲାର ବୃଦ୍ଧି ପାଉଥିବା ହସ୍ତକ୍ଷେପ ଆବେଦନକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଯେଉଁ ମାନେ କୋର୍ଟଙ୍କୁ ସହାୟତା କରିବାକୁ ଚାହୁଁଛନ୍ତି ସେମାନେ କରିପାରନ୍ତି। ମାତ୍ର ମାମଲା ଦାଏର କରି ବୋଝ ବଢ଼ାନ୍ତୁ ନାହିଁ ବୋଲି କହିଛନ୍ତି। ଶୁଣାଣି ସମୟରେ ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣୀ କହିଥିଲେ ଯେ ନ୍ୟାୟମିତ୍ରଙ୍କ ସୁପାରିସରେ ସିବିଆଇ ପଦକ୍ଷେପ ନେବା ଆରମ୍ଭ କରିଦେଇଛି। ଏଥିପାଇଁ ବିଭାଗୀୟ ବୈଠକ ଡକାଇବାକୁ ନିଷ୍ପତ୍ତି ନିଆଯାଇଛି। ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ପାଇଁ ଅଂଶଧାରକଙ୍କ ସହ ବୈଠକ କରିବାକୁ ମଧ୍ୟ କେନ୍ଦ୍ର ରାଜି ହୋଇଛି। ସିଜେଆଇ ଏହାକୁ ଗ୍ରହଣ କରି ୪ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଥିଲେ।

## ମହିଳା ଡାକ୍ତରଙ୍କ ହିଜାବ ଟାଣି ବିବାଦରେ ବିହାର ମୁଖ୍ୟମନ୍ତ୍ରୀ



ପାଟନା, ୧୬।୧୨ (ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନୂଆ ବିବାଦରେ ଫସିଛନ୍ତି। ସେ ପାଟନାର ଏକ କାର୍ଯ୍ୟକ୍ରମରେ ଜଣେ ମହିଳା ଡାକ୍ତରଙ୍କୁ ନିଯୁକ୍ତି ପତ୍ର ଦେବା ସମୟରେ ତାଙ୍କ ହିଜାବକୁ ଟାଣି ଦେଇଛନ୍ତି। ଏହା ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ନୀତୀଶଙ୍କୁ କଂଗ୍ରେସ ଏବଂ ଆରେଜଡି ନିନ୍ଦା କରିଛନ୍ତି। ତାଙ୍କ ମାନସିକ ସ୍ଥିତି ଏବଂ ସ୍ୱାସ୍ଥ୍ୟାବସ୍ଥା ଉପରେ ପ୍ରଶ୍ନ ଉଠାଉଛନ୍ତି। କିଛି ସେଲିବ୍ରିଟି ମଧ ୭୫ ବର୍ଷୀୟ ନୀତୀଶଙ୍କ ଏପରି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି।

ସୂଚନା ଅନୁଯାୟୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ସଚିବାଳୟ 'ସମ୍ବାଦ'ରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଏଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ନୀତୀଶ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ନୁସରତ ପରବୀନଙ୍କ ପାଳି ପଡ଼ିବା ପରେ ସେ ମଞ୍ଚ ଉପରକୁ ଆସିଥିଲେ। ସେ ହିଜାବ ପିନ୍ଧିଥିବା ଦେଖି 'ଏହା କ'ଣ' ବୋଲି ନୀତୀଶ ପଚାରିଥିଲେ। ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଭଳି କରୁଥିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। ତାଙ୍କ ହାତକୁ ଟାଣି ଆଣିଥିଲେ। ଆରଜେଡି ଓ କଂଗ୍ରେସ ଏହି ଭିଡିଓକୁ ସେୟାର କରି ନୀତୀଶଙ୍କୁ ସମାଲୋଚନା କରିଛନ୍ତି। ଆରଜେଡି ପକ୍ଷରୁ କୁହାଯାଇଛି ଯେ ନୀତୀଶଙ୍କ କ'ଣ ହୋଇଛି? ତାଙ୍କର ମାନସିକ ସ୍ଥିତି ଏବେ ସମ୍ପୂର୍ଣ୍ଣ ଦୟନୀୟ ଅବସ୍ଥାରେ ପହଞ୍ଚି ଯାଇଛି କି? ନୀତିଶ ବାବୁ ଏବେ ଆରଏସଏସ ସଦସ୍ୟ ହୋଇଯାଇଛନ୍ତି କି ବୋଲି ପଚରା ଯାଇଛି। ସେହିପରି କଂଗ୍ରେସ ଏହାକୁ ଘୃଣ୍ୟ କାର୍ଯ୍ୟ କହିଛି ଏବଂ ନୀତୀଶଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଏ ହେଉଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ତାଙ୍କ ନିର୍ଲଜତାକୁ ଦେଖନ୍ତୁ। ଜଣେ ମହିଳା ଡାକ୍ତର ତାଙ୍କର ନିଯୁକ୍ତି ପତ୍ର ନେବାକୁ ଆସିଥିବାବେଳେ ନୀତୀଶ ତାଙ୍କ ହିଜାବ ଟାଣି ଦେଇଥିଲେ। ବିହାରର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତି ଖୋଲାଖୋଲି ଭାବରେ ଏପରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ରହିବେ ଚିନ୍ତି କରନ୍ତୁ। ଏହି ଘୃଣ୍ୟ କାର୍ଯ୍ୟ ପାଇଁ ସେ ତୁରନ୍ତ ଇସ୍ତଫା ଦେବା ଉଚିତ। ଏହି ଅଶ୍ଳୀଳତା ଅକ୍ଷମଣୀୟ ବୋଲି କଂଗ୍ରେସ କହିଛି।

## ପ୍ରଦୂଷଣ ରୋକିବାକୁ ତନ୍ଦୁର ଭାଟି ଉପରେ କଟକଣା



ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ପ୍ରଦୂଷଣରେ ଦିଲ୍ଲୀବାସୀ ନୟାନ୍ତ ହେଉଛନ୍ତି। ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦୦ ନିକଟତର ହୋଇଛି। ଏହା ଅତି ଭୟଙ୍କର ସ୍ତରରେ ପହଞ୍ଚି ଯାଇଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେବାକୁ ବାଧ ହେଉଛନ୍ତି। ମାତ୍ର ପ୍ରତି ବର୍ଷ ସୃଷ୍ଟି ହେଉଥିବା ଏହି ସମସ୍ୟାରୁ ଲୋକଙ୍କୁ ମୁକ୍ତିଦେବାରେ ଦିଲ୍ଲୀ ସରକାର ବିଫଳ ହୋଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣରେ ସଫଳତା ମିଳି ନ ଥିବାରୁ ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ହତାଶ ହୋଇଯାଇଛି। ଆଉ ଏହି ଗ୍ଲାନିରେ ଏଭଳି ନିଷ୍ପତ୍ତି ନେଇଛି ଯାହା ସମସ୍ତଙ୍କୁ ବିସ୍ମିତ କରିଛି। ହୋଟେଲ, ରେସ୍ତୋରାଁ ଏବଂ ଖୋଲା ସ୍ଥାନରେ ଚାଲିଥିବା ଦୋକାନରେ ତନ୍ଦୁର ଭାଟିକୁ ନିଷିଦ୍ଧ କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛି। ଗତ ସପ୍ତାହରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ବାୟୁ ପ୍ରଦୂଷଣ ନିୟମ-୧୯୮୧ର ଧାରା ୩୧ (ଏ) ଅଧିନରେ ଏହି ପଦକ୍ଷେପ ନିଆଯାଇଛି। କାଠ ଏବଂ କୋଇଲା ଉପରେ ନିର୍ଭରଶୀଳ ତନ୍ଦୁରକୁ ତୁରନ୍ତ ବନ୍ଦ କରି ଇଲେକ୍‌ଟ୍ରିକ ଏବଂ ଗ୍ୟାସ ଚାଳିତ ବ୍ୟବହାର କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଗ୍ରାପ-୪ କଟକଣା ଜାରି କରାଯାଇଛି। ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସି) ନ ଥିବା ଗାଡ଼ିକୁ ୧୮ ତାରିଖରୁ ପେଟ୍ରୋଲ-ଡିଜେଲ ମିଳିବ ନାହିଁ ବୋଲି ପରିବେଶ ମନ୍ତ୍ରୀ ମନଜିନ୍ଦର ସିର୍ସା କହିଛନ୍ତି। ଦିଲ୍ଲୀକୁ କେବଳ ବିଏସ-୬ ଗାଡ଼ି ପ୍ରବେଶ କରିବ। ନିର୍ମାଣକାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ଦିଆଯାଇଛି।

**ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ମିଳିବା ମାମଲା**

## ସଂସଦରେ ଏସବୁ କ'ଣ ଚାଲିଛି: ସୁପ୍ରିମକୋର୍ଟ

■ ବାଚସ୍ପତିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ
■ ରାଜ୍ୟସଭାରେ ମହାଭିଯୋଗକୁ ମଞ୍ଜୁରି ନ ମିଳିବା ପରେ ଯାଞ୍ଚ କମିଟି ଗଢ଼ିଲେ କେମିତି

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଫସିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୋବନ୍ତ ବର୍ମାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ବାଚସ୍ପତି ଓମ୍ ବିର୍ଲାଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଆବେଦନରେ ଦୁର୍ନୀତି ଅଭିଯୋଗର ଯାଞ୍ଚ ପାଇଁ ଲୋକସଭା ଦ୍ୱାରା ଏକାକୀ ଗଠିତ ତିନି ସଦସ୍ୟ ବିଶିଷ୍ଟ କମିଟିର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଛି। ଏହାକୁନେଇ ସୁପ୍ରିମକୋର୍ଟ ବାଚସ୍ପତି ଏବଂ ଉଭୟ ଗୃହର ମହାସଚିବଙ୍କୁ ଜବାବ ମାଗିଛନ୍ତି। ଲୋକସବାରେ କ'ଣ ସବୁ ଚାଲିଛି ବୋଲି ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଏଜି ମସିହଙ୍କ ଖଣ୍ଡପୀଠ ପଚାରିଛନ୍ତି।

ଆବେଦନରେ କୁହାଯାଇଛି ଯେ ଉଭୟ ସଦନରେ ମହାଭିଯୋଗ ପ୍ରସ୍ତାବ ଅଣା ଯାଇଥିଲା।ମାତ୍ର ରାଜ୍ୟସଭାରେ ଏହାକୁ ମଞ୍ଜୁରି ମିଳି ନ ଥିଲା। ଏହା ସତ୍ତ୍ୱେ ଏକାକୀ ଯାଞ୍ଚ କମିଟି ଗଠନ କରି ଲୋକସଭା ଭୁଲ୍ କରିଛି। ଏ ନେଇ ଉଭୟ ଗୃହର ମିଳିତ କମିଟି ଗଠନ କରିବାର ଥିଲା। ଏହା ଉପରେ ଜଷ୍ଟିସ ଦତ୍ତା କହିଥିଲେ ଯେ ସଂସଦରେ ଏତେ ସାଂସଦ ଏବଂ ଆଇନ ବିଶେଷଜ୍ଞ ଉପସ୍ଥିତ ଥିଲେ। କିନ୍ତୁ କେହି କେମିତି କମିଟି ଗଠନ ପ୍ରତି ଧ୍ୟାନ ଦେଇ ନ ଥିଲେ। ଏତେ ଆଇନ ବିଶେଷଜ୍ଞ ଥିବା ସତ୍ତ୍ୱେ ଏ ସବୁ କେମିତି ହୋଇଗଲା? ଜାନୁଆରୀ ୭ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ ମାର୍ଚ୍ଚ ୧୪ରେ ଦିଲ୍ଲୀର ସ୍ଥିତ ଯଶୋବନ୍ତ ବର୍ମାଙ୍କ ବାସଭବନରେ ନିଆଁ ଲାଗିବା ପରେ ଷ୍ଟୋର ରୁମ୍‌ରୁ ଟଙ୍କା ବିଡ଼ା ମିଳିଥିଲା। ଏହି ମାମଲାରେ ତିନି ହାଇକୋର୍ଟ ବିଚାରପତିଙ୍କ ତଦନ୍ତ କମିଟି ଜଷ୍ଟିସ ବର୍ମାଙ୍କୁ ଦୋଷୀ କହିଥିଲେ। ତାଙ୍କୁ ହଟାଇବା ପାଇଁ ସୁପାରିସ କରିଥିଲେ। ଏହା ପରେ ସରକାର ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିଥିଲେ। ଏହାକୁ ବାଚସ୍ପତି ମଞ୍ଜୁର କରିଥିଲେ।

## ଏସ୍‌ଆଇଆର: ପଶ୍ଚିମବଙ୍ଗରେ ୫୮ ଲକ୍ଷ, ରାଜସ୍ଥାନରେ କଟିଲେ ୪୨ ଲକ୍ଷ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପରେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ଦୁଇ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ପଶ୍ଚିମବଙ୍ଗରେ ୫୮ ଲକ୍ଷ ୨୦ ହଜାର ୮୯୮ ଭୋଟରଙ୍କ ନାମ ହଟାଇବା ପାଇଁ ଚିହ୍ନଟ କରାଯାଇଛି। ସେହିପରି ରାଜସ୍ଥାନରେ ୪୧.୮୫ ଲକ୍ଷ ଏବଂ ପୁଡୁଚେରୀରେ ୮୫ ହଜାର ଭୋଟରଙ୍କ ନାମ କଟା ଯାଇଛି। ଏହା ସହିତ ଘର ଘର ବୁଲି ସୂଚନା ସଂଗ୍ରହ କରିବା କାମ ଶେଷ ହୋଇଛି। ଏବେ ଦାବି, ଆପତ୍ତି ଏବଂ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ। ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଶେଷ ଭୋଟର ତାଲିକା ଫେବୃଆରୀ ୧୪ରେ ଜାରି କରାଯିବ।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ୨୪, ୧୬, ୮୫୨ ଭୋଟର ପ୍ରାଣ ହରାଇଛନ୍ତି। ୧୯ ଲକ୍ଷ ୮୮ ହଜାର ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ଏବେ ୧୨ ଲକ୍ଷ ୨୦ ହଜାର ୩୮ ଜଣ ନିଖୋଜ ଅଛନ୍ତି। ସେହିପରି ଲକ୍ଷେ ୩୮ ହଜାର ୩୨୮ ଜଣ ଜାଲ୍ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ୫୭,୬୦୪ ଜଣଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୨୦୦୨ ଏସଆଇଆରରେ ତିନି ନିୟୁତ ଭୋଟର ସାମିଲ ହୋଇ ନ ଥିଲେ। ଫର୍ମରେ ତ୍ରୁଟି ଥିବାରୁ ଆଉ ୧୬.୭ ନିୟୁତ ଭୋଟର ଇସିଙ୍କ ସ୍କାନରରେ ଅଛନ୍ତି। ରାଜସ୍ଥାନରେ ୨୯. ୬ ଲକ୍ଷ ଲୋକ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୮.୭୫ ଲକ୍ଷ ପ୍ରାଣ ହରାଇଥିବାବେଳେ ୩.୪୪ ଲକ୍ଷ ନକଲି ଭୋଟର ଥିବା ଜଣାପଡ଼ିଛି। ପୁଡୁଚେରୀର ଚିଠା ଭୋଟର ତାଲିକାରେ ବଡ଼ ପରିବର୍ତ୍ତନ କରାଯାଇଛି। ଏଠାରେ ୧୧୦ ନୂଆ ମତଦାନ କେନ୍ଦ୍ର ସାମିଲ କରାଯାଇଛି। ପ୍ରାୟ ୮୫ ହଜାର ଭୋଟରଙ୍କୁ ହଟାଇ ଦିଆଯାଇଛି। ପୁଡୁଚେରୀର ମୋଟ ଭୋଟର ସଂଖ୍ୟା ୭.୬୪ ଲକ୍ଷ ରହିଛି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଶୌଖିନ କଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖାଦେବ। ଦୂରଯାତ୍ରାକୁ ଯିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

## ଆଜିର ଇତିହାସ

- ୧୬୪୫- ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ପତ୍ନୀ ନୂରଜହାଁଙ୍କ ଦେହାନ୍ତ।
- ୧୯୦୨- ମାର୍କୋନି ପ୍ରଥମ ଥର ରେଡିଓ ଷ୍ଟେସନ୍ ନିର୍ମାଣ କଲେ।
- ୧୯୭୧- ଭାରତ-ପାକ୍ ଯୁଦ୍ଧ ସମାପ୍ତ।
- ୧୯୯୬- ନ୍ୟାସନାଲ୍ ଫୁଟବଲ ଲିଗ୍‌ର ଶୁଭାରମ୍ଭ।
- ୨୦୦୨- ତୁର୍କୀ କାଶ୍ମୀର ପ୍ରସଙ୍ଗରେ ଭାରତର ସମର୍ଥନ କଲା।
- ୨୦୦୮ - ଶୀଲା ଦୀକ୍ଷିତ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।

## ଆଜି ଆସିଥିଲେ

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୮୭୦ ମସିହା ଆଜିର ଦିନରେ ମୟୂରଭଞ୍ଜ ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଭଞ୍ଜ। ୧୮୯୨ ଅଗଷ୍ଟରେ ସେ ରାଜସିଂହାସନ ଆରୋହଣ କରିଥିଲେ ଏବଂ କ୍ରମେ ଜଣେ ପ୍ରଜାବତ୍ସଳ ରାଜା ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଜନ୍ମମାଟି ମୟୂରଭଞ୍ଜ ଓ ଉତ୍କଳମାତାର ସର୍ବାଙ୍ଗୀନ ଉନ୍ନତି ହିଁ ଥିଲା ତାଙ୍କ ଜୀବନର ମହାମନ୍ତ୍ର। ଶ୍ରୀରାମଚନ୍ଦ୍ର ଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ଶିକ୍ଷା, କୃଷି, ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିଥିଲେ। ତାଙ୍କର ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା। ମୟୂରଭଞ୍ଜରୁ ଶ୍ରୀରାମଚନ୍ଦ୍ର ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିବାବେଳେ ତାଙ୍କ ପିତା ପ୍ରାଣ ହରାଇଥିଲେ। ପିତାଙ୍କ ମୃତ୍ୟୁ ପରେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଛୋଟ ଲାଟସାହେବଙ୍କ ସହାୟତାରେ ସେ ବିଦ୍ୟା ଅଧ୍ୟୟନ କରିଥିଲେ। ଏହାପରେ ସେ କଟକ ରେଭେନ୍ସା କଲେଜିଏଟ୍ ସାହେବଙ୍କ ପାଖରେ ରହି ୧୨ ବର୍ଷ ଶିକ୍ଷାଲାଭ କରିବା ପରେ ୧୮୮୮ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ବି.ଏ. ପଢୁଥିବା ସମୟରେ ସେ ସାବାଳକ ହୋଇ ରାଜଗାଦିରେ ବସିବାରୁ ପରୀକ୍ଷା ଦେଇ ପାରି ନ ଥିଲେ। ୧୮୯୬ରେ ସେ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ। ତାଙ୍କ ଶାସନ କାଳରେ ମୟୂରଭଞ୍ଜର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୟୂରଭଞ୍ଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜର ଶ୍ରମ, ସମୟ ଓ ଅଜସ୍ର ଅର୍ଥରାଶିକୁ ବିନିଯୋଗ କରିଥିଲେ। ଏହି ସମୟରେ ରାଜ୍ୟର ପ୍ରଥମ ରେଳରାସ୍ତା ରୂପସାଠାରୁ ତାଳବନ୍ଧ ପର୍ଯ୍ୟନ୍ତ ନିର୍ମାଣ, ହଳଦିଆ ଓ ହଳଡିହଠାରେ ଦୁଇଟି ଜଳଭଣ୍ଡାର ନିର୍ମାଣ, ସ୍ୱଚ୍ଛ ଶାସନ ପାଇଁ ମୟୂରଭଞ୍ଜ ଷ୍ଟେଟ୍ କାଉନସିଲ୍ ଗଠନ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ପଦକ୍ଷେପ ସହ ପୋଲିସ୍ ବିଭାଗ ସୃଷ୍ଟି ତା'ର ଜ୍ୱଳନ୍ତ ଉଦାହରଣ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ କଟକର ଇଦ୍‌ଗା ମୈଦାନରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ରାଜକୋଷର ଅର୍ଥକୁ ସେ ନିଜର ବୋଲି ଭାବୁ ନ ଥିଲେ। ପିତା ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରି କଟକ ମେଡିକାଲ ସ୍କୁଲ ଓ ରେଭେନ୍ସା କଲେଜକୁ ସ୍ୱଚ୍ଛ ସମୃଦ୍ଧ କରିବା ପାଇଁ ସେ ବିପୁଳ ଅର୍ଥ ରାଶି ଦାନ କରିଥିଲେ। ଶ୍ରୀରାମଚନ୍ଦ୍ରଙ୍କ ଦାନରେ ହିଁ କଟକରେ ପ୍ରଥମ ମେଡିକାଲ ସ୍କୁଲ ସ୍ଥାପିତ ହୋଇଥିଲା। ଯାହା ଏବେ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ ହୋଇଛି। କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଥିଲା। ତାଙ୍କ ପୃଷ୍ଠପୋଷକତାରୁ ବାରିପଦାରୁ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଉଥିଲା। ରେଭେନ୍ସା କଲେଜରେ ବିଜ୍ଞାନ ବିଭାଗ ଖୋଲିବାରେ ସେ ସାହାଯ୍ୟ କରିଥିଲେ। ମହାରାଜାଙ୍କ ଶାସନକାଳ ୧୮୯୨ରୁ ୧୯୧୨ ଥିଲା ଭଞ୍ଜବଂଶ ଶାସନର ସୁବର୍ଣ୍ଣଯୁଗ। ଶାସନ ବ୍ୟବସ୍ଥା ପାଇଁ ତତ୍କାଳୀନ ବ୍ରିଟିଶ୍ ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ। ୧୯୧୨ ମସିହା ଫେବ୍ରୁଆରୀ ୨୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଭଳି ଜଣେ ଜନହିତୈଷୀ ରାଜା ଇତିହାସରେ ବିରଳ। ବାସ୍ତବିକ ସେ ଥିଲେ ମାନବିକତା, ପ୍ରଜାବତ୍ସଳତା, ଉଦାରତା ସର୍ବୋପରି ଆଦର୍ଶ ଓ ପାଣ୍ଡିତ୍ୟର ଅନନ୍ୟ ଉଦାହରଣ।

# ଫେସ୍‌ମାସ୍କରେ ଅଫିସ୍ ଉପସ୍ଥିତି



ଟେକ୍ନୋଲୋଜି କ୍ଷେତ୍ରରେ ଚୀନ୍ ସର୍ବଦା ଆଗରେ ରହିଥାଏ। ଚୀନ୍‌ରେ ପ୍ରତିଦିନ ନୂଆ ନୂଆ କଥା ଦେଖିବାକୁ ମିଳିଥାଏ। ଚୀନ୍‌ରେ ୱେନ୍‌ଝୋଉରେ ଥିବା ଏକ ସମିତିରେ କାମ କରୁଥିବା ଜଣେ କର୍ମଚାରୀ ଅଫିସ୍‌ରେ ଅନୁପସ୍ଥିତ ଥିବା ସହକର୍ମୀଙ୍କ ଚେହେରାର ରଙ୍ଗୀନ ପ୍ରିଣ୍ଟ କାଢ଼ି ତାକୁ ମାସ୍କ ଭଳି ବ୍ୟବହାର କରି 'ଫେସ୍ ରିକଗିନିସନ୍' ପଦ୍ଧତିକୁ ଚକ୍‌ମା ଦେଉଥିବା କଥା ସାମ୍ନାକୁ ଆସିବା ପରେ ଏହା ସମସ୍ତଙ୍କୁ ଚକିତ କରିଛି। କେବଳ ସେତିକି ନୁହେଁ, ଏଭଳି ମାସ୍କ ପିନ୍ଧି ଅନୁପସ୍ଥିତ ଥିବା କର୍ମଚାରୀ ଜଣକ ଅଫିସ୍‌ରେ ଉପସ୍ଥିତ ଥିବା ଦର୍ଶାଯାଉଥିଲା। ତେବେ ଲି ନାମକ ଜଣେ ବ୍ୟକ୍ତି ଏନେଇ ଅଭିଯୋଗ କରିବା ପରେ ଏହି ତମାମ୍ ମାମଲା ଲୋକଲୋଚନକୁ ଆସିଥିଲା। ଏହି ପୂରା ଘଟଣା ଚେକ୍‌ଇନ୍ ମେସିନ୍ ଉପରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଲିଙ୍କ କହିବା କଥା, ସମିତି ସଚିବାଳୟର ଜଣେ ସଦସ୍ୟ ଅନେକ କର୍ମଚାରୀମାନଙ୍କର ଫେସ୍‌ମାସ୍କରେ ଏମିତି ଫର୍ଜି ଉପସ୍ଥିତି ଦର୍ଶାଉଥିଲେ। ଏଥିରେ ସମିତିର ସେକ୍ରେଟାରୀ ମଧ୍ୟ ସାମିଲ ଥିଲେ। ଏହି ସମିତି ଚୀନ୍‌ର ସବୁଠୁ ନିମ୍ନ ସ୍ତରର ଏକ ପ୍ରଶାସନିକ ସଂସ୍ଥା। ଏମାନେ ସରକାରୀ କର୍ମଚାରୀ ଭାବେ ପରିଗଣିତ ହୋଇ ନଥାନ୍ତି। ସେମାନଙ୍କୁ ଦରମା ବଦଳରେ ଭତ୍ତା ମିଳିଥାଏ। ତେବେ ଏହି ମାମଲାରେ କେତେଜଣ କର୍ମଚାରୀ ସାମିଲ ଅଛନ୍ତି ତାହା ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। ଏହି ମାମଲା ସାମ୍ନାକୁ ଆସିବା ପରେ ସାମାଜିକ ଗଣମାଧ୍ୟମରେ ଡିଜିଟାଲ ସିକ୍ୟୁରିଟି ଓ ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏନେଇ ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ଡିସେମ୍ବର ଶେଷ ସୁଦ୍ଧା ଏନେଇ ବରିଷ୍ଠ ଅଧିକାରୀମାନେ କିଛି ନିଷ୍ପତ୍ତି ନେଇ ପାରନ୍ତି ବୋଲି ଜଣାପଡ଼ିଛି।

## 'ଟକ୍ସିକ୍', 'ଧୁରନ୍ଧର ୨'କୁ ଡରିଲେ ଅଜୟ

# ଘୁଞ୍ଚିଲା 'ଧମାଲ୍ ୪'



୨୦୨୬ ବର୍ଷ ସିନେପ୍ରେମୀଙ୍କ ପାଇଁ ବେଶ୍ ଖାସ୍ ହେବାକୁ ଯାଉଛି। ଆସନ୍ତା ବର୍ଷ ଆରମ୍ଭରେ ଅନେକ ବଡ଼ ତାରକାଙ୍କ ଦୀର୍ଘଦିନରୁ ବନ୍ଦ ହୋଇ ପଡ଼ି ରହିଥିବା ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ମାର୍ଚ୍ଚ ମାସରେ ମହାଲଢ଼େଇ ହେବାକୁ ଯାଉଛି। 'କେଜିଏଫ୍' ଫେମ୍ ଯଶ୍‌ଙ୍କ 'ଟକ୍ସିକ୍' ଇଦ୍ ଅବସରରେ ଆସନ୍ତା ୧୯ ମାର୍ଚ୍ଚରେ ରିଲିଜ୍ ହେବ। ଏହି ଦିନ ରଣବୀର ସିଂହଙ୍କ 'ଧୁରନ୍ଧର ପାର୍ଟ ୨' ମଧ୍ୟ ରିଲିଜ୍ ହେବ। ତେବେ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କରକୁ ଦେଖି ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ତାଙ୍କ କମେଡି ଫିଲ୍ମ 'ଧମାଲ୍ ୪'ର ରିଲିଜ୍‌କୁ ଆଗକୁ ଘୁଞ୍ଚାଇ ଦେଇଛନ୍ତି। ଏହା ମାର୍ଚ୍ଚ ୨୦ରେ ରିଲିଜ୍ ହେବାର ଥିଲା। ଅଜୟ ହିଁ ପ୍ରଥମ ବ୍ୟକ୍ତି ଯିଏ ତାଙ୍କ ଫିଲ୍ମକୁ ଇଦ୍ ଅବସରରେ ଘୋଷଣା କରିଥିଲେ। ଏବେ ଅଜୟ ଓ ତାଙ୍କ ଟିମ୍ ରିଲିଜ୍ ଡେଟ୍‌କୁ ଘୁଞ୍ଚାଇବା ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ମେ ମାସରେ ସେମାନେ ଏହି ଫିଲ୍ମକୁ ରିଲିଜ୍ କରିବା ପାଇଁ ଚିନ୍ତା କରୁଛନ୍ତି। ଏଠାରେ ପ୍ରକାଶ ଥାଉ କି, ଇଦ୍ ଅବସରରେ ଯଶ୍‌ଙ୍କ 'ଟକ୍ସିକ୍', ଅଦିବି ଶେଷଙ୍କ 'ଡକୈତ' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେବ। ଏଥିରେ ଯଶ୍‌ଙ୍କ ଫିଲ୍ମ ଭଲ ପ୍ରଦର୍ଶନ କରିବ ବୋଲି ଚର୍ଚ୍ଚା ହେଉଛି। କାରଣ ଏହା ହିନ୍ଦୀ, କନ୍ନଡ଼, ମଲାୟାଲମ୍, ତାମିଲ, ତେଲୁଗୁ ଭାଷାରେ ରିଲିଜ୍ ହେବ।

## ଆଜି ଚତୁର୍ଥ ଟି-୨୦

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ସୂର୍ଯ୍ୟ ସେନା

ଲକ୍ଷ୍ନୌ, ୧୬।୧୨ (ଏଜେନ୍ସି)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମୁକାବିଲା ବୁଧବାର ଖେଳାଯିବ। ସ୍ଥାନୀୟ ଏକାନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ରହିଥିବା ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏଠାରେ ବିଜୟୀ ହୋଇ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କିନ୍ତୁ ଏହି ମୁକାବିଲାକୁ ଜିତି ସିରିଜକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିବ। ପୂର୍ବରୁ ଟି-୨୦ ସିରିଜର ପ୍ରଥମ ଓ ୩ୟ ମ୍ୟାଚକୁ ଭାରତ ଯଥାକ୍ରମେ ୧୦୧ ରନ ଓ ୭ ୱିକେଟ୍‌ରେ ଜିତିଥିଲା। ଦ୍ୱିତୀୟ ମ୍ୟାଚକୁ ଦକ୍ଷିଣ ଆଫ୍ରିକା ୫୧ ରନରେ ବିଜୟୀ ହୋଇଥିଲା।

### ସଞ୍ଜୁଙ୍କୁ ମିଳିପାରେ ସୁଯୋଗ



ଘରୋଇ ଭାରତୀୟ ଦଳ ୨-୧ରେ ସିରିଜ ଅଗ୍ରଣୀ ରହିଥିଲେ ମଧ୍ୟ ଅଧିନାୟକ ସୂର୍ଯ୍ୟକୁମାର ଓ ଉପ-ଅଧିନାୟକ ଶୁବମନ ଗିଲ୍‌ଙ୍କ ଫର୍ମ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସବୁଠୁ ଚିନ୍ତାର କାରଣ ରହିଛି। ଗିଲ୍ ୩ଟି ଯାକ ମ୍ୟାଚରେ ଯଥାକ୍ରମେ ୪, ୦, ୨୮ ରନ କରିଛନ୍ତି। ସେହିଭଳି ସୂର୍ଯ୍ୟକୁମାର କଟକରେ ୧୨, ଚଣ୍ଡିଗଡ଼ରେ ୫ ଓ ତୃତୀୟ ଟି-୨୦ରେ ୧୨ ରନ କରିଥିଲେ। ତେଣୁ ଚତୁର୍ଥ ମୁକାବିଲାରେ ଗିଲ୍‌ଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରୁଥିବା ରିପୋର୍ଟରୁ ଜଣାପଡ଼ିଛି। ଯଦି ଗିଲ୍‌ଙ୍କୁ ବିଶ୍ରାମ ଦିଆଯାଏ ତେବେ ଇନଫର୍ମ ୱିକେଟ୍‌କିପର ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ। ସଞ୍ଜୁ ଗତବର୍ଷ ଟି-୨୦ରେ ୩ଟି ଶତକ ମାରିଥିଲେ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ**

## ଜାତୀୟ ସିନିଅର ହ୍ୟାଣ୍ଡବଲ୍

# ଓଡ଼ିଶା ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୧୬।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ମଙ୍ଗଳବାର ୨୮-୨୦ ସ୍କୋରରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଓଡ଼ିଶା ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଜାତୀୟସ୍ତରର ପ୍ରତିଯୋଗିତା ଲାଗି ଆଲୋକ କୁମାର ଭୋଇ ୧୮ ଜଣିଆ ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ସମ୍ବଲପୁରକୁ ହରାଇ ଫାଇନାଲ୍‌ରେ ସାଇ ଇଲେଭେନ




ଭାପୁର ତା୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଭୁବନେଶ୍ୱରର ସାଇ ଇଲେଭେନ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସାଇ ଇଲେଭେନ ୫୮ ରନରେ ଏମଏମସିସି ସମ୍ବଲପୁର ଦଳକୁ ହରାଇଥିଲା। ଟସ ଜିତି ସାଇ ଇଲେଭେନ ୨୦ ଓଭରରେ ୬ ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଆଦିତ୍ୟ ରାଉତ ୧୦୨ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ୫୫ ବଲର ଏହି ପାଳିରେ ସେ ୮ଟି ଛକା ଓ ୯ଟି ଚୌକା ମାରିଥିଲେ। ଜବାବରେ ୨୩୦ ରନର ଲକ୍ଷ୍ୟକୁ ପିଛା କରିଥିବା ସମ୍ବଲପୁର ଦଳ ୧୭୧ ରନରେ ସିମୀତ ରହିଥିଲା। ଆଦିତ୍ୟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆଜି ଖେଳିରେ ଦୁଇ ଆଇପିଏଲ ଖେଳାଳି ମୁମ୍ବାଇ ଇଣ୍ଡିଆନ୍ସର ଦୀପକ ପୁନିଆ ଓ ଓଡିଶା ଦଳର ଅଧିନାୟକ ବିପ୍ଳବ ସାମନ୍ତରାୟ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଦର୍ଶକ ମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲେ। ଅଧାପକ ପ୍ରସନ୍ନ ମହାରଣା ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଗ୍ରୁପ-ବି'ର ପ୍ରଥମ କ୍ୱାର୍ଟର କଳାହାଣ୍ଡି କ୍ରିକେଟ ଏକାଡେମୀ ସହ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## କୁଚ୍‌ବିହାର ଟ୍ରଫି

# ପ୍ରିୟାଂଶୁଙ୍କୁ ୭ ୱିକେଟ୍; ହିମାଚଳ ୧୮୧ରେ ସୀମିତ

ଭୁବନେଶ୍ୱର/ବଲାଙ୍ଗିର, ୧୬।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାରଠାରୁ ହିମାଚଳ ପ୍ରଦେଶ ବିପକ୍ଷରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ଭଲସ୍ଥିତିରେ ରହିଛି। ମ୍ୟାଚରେ ଭ୍ରମଣକାରୀ ହିମାଚଳ ପ୍ରଦେଶ ଟସ୍ ଜିତି ବ୍ୟାଟିଂ କରିଥିଲା। ତେବେ ଘରୋଇ ଦଳର ଦ୍ରୁତ ବୋଲର ପ୍ରିୟାଂଶୁ ମହାନ୍ତିଙ୍କ ବୋଲିଂକୁ ସାମ୍ନା କରି ନ ପାରି ଦଳ ପ୍ରଥମ ପାଳିରେ ୭୨.୩ ଓଭର ଖେଳି ୧୮୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ କଟରିୟା ସର୍ବାଧିକ ୫୭ ରନ କରିଥିଲେ। ବୋଲିଂରେ ପ୍ରିୟାଂଶୁ ୨୭.୩ ଓଭର ବୋଲିଂ କରି ୨ ମେଡେନ ସହ ୬୦ ରନ ବ୍ୟୟରେ ୭ଟି ୱିକେଟ୍ ନେଇ ହିମାଚଳ ପ୍ରଦେଶର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଷ୍ଟମ୍ପ ସୁଦ୍ଧା ୧୫ ଓଭରରେ କୌଣସି ୱିକେଟ୍ ନ ହରାଇ ୪୪ ରନ ସଂଗ୍ରହ କରିଛି। ସମ୍ବିତ ବେଜ ୨୫ ଓ ଅଭିରୂପ ଦାସ ୧୮ ରନ କରି ଖେଳୁଛନ୍ତି। ଇନିଂସ ଅଗ୍ରଣୀ ଲାଗି ଓଡ଼ିଶା ଆହୁରି ୧୩୮ ରନ ଆବଶ୍ୟକ କରୁଛି।



## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# ପଦକ ବିଜେତା କିଟ୍ ଖେଳାଳିଙ୍କୁ ଦିଆଗଲା ପ୍ରୋତ୍ସାହନ




ଭୁବନେଶ୍ୱର, ୧୬।୧୨ (ସମିସ)

ରାଜସ୍ଥାନରେ ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ବିଶ୍ୱବିଦ୍ୟାଳୟ ଦମ୍‌ଦାର ପ୍ରଦର୍ଶନ କରି ୨୧ଟି ପଦକ ବିଜୟୀ ହୋଇଥିଲା। ଯେଉଁଥିରେ ୧୦ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ରହିଥିଲା। ଭାରତର ୨୨୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଟପ୍-୭ରେ ରହି ପୂର୍ବାଞ୍ଚଳର ଶ୍ରେଷ୍ଠ ପଦକ ବିଜେତା ଭାବେ ଅଭିଯାନ ଶେଷ କରିଥିଲା। ଏହି ଅବସରରେ ମଙ୍ଗଳବାର ପଦକ ବିଜେତା କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରାଯାଇଥିଲା। ଏଥିରେ ବ୍ୟକ୍ତିଗତ ଓ ଦଳଗତ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଟଙ୍କା ଓ କାଂସ୍ୟ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। 'ଏହା କେବଳ କିଟ୍ ଓ କିସ୍ ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶଶ ପାଇଁ ଗର୍ବ ଓ ଗୌରବର ବିଷୟ। ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ୍ୟ ପଦକ ହାସଲ କରିବେ' ବୋଲି ଶ୍ରୀ ସାମନ୍ତ ଆଶାବ୍ୟକ୍ତ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫେନ୍‌ସିଙ୍ଗ୍ ପ୍ରଶିକ୍ଷଣ ଶିବିରରେ ୩୦ ଖେଳାଳି




ଭୁବନେଶ୍ୱର,୧୬।୧୨ (ସମିସ): ୩୩ତମ ଜାତୀୟ କନିଷ୍ଠ ଫେନସିଙ୍ଗ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୫-୧୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା କଟକ ରେ ଅନୁଷ୍ଠିତ ହେବ ଏନେଇ ଆଜି ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଫେନ୍‌ସିଙ୍ଗ୍ ହଲ୍‌ଠାରେ ଓଡିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୬ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ମୋଟ ୩୦ ଜଣ ଖେଳାଳି ପ୍ରଶିକ୍ଷଣ ଶିବିର ରେ ରହିବେ ଏବଂ ତାଙ୍କୁ ସାତ ଜଣ କୋଚ ତାଲିମ ପ୍ରଦାନ କରିବେ। ଏଥିରୁ କନିଷ୍ଠ ବର୍ଗରୁ ୨୪ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ବଛାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗିର ଅତିରିକ୍ତ ଏସ.ପି ଶ୍ରୀଯୁକ୍ତ ଗୁଣନିଧି ମଲ୍ଲିକ, ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଅସିଚାଳନା କୋଚ୍ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁକାନ୍ତ ସେଠ, କରିଶ୍ମା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସୁଭଦ୍ରା ବେହେରା, ବୁଦ୍ଧିରାଜ ବିଶ୍ୱାଳ, ସସ୍ମିତା ଗଡତିଆ, ଜିତେନ୍ଦ୍ର ନାଏକ, କରୁଣା କର ନାଏକ, ବିଭୁତି ସ୍ୱାଇଁ ଉପସ୍ଥିତ ଥିଲେ।

## ଆଇପିଏଲ୍-୧୯ ମିନି ନିଲାମୀ: ସବୁଠୁ ଦାମି ବିଦେଶୀ ଖେଳାଳି ରେକର୍ଡ ଭାଙ୍ଗିଲା

# ୨୬ ବର୍ଷୀୟ ଗ୍ରୀନ୍ ୨୫.୨୦ କୋଟିରେ ବିକ୍ରି

ଆବୁଧାବି, ୧୬।୧୨ (ଏଜେନ୍ସି)

ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆବୁଧାବିରେ ଅନୁଷ୍ଠିତ ଏହି ଦିନିକିଆ ଖେଳାଳି କ୍ରୟ ପ୍ରକ୍ରିୟାରେ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର କ୍ରିସ୍ ଗ୍ରୀନ ଏଥର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଫ୍ରାଞ୍ଚାଇଜ ୨୬ ବର୍ଷୀୟ ଗ୍ରୀନଙ୍କୁ ୨୫.୨୦ କୋଟି ଟଙ୍କାରେ କ୍ରୟ କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସରେ ସବୁଠୁ ମହଙ୍ଗା ବିଦେଶୀ ଖେଳାଳି ହୋଇଛନ୍ତି। ପୂର୍ବରୁ ଦାମି ବିଦେଶୀ ଖେଳାଳି ଟ୍ୟାଗ୍ ସମାନ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କଙ୍କଠାରେ ଲାଗିଥିଲା। ୨୦୨୪ ନିଲାମୀରେ କେକେଆର୍ ଫ୍ରାଞ୍ଚାଇଜ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ କ୍ରୟ କରିଥିଲା। ଏଥର ନିଲାମୀରେ ମୋଟ୍ ୩୬୯ଜଣ ଖେଳାଳିଙ୍କ ମଧ୍ୟରୁ ୭୭ଜଣ କ୍ରୟ ହୋଇଛନ୍ତି। ଏଥିଲାଗି ୧୦ଟି ଯାକ ଫ୍ରାଞ୍ଚାଇଜ ମୋଟ୍ ୨୧୫.୪୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କ୍ରୟ ହୋଇଥିବା ୭୭ଜଣ ଖେଳାଳିଙ୍କ ମଧ୍ୟରେ ୨୯ଜଣ ବିଦେଶୀ ଓ ୪୮ଜଣ ଭାରତୀୟ ଖେଳାଳି ରହିଛନ୍ତି। ଆଇପିଏଲ୍‌ର ୧୯ତମ ସଂସ୍କରଣ ମାର୍ଚ୍ଚ ୨୬ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଖେଳାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। କିନ୍ତୁ ଅଫିସିଆଲ୍ ଘୋଷଣା ଏପର୍ଯ୍ୟନ୍ତ ହୋଇଛି।



କ୍ରିସ୍ ଗ୍ରୀନ



କାର୍ତ୍ତିକ ଶର୍ମା



ପ୍ରଶାନ୍ତ ବୀର

### କାହିଁକି ୧୮ କୋଟି ପାଇବେ ଗ୍ରୀନ

ଅଷ୍ଟ୍ରେଲିଆର ଗ୍ରୀନଙ୍କୁ କୋଲକାତା ୨୫.୨୦ କୋଟି ଟଙ୍କାରେ ଏଥର ନିଲାମୀରେ କ୍ରୟ କରିଛି। ନିଲାମୀ ସମୟରେ ଗ୍ରୀନଙ୍କୁ ନେବା ପାଇଁ କୋଲକାତା ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସକେ) ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା। ସିଏସ୍‌କେ ୨୫ କୋଟି ପର୍ଯ୍ୟନ୍ତ ବାଜି ଲଗାଇଥିଲା। କିନ୍ତୁ ଶେଷରେ କୋଲକାତା ୨୫.୨୦ କୋଟି ସହ ବାଜିମାତ୍ କରିନେଇଥିଲା। ଗ୍ରୀନଙ୍କ ମୂଳ ଦର ୨ କୋଟି ରହିଥିବାବେଳେ ସେ ପାଖାପାଖି ୧୩ ଗୁଣା ମୂଲ୍ୟରେ ବିକ୍ରି ହୋଇଥିଲେ। ଗ୍ରୀନ ୨୫.୨୦ କୋଟି ଟଙ୍କାରେ କ୍ରୟ ହୋଇଥିଲେ ମଧ୍ୟ ପ୍ରାପ୍ୟ ବାବଦକୁ ସେ ୧୮ କୋଟି ଟଙ୍କା ପାଇବେ। ଆଇପିଏଲ୍‌ର ମିନି ନିଲାମୀରେ ବିଦେଶୀ ଖେଳାଳିଙ୍କ ଲାଗି ରହିଥିବା 'ମ୍ୟାକ୍ସିମମ୍ ଫି' ନିୟମ ଅନୁଯାୟୀ ବଳକା ୭.୨୦ କୋଟି ଟଙ୍କା ବିସିସିଆଇର ଖେଳାଳି କଲ୍ୟାଣ କାର୍ଯ୍ୟକ୍ରମକୁ ଯିବ।

### ଦୁଇ ଖେଳାଳିଙ୍କ ପାଇଁ ୪୩.୨୦ କୋଟି ଖର୍ଚ୍ଚ କଲା କେକେଆର

ମଙ୍ଗଳବାର ନିଲାମୀରେ ସବୁଠୁ ମହଙ୍ଗା ଖେଳାଳି ଦ୍ୱୟ ରହିଥିଲେ କାମେରନ ଗ୍ରୀନ ଓ ମଥିଶା ପତିରାଣା। ଏହି ଦୁଇ ଖେଳାଳିଙ୍କୁ କୋଲକାତା ଫ୍ରାଞ୍ଚାଇଜ ଯଥାକ୍ରମେ ୨୫.୨୦ କୋଟି ଓ ୧୮ କୋଟି ଟଙ୍କାରେ କ୍ରୟ କରିଥିଲେ। ଫଳରେ ଏହି ଦୁଇଜଣ ଖେଳାଳିଙ୍କୁ କ୍ରୟ କରିବା ଲାଗି ଶାହରୁଖ ଖାନଙ୍କ କେକେଆର ଫ୍ରାଞ୍ଚାଇଜ ୪୩.୨୦ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

### ମହଙ୍ଗା ଅନକ୍ୟାପଡ୍ ଖେଳାଳି ପ୍ରଶାନ୍ତ, କାର୍ତ୍ତିକ

ସେହିଭଳି ଏଥର ମିନି ନିଲାମୀରେ ସବୁଠୁ ଚର୍ଚ୍ଚାରେ ରହିଥିଲା ସର୍ବାଧିକଥରର ଟାଇଟଲ୍ ବିଜେତା ଚେନ୍ନାଇ ସୁପର କିଙ୍ଗ୍‌ସ। ଚେନ୍ନାଇ ଦୁଇଜଣ ଅପରିଚିତ ଖେଳାଳିଙ୍କୁ କ୍ରୟ କରିବା ଲାଗି ୨୮.୪୦ କୋଟି ଟଙ୍କା ବ୍ୟୟ କରିଥିଲା। ସେହି ଦୁଇଜଣ ଖେଳାଳି ହେଲେ ଉତ୍ତର ପ୍ରଦେଶ ଅଲ୍‌ରାଉଣ୍ଡର ପ୍ରଶାନ୍ତ ବୀର ଓ ରାଜସ୍ଥାନର ୱିକେଟକିପର କାର୍ତ୍ତିକ ଶର୍ମା। ଉଭୟଙ୍କୁ ଚେନ୍ନାଇ ୧୪.୨୦ କୋଟି ଲେଖାଏରେ କିଣି ଦଳରେ ସାମିଲ କରିଛି। ଉଭୟଙ୍କ ମୂଳ ଦଳ ୩୦ ଲକ୍ଷ ଟଙ୍କା ରହିଥିଲା। ଅର୍ଥାତ୍ ଏମାନେ ମୂଳଦରରୁ ୪୯ ଗୁଣା ଅଧିକ ମୂଲ୍ୟରେ ନିଲାମୀରେ କ୍ରୟ ହୋଇଥିଲେ। ସେହିଭଳି ଆଇପିଏଲ୍ ଇତିହାସରେ ଅନକ୍ୟାପଡ୍ ଅର୍ଥାତ୍ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଉଭୟ ସର୍ବାଧିକ ମୂଲ୍ୟରେ ବିକ୍ରି ହେବାର ନୂଆ ରେକର୍ଡ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଆଭେସ ଖାନଙ୍କ ନାମରେ ରହିଥିଲା। ୨୦୨୨ ନିଲାମୀରେ ଲକ୍ଷ୍ନୌ ଆଭେସଙ୍କୁ ୧୦ କୋଟି ଟଙ୍କାରେ ଦଳରେ ସାମିଲ କରିଥିଲା।

### ଚର୍ଚ୍ଚିତ କ୍ରୟ

| ଖେଳାଳି | ଟିମ୍ | ମୂଳଦର | କ୍ରୟମୂଲ୍ୟ (କୋଟି) |
|---|---|---|---|
| କାମେରନ ଗ୍ରୀନ | କୋଲକାତା | ୨ କୋଟି | ୨୫.୨୦ |
| ମଥିଶା ପତିରାଣା | କୋଲକାତା | ୨ କୋଟି | ୧୮.୦୦ |
| ପ୍ରଶାନ୍ତ ବୀର | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| କାର୍ତ୍ତିକ ଶର୍ମା | ଚେନ୍ନାଇ | ୩୦ ଲକ୍ଷ | ୧୪.୨୦ |
| ଲିଆମ ଲିଭିଂଷ୍ଟୋନ | ହାଇଦରାବାଦ୍ | ୨ କୋଟି | ୧୩.୦୦ |
| ମୁସ୍ତାଫିଜୁର ରେହମାନ | କୋଲକାତା | ୨ କୋଟି | ୯.୨୦ |
| ଜୋଶ୍ ଇଂଲିଶ | ଲକ୍ଷ୍ନୌ | ୨ କୋଟି | ୮.୬୦ |
| ଆକିବ ଦାର | ଦିଲ୍ଲୀ | ୩୦ ଲକ୍ଷ | ୮.୪୦ |
| ରବି ବିଷ୍ଣୋଇ | ରାଜସ୍ଥାନ | ୨ କୋଟି | ୭.୨୦ |
| ଜାସନ ହୋଲ୍ଡର | ଗୁଜରାଟ | ୨ କୋଟି | ୭.୦୦ |
| ଭେଙ୍କଟେଶ ଆୟର | ବେଙ୍ଗାଲୁରୁ | ୨ କୋଟି | ୭.୦୦ |
| ରାହୁଲ ଚହର | ଚେନ୍ନାଇ | ୧ କୋଟି | ୫.୨୦ |
| ମଙ୍ଗେଶ ଯାଦବ | ବେଙ୍ଗାଲୁରୁ | ୩୦ ଲକ୍ଷ | ୫.୨୦ |
| ବେନ୍ ଡାରୱିସ | ପଞ୍ଜାବ | ୧ କୋଟି | ୪.୪୦ |
| ପାଥୁମ ନିଶାଙ୍କ | ଦିଲ୍ଲୀ | ୭୫ ଲକ୍ଷ | ୪.୦୦ |

### ହୋପ୍, କନୱେ ଅଲୋଡ଼ା ରହିଲେ

ଏହି ମିନି ନିଲାମୀରେ ଅନେକ ତାରକା ଖେଳାଳି ଅଲୋଡ଼ା ରହିଛନ୍ତି। ଅର୍ଥାତ୍ ସେମାନଙ୍କୁ ନେବାକୁ ଅଂଶଗ୍ରହଣକାରୀ ୧୦ଟି ଯାକ ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ। ଏହି ତାରକା ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ଜନ୍ନୀ ବେୟରଷ୍ଟୋ, ସାଇ ହୋପ୍, ଡେଭନ କନୱେ, ଜେକ ଫ୍ରେଜର-ମ୍ୟାକଗର୍କ, ଜେମି ସ୍ମିଥ, ଗସ୍ ଆଟକିନସନ, ମହୀଷ ଥିକସାନା, ଷ୍ଟିଭ ସ୍ମିଥ୍, ଟମ୍ କୁରାନ, ଉମେଶ ଯାଦବ, ରୋଷ୍ଟନ ଚେଜ, ଝେ ରିଚାର୍ଡସନ, ରିଜା ହେଣ୍ଡ୍ରିକ୍ସ, କୁଶଲ ପେରେରା, ମୟଙ୍କ ଅଗରୱାଲ, ଶ୍ରୀକର ଭରତ, ନବଦୀପ୍ ସଇନି, ମହିପାଲ ଲୋମରର, କରନ ଶର୍ମା ମଧ୍ୟ ନିଲାମୀରେ ଅଲୋଡ଼ା ରହିଛନ୍ତି।

**ଓଡ଼ିଆ ଖେଳାଳି ନିରାଶ**

ସେହିଭଳି ଦୁଇ ଓଡ଼ିଆ ଖେଳାଳି ରାଜେଶ ମହାନ୍ତି ଓ ସ୍ୱସ୍ତିକ ସାମଲଙ୍କୁ କ୍ରୟ କରିବାକୁ କୌଣସି ଫ୍ରାଞ୍ଚାଇଜ ଆଗ୍ରହ ଦେଖାଇ ନ ଥିଲେ।


## ଆମେରିକା ଓପନ୍ ଖେଳିବେ ସୌମ୍ୟ



ଭୁବନେଶ୍ୱର, ୧୬।୧୨ (ସମିସ): ଓଡ଼ିଶାର ଅଭିଜ୍ଞ ଚେସ୍ ଖେଳାଳି ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ନର୍ଥ ଆମେରିକା ଓପନ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଲସ୍ ଭେଗାସରେ ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୫ରୁ ଆରମ୍ଭ ହେବ। ଏଥିପୂର୍ବରୁ ସୌମ୍ୟ ଆଉ ଏକ ଇଣ୍ଟରନ୍ୟାସନାଲ ରେଟିଂ ଟୁର୍ଣ୍ଣାମେଣ୍ଟ କାଲିଫୋର୍ନିଆରେ ଖେଳିବେ। ଏହା ଡିସେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ସମର୍ଥନ ଲାଗି ସୌମ୍ୟ ରାଜ୍ୟ କ୍ରୀଡ଼ା ବିଭାଗ ଓ ନିଜର କର୍ମ ସଂସ୍ଥା ଡାକ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

## ଜାତୀୟ ଭଲିବଲ୍: ଓଡ଼ିଶାର ଡବଲ୍ ବିଜୟ

ଭୁବନେଶ୍ୱର, ୧୬।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ୪୯ତମ ଜାତୀୟ ଜୁନିଅର ଭଲିବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ଡବଲ୍ ବିଜୟ ହାସଲ କରିଛି। ମଙ୍ଗଳବାର ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଶ୍ରୀବିଦ୍ୟା ଦାଶଙ୍କ ନେତୃତ୍ୱାଧୀନ ବାଳିକା ଦଳ ୩-୦ (୨୫-୧୩, ୨୫-୬, ୨୫-୩)ରେ ଲଦାଖକୁ ପରାସ୍ତ କରିଥିଲା। ସେହିଭଳି ଓଡ଼ିଶା ବାଳକ ଦଳ ସମାନ ୩-୦ ସେଟ୍ (୨୫-୧୮, ୨୫-୧୫, ୨୫-୧୪)ରେ ଦଦ୍ରା ଓ ନଗର ହାବେଳୀକୁ ହରାଇଛି। ଏହି ଅବସରରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ

EXECUTIVE EDITOR: SAMARENDU DAS